ସାପ୍ତାହିକ ସ୍ୱୀକାର
Postal Regd. No.: SBP/RN-01/2022-2024
The Sweekar स्वीकार
www.sweekarweekly.com
ପ୍ରତିଷ୍ଠାତା ସମ୍ପାଦକ : ସ୍ୱ ଶରତ ନାରାୟଣ ବେହେରା
RNI No. 66443/94
Vol.26 | Issue - 5 | 30 January- 5 February 2022 | Sambalpur | Page-12 | Invitation Price Rs.10

# ଓଡ଼ିଶାରୁ ପାଇବେ ୭ ଜଣ ପଦ୍ମ ସମ୍ମାନ



ପ୍ରତିଭା ରାୟ, ଗୁରୁପ୍ରସାଦ ମହାପାତ୍ର, ବାବା ବଳିଆ, ପ୍ରମୋଦ ଭଗତ, ନୃସିଂହ ଗୁରୁ, ଶ୍ୟାମାମଣି ଦେବୀ, ଆଦିତ୍ୟ ଦାଶ

ସମ୍ବଲପୁର : ବିଭିନ୍ନ କ୍ଷେତ୍ରରେ ବିଶେଷ ସଫଳତା ହାସଲ କରିଥିବା ବ୍ୟକ୍ତି ବିଶେଷଙ୍କ ନାମ ଦେଶର ଦ୍ୱିତୀୟ ସର୍ବୋଚ୍ଚ ବେସାମରିକ ସମ୍ମାନ 'ପଦ୍ମ' ପୁରସ୍କାର ପାଇଁ ଘୋଷଣା କରାଯାଇଛି । ଚଳିତ ବର୍ଷ ମୋଟ ୧୨୮ ଜଣ 'ପଦ୍ମ ସମ୍ମାନ' ପାଇବାକୁ ମନୋନୀତ ହୋଇଛନ୍ତି । ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଦ୍ୱାରା ସ୍ୱୀକୃତ ତାଲିକାରେ ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କ ମଧ୍ୟରେ ୪ ଜଣଙ୍କୁ ପଦ୍ମ ବିଭୂଷଣ, ୧୭ ଜଣଙ୍କୁ ପଦ୍ମଭୂଷଣ ଓ ୧୦୭ ଜଣଙ୍କୁ ପଦ୍ମଶ୍ରୀ ସମ୍ମାନ ପ୍ରଦାନ କରାଯିବ ।

ଏଥିରେ ଓଡ଼ିଶାର ୭ ଜଣ ଓଡ଼ିଆଙ୍କୁ ପଦ୍ମ ସମ୍ମାନ ପାଇଁ ମନୋନୀତ କରାଯାଇଛି । ସେମାନଙ୍କ ମଧ୍ୟରେ ବିଶିଷ୍ଟ ଲେଖିକା, ଔପନ୍ୟାସିକା, ସାହିତ୍ୟିକା ତଥା ଜ୍ଞାନପୀଠ ବିଜୟିନୀ ଡ଼କ୍ଟର ପ୍ରତିଭା ରାୟଙ୍କୁ ପଦ୍ମଭୂଷଣ ସମ୍ମାନ ପ୍ରଦାନ ନିମନ୍ତେ ମନୋନୀତ କରାଯାଇ ଥିବାବେଳେ କଳା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଶାସ୍ତ୍ରୀୟ ଗାୟିକା ଶ୍ୟାମାମଣି ଦେବୀ, ଶିକ୍ଷା କ୍ଷେତ୍ରରେ ନରସିଂହ ପ୍ରସାଦ ଗୁରୁ, କ୍ରୀଡା କ୍ଷେତ୍ରରେ ପ୍ରମୋଦ ଭଗତ, ସମାଜସେବା ନିମନ୍ତେ ବାବା ବଳିଆ ଏବଂ ବିଜ୍ଞାନ ଓ ଇଞ୍ଜିନିୟରିଂ କ୍ଷେତ୍ର ପାଇଁ ଆଦିତ୍ୟ ପ୍ରସାଦ ଦାଶଙ୍କ ନାମ ପଦ୍ମଶ୍ରୀ ପୁରସ୍କାର ପାଇଁ ମନୋନୀତ କରାଯାଇଛି । ଏମାନଙ୍କ ବ୍ୟତୀତ ଦିଲ୍ଲୀରେ ଅବସ୍ଥାପିତ ଥାଇ ନିକଟରେ ପରଲୋକ ଘଟିଥିବା ଓଡ଼ିଆ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ଗୁରୁପ୍ରସାଦ ମହାପାତ୍ରଙ୍କୁ ମରଣୋତ୍ତର ଭାବରେ ପଦ୍ମଶ୍ରୀ ସମ୍ମାନ ପ୍ରଦାନ ଲାଗି ଘୋଷଣା କରାଯାଇଛି ।

# ଓଡ଼ିଶା କ୍ରୀଡ଼ା ଗୌରବର ପଦ୍ମ ପ୍ରମୋଦ ଭଗତ

ସମ୍ବଲପୁର : ରାଜ୍ୟର ପ୍ରଥମ ପାରା କ୍ରୀଡ଼ାବିତ ଭାବେ ପାରା ଅଲିମ୍ପିକ୍ସ ସ୍ୱର୍ଣ୍ଣ ବିଜେତା ପ୍ରମୋଦ ଭଗତ୍ ପଦ୍ମଶ୍ରୀ ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି । ୨୦୨୧ ପାରା ଅଲିମ୍ପିକ୍ସରେ ଦେଶର ପ୍ରଥମ ବ୍ୟାଡ଼ମିଣ୍ଟନ ଖେଳାଳି ଭାବେ (ଏସଏଲ-୩) ସ୍ୱର୍ଣ୍ଣ ପଦକ ଜିତିଥିଲେ । ଏହାପରେ ତାଙ୍କୁ ମେଜର ଧ୍ୟାନଚାନ୍ଦ ଖେଳରତ୍ନ ପୁରସ୍କାର ପ୍ରଦାନ କରାଯାଇଥିଲା । ୨୦୧୯ ରେ ତାଙ୍କୁ ଅର୍ଜୁନ ପୁରସ୍କାର ମିଳିଥିଲା । ଖେଳରତ୍ନ ପାଇବାରେ ପ୍ରମୋଦ ପ୍ରଥମ ଓଡ଼ିଆ କ୍ରୀଡ଼ାବିତ୍ । ପୂର୍ବରୁ ୨୦୦୪ ରେ ଦିଲ୍ଲୀପ ତିର୍କୀ ଏବଂ ୨୦୧୦ ରେ ଇଗ୍ନେସ ତିର୍କୀଙ୍କୁ ପଦ୍ମଶ୍ରୀ ପୁରସ୍କାର ମିଳିଥିଲା ।



ଟୋକିଓ ପାରାଅଲିମ୍ପିକ୍ସର ଏସଏଲ-୩ ପୁରୁଷ ସିଙ୍ଗଲ୍ସ ଫାଇନାଲରେ ବ୍ରିଟେନର ଡାନିଏଲ୍ ବେଥେଲଙ୍କ ବିପକ୍ଷରେ ଚମତ୍କାର ପ୍ରଦର୍ଶନ କରି ପ୍ରମୋଦ ମ୍ୟାଚ୍ ବିଜୟୀ ହୋଇ ଇତିହାସ ରଚିଥିଲେ । ଟୋକିଓ ଅଲିମ୍ପିକ୍ସରେ ବ୍ୟାଡ଼ମିଣ୍ଟନକୁ ପ୍ରଥମ ଥର ସାମିଲ କରାଯାଇଥିଲା । ଏଥିରେ ସ୍ୱର୍ଣ୍ଣ ପଦକ ଜିତି ପ୍ରମୋଦ ଦେଶକୁ ଗୌରବାନ୍ୱିତ କରିଥିଲେ ।

ବରଗଡ଼ ଜିଲ୍ଲା ଅତାବିରାରେ ପ୍ରମୋଦଙ୍କ ଜନ୍ମ । ୫ ବର୍ଷ ବୟସ ପର୍ଯ୍ୟନ୍ତ ସେ ସୁସ୍ଥ ଥିଲେ । ଅନ୍ୟ ପିଲାଙ୍କ ଭଳି ଖେଳୁଥିଲେ, ବୁଲୁଥିଲେ । ଏହାପରେ ତାଙ୍କ ବାମ ଗୋଡ଼ ପୋଲିଓ ଆକ୍ରାନ୍ତ ହୋଇଥିଲା । ତାଙ୍କୁ ମିଶାଇ ଘରେ ଭାଇ ଭଉଣୀ ମିଶି ଛଅ ଜଣ । ତେଣୁ ଚିକିତ୍ସା ପାଇଁ ଅର୍ଥ ବାଧକ ସାଜିଥିଲା । ଶେଷରେ ଯଦିବା ସେ ସୁସ୍ଥ ହେଲେ କିନ୍ତୁ ବାମ ଗୋଡ଼ରେ ସବୁଦିନ ସମସ୍ୟା ରହିଗଲା । ସାଙ୍ଗସାଥୀଙ୍କ ସହ ଖେଳିବା, ବୁଲିବାରେ ଲାଗିଲା ଅଙ୍କୁଶ । କାରଣ ସେମାନେ ଯେମିତି ଦୌଡ଼ି ପାରୁଥିଲେ, ପ୍ରମୋଦ ପାରୁ ନ ଥିଲେ । ଏଥିପାଇଁ ତାଙ୍କ ମନ ଭାରି ଦୁଃଖ ହେଉଥିଲା ।

ପିଲାଟି ଦିନରୁ ଖେଳକୁଦ ପ୍ରତି ତାଙ୍କର ପ୍ରବଳ ଆଗ୍ରହ ଥିଲା । ତାହା ବି ଆଉ ସ୍ୱାଭାବିକ ହୋଇପାରିଲା ନାହିଁ । ତଥାପି ସେ ଖେଳଠୁ ଦୂରେଇ ରହି ନ ଥିଲେ । ୧୩ ବର୍ଷ ବୟସ ବେଳକୁ ସେ ବ୍ୟାଡ଼ମିଣ୍ଟନ ଖେଳ ଦେଖି ପ୍ରଭାବିତ ହେଲେ । ବ୍ୟାଡ଼ମିଣ୍ଟନ ପ୍ରତି ତାଙ୍କର ଦୁର୍ବଳତା ବଢ଼ି ବଢ଼ି ଚାଲିଲା । ଭଙ୍ଗା ରାକେଟ୍ ଓ କର୍କ ଆଣି ଖେଳିବା ଆରମ୍ଭ କଲେ । ପରବର୍ତ୍ତୀ ସମୟରେ କୋଚ୍ ଶିବ ପ୍ରସାଦ ଦାସଙ୍କ ସଂସ୍ପର୍ଶରେ ଆସି ପାରା ବ୍ୟାଡ଼ମିଣ୍ଟନରେ ଖେଳିବା ଆରମ୍ଭ କଲେ । ୨୦୧୩ ମସିହାରୁ ଅନ୍ତର୍ଜାତୀୟ ଟୁର୍ଣ୍ଣାମେଣ୍ଟରେ ତାଙ୍କର ବିଜୟ ଯାତ୍ରା ଆରମ୍ଭ ହୋଇଥିଲା । ସେବେଠୁ ସେ ଆଉ ପଛକୁ ଫେରି ନାହାନ୍ତି ।

# ଜ୍ଞାନପୀଠ ପୁରସ୍କାର ପାଇବାରେ ଡକ୍ଟର ପ୍ରତିଭା ରାୟ ପ୍ରଥମ ଓଡ଼ିଆ ସାହିତ୍ୟିକା

ସମ୍ବଲପୁର : ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ପ୍ରସିଦ୍ଧି ଲାଭ କରିଥିବା ଓଡ଼ିଆ ଲେଖିକା ଜ୍ଞାନପୀଠ ପୁରସ୍କାର ପ୍ରାପ୍ତ ଡକ୍ଟର ପ୍ରତିଭା ରାୟ ହେଉଛନ୍ତି ପ୍ରଥମ ଓଡ଼ିଆ ସାହିତ୍ୟିକା । ଜ୍ଞାନପୀଠ ପୁରସ୍କାରରେ ସମ୍ମାନିତ ହେବାରେ ସେ ହେଉଛନ୍ତି ଚତୁର୍ଥ ଓଡ଼ିଆ ଏବଂ ଭାରତର ସପ୍ତମ ମହିଳା ଲେଖକ । ୧୯୭୪ ରେ ତାଙ୍କ ପ୍ରଥମ ଉପନ୍ୟାସ 'ବର୍ଷା ବସନ୍ତ ଓ ବୈଶାଖ' ପାଠକୀୟ ସ୍ୱୀକୃତି ଲାଭ କରିଥିଲା । ତାଙ୍କ ରଚିତ ଯାଜ୍ଞସେନୀ' (୧୯୮୫) ପୁସ୍ତକ ଲାଗି ୧୯୯୦ ରେ ସେ ଶାରଳା ପୁରସ୍କାର ଓ ୧୯୯୧ ରେ ଦେଶର ପ୍ରଥମ ମହିଳା ଭାବେ ମୂର୍ତ୍ତିଦେବୀ ପୁରସ୍କାର ଲାଭ କରିଥିଲେ । ପରବର୍ତ୍ତୀ ସମୟରେ ଏହି ପୁସ୍ତକଟି ବିଭିନ୍ନ ଭାଷାରେ ଅନୁଦିତ ହେବା ସହ ତା'ର ଅନେକ ସଂସ୍କରଣ ପ୍ରକାଶ ପାଇ ପାଠକୀୟ ଆଦୃତି ପାଇ ଚାଲିଛି । ଡକ୍ଟର ରାୟ ବିଦ୍ୟାଳୟର ଶିକ୍ଷକ ଭାବେ ବୃତ୍ତିଗତ ଜୀବନ ଆରମ୍ଭ କରିଥିଲେ ଓ ପରେ ୧୯୯୮ ରେ ପ୍ରାଧାପକ ଭାବେ ସ୍ୱେଚ୍ଛାକୃତ ଅବସର ଗ୍ରହଣ କରି ଓଡ଼ିଶା ଲୋକ ସେବା ଆୟୋଗର ସଦସ୍ୟ ଭାବେ ଯୋଗଦାନ କରିଥିଲେ । ଜଗତସିଂହପୁର ଜିଲ୍ଲା ବାଲିକୁଦା ଆଲବୋଳ ଠାରେ ୧୯୪୩ ଜାନୁଆରୀ ୨୧ ରେ ଜନ୍ମିତ ଡକ୍ଟର ରାୟ ୨୩ ଟି ଉପନ୍ୟାସ, ୨୮ଟି କ୍ଷୁଦ୍ର ଗଳ୍ପ ସଙ୍କଳନ, ୧୦ଟି ଭ୍ରମଣ କାହାଣୀ, ୨ ଟି କବିତା ସଙ୍କଳନ ଓ ଅନେକ ପ୍ରବନ୍ଧର ରଚୟିତା । ସାହିତ୍ୟ ରଚନା ପାଇଁ 'ଶିଳାପଦ୍ମ' ପାଇଁ ୧୯୮୬ ରେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର, ସେ ୨୦୦୦ରେ ସାହିତ୍ୟ ଏକାଡେମୀ ଓ ୨୦୦୭ ରେ ପଦ୍ମଶ୍ରୀ ସମ୍ମାନ ପାଇଥିଲେ ।



# ପୂର୍ବତନ ବିଧାୟକ ରାଜୀବ ହୋତାଙ୍କ ପରଲୋକ

ବରଗଡ଼ : ବିଜେପୁରର ପୂର୍ବତନ ବିଧାୟକ ରାଜୀବ ଲୋଚନ ହୋତାଙ୍କ ପରଲୋକ ହୋଇଛି । ସେ ତାଙ୍କ ପଛରେ ୩ ପୁଅ ନରେନ୍ଦ୍ର, ମନୋଜ, ସରୋଜ, ଏକମାତ୍ର ଝିଅ ଜ୍ୟୋସ୍ନା ବୋହୂ, ଜ୍ୱାଇଁ, ନାତିନାତୁଣୀ ଓ ଆତ୍ମୀୟ ସ୍ୱଜନଙ୍କୁ ଛାଡ଼ି ଯାଇଛନ୍ତି ।



ଅବଶିଷ୍ଟାଂଶ ୧୧ ପୃଷ୍ଠାରେ

# 'ପଶ୍ଚିମ ଓଡ଼ିଶାର ଗାନ୍ଧୀ' ନୃସିଂହ ଗୁରୁଙ୍କ ଗାଁକୁ ଭଲ ରାସ୍ତାଟିଏ ନାହିଁ

ସମ୍ବଲପୁର : ସ୍ୱାଧୀନତା ସଂଗ୍ରାମୀମାନେ ବହୁ କଷ୍ଟ ସ୍ୱୀକାର କରି ଆମ ଦେଶକୁ ବ୍ରିଟିଶ କବଳରୁ ମୁକ୍ତ କରିଥିଲେ । ତେବେ ତା' ବଦଳରେ ବହୁ ସ୍ୱାଧୀନତା ସଂଗ୍ରାମୀଙ୍କୁ ସାମାନ୍ୟତମ ସୁବିଧା ଦେବାକୁ ମଧ ଦେଶ ଆଗେଇ ଆସିନାହିଁ । ଏପରି ଏକ ଉଦାହରଣ ଦେଖିବାକୁ ମିଳିଛି ସମ୍ବଲପୁର ଜିଲ୍ଲାରେ । ଦେଶ ସ୍ୱାଧୀନ ହେବାର ୭୫ ବର୍ଷ ପରେ ମଧ 'ପଶ୍ଚିମ ଓଡ଼ିଶାର ଗାନ୍ଧୀ' ରୂପେ ପରିଚିତ ସ୍ୱାଧୀନତା ସଂଗ୍ରାମୀ ନୃସିଂହ ଗୁରୁ ଜନ୍ମ ଗ୍ରହଣ କରିଥିବା ଶାସନ ଥାନା ଅନ୍ତର୍ଗତ ଗୁରୁପାଲି ଗ୍ରାମକୁ ଯିବା ପାଇଁ ଗୋଟିଏ ଭଲ ରାସ୍ତା ନାହିଁ । ଫଳରେ ଗ୍ରାମବାସୀମାନେ ନାହିଁ ନ ଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି ।

ରାସ୍ତାଟି ଖାଲ ଢ଼ିପରେ ଭରି ରହିଛି । କଚ୍ଚା ଓ ଅଣଓସାରିଆ ମାଟି ରାସ୍ତା ସାଙ୍ଗକୁ ଖାଲଖମା ଗାଁ ଲୋକଙ୍କ ଦୈନିକ ଯାତାୟତରେ ବାଧା ସୃଷ୍ଟି କରୁଛି । ଖରା ଓ ଶୀତଦିନେ କଷ୍ଟେମଷ୍ଟେ ଯିବା ଆସିବା କରୁଥିବା ଗାଁ ଲୋକଙ୍କ ଦୁର୍ଦ୍ଦଶା ବର୍ଷା ଦିନେ କହିଲେ ନ ସରେ । ଚାରିଚକିଆ ମଟରଗାଡ଼ି ତ ଦୂରର କଥା ଦୁଇ ଚକିଆ ମଟର ସାଇକଲ ମଧ ଚାଲିପାରେ ନାହିଁ । ବେଳେବେଳେ ଲୋକମାନେ ତାଙ୍କର ଗାଡ଼ି ପାଖ ଗାଁରେ ରଖି ଚାଲି ଚାଲି ଆସିବାକୁ ବାଧ ହୋଇ ଥାଆନ୍ତି । ରାସ୍ତା ନିର୍ମାଣ ପାଇଁ ଗ୍ରାମବାସୀମାନେ ବିଡ଼ିଓଙ୍କ ଠାରୁ ଆରମ୍ଭ କରି ଜିଲ୍ଲା ପ୍ରଶାସନ ପର୍ଯ୍ୟନ୍ତ ବର୍ଷ ଧରି ଗୁହାରୀ କରି ଆସିଛନ୍ତି । ହେଲେ ତାଙ୍କର ଏହି ନ୍ୟାର୍ଯ୍ୟ ଦାବି ପ୍ରତି କେହି କର୍ଣ୍ଣପାତ କରି ନାହାନ୍ତି । ପ୍ରଶାସନିକ ଅବହେଳାରେ ଅତିଷ୍ଠ ହୋଇ ପଡ଼ି ଅନନ୍ୟୋପାୟ ହୋଇ ଗ୍ରାମବାସୀମାନେ ଆଗାମୀ



ପଞ୍ଚାୟତ ନିର୍ବାଚନ ବର୍ଜ୍ଜନ କରିବାକୁ ନିଷ୍ପତ୍ତି ନେଇଛନ୍ତି । ଏ ସଂପର୍କରେ ସେମାନେ ଜିଲ୍ଲା ପ୍ରଶାସନକୁ ଲିଖିତ ଭାବେ ଜଣାଇ ଦେଇଛନ୍ତି । ଗତ ୨୭ ତାରିଖ ଦିନ ଗ୍ରାମବାସୀଙ୍କ ପକ୍ଷରୁ ଶ୍ରୀ ଶ୍ୟାମ ସୁନ୍ଦର ମିଶ୍ରଙ୍କ ନେତୃତ୍ୱରେ ଲକ୍ଷ୍ମଣ ବାଗ, ପଞ୍ଚାନନ ବାଗ, ଜଗନ୍ନାଥ ଦାଶ, ସୁଶାନ୍ତ ଅଦାବର ପ୍ରମୁଖ ଏକ ପ୍ରତିନିଧି ଦଳ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଅଦାମ୍ବର ମହାନ୍ତିଙ୍କୁ ସାକ୍ଷାତ କରି ଦାବିପତ୍ର ଦେଇଥିଲେ । ଗ୍ରାମବାସୀମାନଙ୍କ ଏହି ଚେତାବନୀ ପରେ ପ୍ରଶାସନ ପକ୍ଷରୁ ବିଡିଓ ଓ ତହସିଲଦାର ଗୁରୁପାଲି ଗ୍ରାମରେ ପହଞ୍ଚି ଗ୍ରାମବାସୀମାନଙ୍କ ସହ ଆଲୋଚନା କରି ରାସ୍ତା ନିର୍ମାଣ ବାବଦରେ ୧୦ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଥିବା କହିଥିଲେ । ତେବେ ୨ କିଲୋମିଟର ରାସ୍ତା ନିର୍ମାଣ ହେବା ପାଇଁ ପ୍ରାୟ ୩୭ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଥିବା ବେଳେ ୧୦ ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଥିବା ଯୋଗୁଁ ରାସ୍ତା ସମ୍ପୂର୍ଣ୍ଣ ହେବାର ଅସମ୍ଭବ ଜାଣି ଗ୍ରାମବାସୀମାନେ ତାଙ୍କର ନିଷ୍ପତ୍ତିରେ ଅଟଳ ରହିଛନ୍ତି । ଜିଲ୍ଲା ପ୍ରଶାସନର କୌଣସି ବରିଷ୍ଠ ଅଧିକାରୀ ରାସ୍ତାର ସମ୍ପୂର୍ଣ୍ଣ ନିର୍ମାଣର ପ୍ରତିଶ୍ରୁତି ଦେଲେ ଭୋଟ୍ ବର୍ଜନ ସମ୍ପର୍କରେ ସେମାନେ ପୁନଃ ବିଚାର କରିବେ ବୋଲି କହିଛନ୍ତି ।

## ଏ ସଂଖ୍ୟାରେ..



ଘୋଳ ଦହିର ସ୍ୱାସ୍ଥ୍ୟକର ଗୁଣ



ମୋଟାପଣ ଦୂର କରିବ ଆଖୁରସ



ଭଲ ନିଦ ଲାଗି ଚେରୀ ଖାଆନ୍ତୁ



ଲାଭଦାୟକ ଗୋଲମରିଚ



ଗ୍ରୀନ୍ ମଟରର ଉପକାରିତା

# ସୋହେଲା ପଞ୍ଚାୟତ ସମିତିର ୧୮ ସମିତି ସଭ୍ୟ, ୩ ସରପଞ୍ଚ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ

ବରଗଡ଼ : ସୋହେଲା ପଞ୍ଚାୟତ ସମିତିର ୨୭ଟି ପଞ୍ଚାୟତରୁ ୧୮ଜଣ ସମିତି ସଭ୍ୟ, ୩ଜଣ ସରପଞ୍ଚ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଛନ୍ତି । ବାଉଁସେନମୁରା ପଞ୍ଚାୟତର ଜ୍ୟୋତ୍ସ୍ନାମୟୀ ଭୁଏ, ବେହେରାପାଲି ପଞ୍ଚାୟତର ଆଦ୍ୟା ପଟେଲ, ବିଜାପାଲି ପଞ୍ଚାୟତର ନିଲିମା ବାରିକ, ଛୁରିଆପାଲି ପଞ୍ଚାୟତର ଦିବାକର ବରିହା, ଡୁମ୍ବେରପାଲି ପଞ୍ଚାୟତର ସୁଚିତ୍ରା ଲୁହା, ଘେଁସ ପଞ୍ଚାୟତର ଯଶୋଦା ବରିହା, ଜଟଲା ପଞ୍ଚାୟତର ବନିତା ନାଏକ, କଲଙ୍ଗାପାଲି ପଞ୍ଚାୟତର ଅମୃତ ପଧାନ, କନାପାଲି ପଞ୍ଚାୟତର ଦିବ୍ୟ କୁମାର ପ୍ରଧାନ, କନଗାଁ ପଞ୍ଚାୟତର ଦୟାସାଗର ସୁଇ, କରଣ୍ଡୋଲା ପଞ୍ଚାୟତର ରାଜେଶ୍ୱରୀ ଭୁଏ, କୁଚିପାଲି ପଞ୍ଚାୟତର ବବି ପଧାନ, ରେଙ୍ଗାଲି ପଞ୍ଚାୟତର ଦେହୁ ମହାନନ୍ଦ, ସନିମାଲ ପଞ୍ଚାୟତର ଦୀପାଞ୍ଜଳି ବୃହାନ, ସର୍କଣ୍ଡା ପଞ୍ଚାୟତର ସରସ୍ୱତୀ ବାଗ, ସୋହେଲା ପଞ୍ଚାୟତର ମାନୁ ଛତର, ଟୁଙ୍ଗି ବନ୍ଧଲୀ ପଞ୍ଚାୟତର ଜୟନ୍ତୀ ବିଶି ଓ ଲେବିଡି ପଞ୍ଚାୟତର ତ୍ରିବିକ୍ରମ ସାହୁ ସମିତି ସଭ୍ୟ ଭାବରେ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଛନ୍ତି । ସେହିପରି ବାଉଁସେନମୁରା ସରପଞ୍ଚ ପାଇଁ ଅଞ୍ଜଳି ସାହୁ, ଝର ପଞ୍ଚାୟତର ଅଶୋକ ବାରିକ ଓ ଡୁମ୍ବେରପାଲି ପଞ୍ଚାୟତର ଲିପିକା ବିଶି ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଛନ୍ତି । ସୋହେଲା ପଞ୍ଚାୟତ ସମିତି ୩୮୬ଟି ଓ୍ୱାର୍ଡକୁ ନେଇ ଗଠିତ । ଏଥରେ ୫୮ଟି ଓ୍ୱାର୍ଡ ପାଇଁ କେହି ପ୍ରାର୍ଥୀପତ୍ର ଦାଖଲ କରି ନାହାନ୍ତି । ଏବେ ୧୮ଟି ପଞ୍ଚାୟତରେ ସମିତି ସଭ୍ୟ ନିର୍ଦ୍ୱନ୍ଦରେ ନିର୍ବାଚିତ ହେବା ପରେ ଗର୍ଭଣା ପଞ୍ଚାୟତରେ ୪ଜଣ ପ୍ରାର୍ଥୀ ନିର୍ବାଚନ ମଇଦାନରେ ରହିଛନ୍ତି । ବିର୍ଜାମ, ଝର, ପଣ୍ଡକିପାଲି, ପାଣିମୋରା, ପେଟୁପାଲି, ସାଲେପାଲି, ଶ୍ରୀଗିଡା ଓ ତବଡା ପଞ୍ଚାୟତରେ ୨ଜଣ ଲେଖାଏଁ ପ୍ରାର୍ଥୀ ନିର୍ବାଚନ ମଇଦାନରେ ରହିଛନ୍ତି । ସେହିପରି ୩ଟି ପଞ୍ଚାୟତରେ ୩ଜଣ ସରପଞ୍ଚ ପ୍ରାର୍ଥୀ ନିଦ୍ୱର୍ନ୍ଦରେ ନିର୍ବାଚିତ ହୋଇ ଥିବାବେଳେ ଏବେ ଅବଶିଷ୍ଟ ପଞ୍ଚାୟତରେ ୯୪ଜଣ ପ୍ରତିଦ୍ୱନ୍ଦୀ ନିର୍ବାଚନ ମଇଦାନରେ ନିଜ ନିଜର ଭାଗ୍ୟ ନିର୍ଦ୍ଧାରଣ କରିବେ । ସୋହେଲା ପଞ୍ଚାୟତ ସମିତିରେ ମୋଟ ୧ଲକ୍ଷ ୫ହଜାର ୭୨୮ଜଣ ଭୋଟର ଚଳିତ ପଞ୍ଚାୟତ ସମିତି ନିର୍ବାଚନରେ ନିଜ ନିଜର ମତଦାନ କରିବେ । ପଞ୍ଚାୟତର ସମିତି ଅଧକ୍ଷା ପଦବୀ ଶାସକ ବିଜୁ ଜନତା ଦଳ ସପକ୍ଷରେ ଯିବା ଏଥିରୁ ସ୍ପଷ୍ଟ ହୋଇଯାଇଛି । ସୋହେଲା ପଞ୍ଚାୟତ ସମିତିରେ ୨୭ଟି ପଞ୍ଚାୟତ ରହିଥିବାବେଳେ ଅଧକ୍ଷ ପଦବୀ ପାଇଁ ୧୪ଜଣ ସଭ୍ୟର ଆବଶ୍ୟକତା ରହିଛି । ଏତେ ସଂଖ୍ୟାରେ ସମିତି ସଭ୍ୟ ସଭ୍ୟ ନିର୍ଦ୍ୱନ୍ଦରେ ନିର୍ବାଚିତ ହେବା ସୋହେଲା ବ୍ଲକ ଇତିହାସରେ ସର୍ବପ୍ରଥମ ଘଟଣା । ଦୀର୍ଘ ବର୍ଷ ଧରି ସୋହେଲା ବ୍ଲକ କଂଗ୍ରେସ ଦବଦବାରେ ରହିଥିବାବେଳେ ବିଗତ ୪ଥର ହେବ ମନ୍ତ୍ରୀ ସୁଶାନ୍ତ ସିଂହଙ୍କ ବଳିଷ୍ଠ ନେତୃତ୍ୱରେ ବିଜୁ ଜନତା ଦଳ ସମର୍ଥିତ ପ୍ରାର୍ଥୀ ଅଧକ୍ଷ ଓ ଅଧକ୍ଷା ପଦବୀ ଦଖଲ କରି ଆସିଥିବା ବେଳେ ଚଳିତ ନିର୍ବାଚନରେ ନିର୍ବାଚନ ପୂର୍ବରୁ ଶାସକ ଦଳ ପକ୍ଷରୁ ବ୍ଲକ ଅଧକ୍ଷା ଆସନକୁ ହାତେଇ ନେଇଛି ।

# ଝାରସୁଗୁଡ଼ା ଜିଲ୍ଲାରେ ପଞ୍ଚାୟତ ନିର୍ବାଚନ ମଇଦାନରେ ୨୦୪୦ ପ୍ରାର୍ଥୀ

ଝାରସୁଗୁଡ଼ା : ଚଳିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ପ୍ରାର୍ଥିପତ୍ର ପ୍ରତ୍ୟାହାର ପରେ ବର୍ତ୍ତମାନ ମଇଦାନରେ ରହିଛନ୍ତି ମୋଟ ୨୦୪୦ ପ୍ରାର୍ଥୀ । ଜିଲ୍ଲାରେ ୨ ଜିଲ୍ଲାପରିଷଦ ପ୍ରାର୍ଥୀଙ୍କ ସହିତ ୩୪ ସରପଞ୍ଚ ପ୍ରାର୍ଥୀ, ୩୬ ସମିତିସଭ୍ୟ ତଥା ୪୧ ଓ୍ୱାର୍ଡସଭ୍ୟ ମିଶି ମୋଟ ୧୧୩ ପ୍ରାର୍ଥୀ ନାମାଙ୍କନପତ୍ର ପ୍ରତ୍ୟାହାର କରିଥିବା ଜଣାପଡ଼ିଛି । ସେଥି ମଧ୍ୟରୁ କିର୍ମିରାରେ ୪ ସରପଞ୍ଚ, ୭ ସମିତିସଭ୍ୟ ଓ ୪ ଓ୍ୱାର୍ଡସଭ୍ୟ ମିଶି ମୋଟ ୧୫ ପ୍ରାର୍ଥୀ, କୋଲାବିରାରେ ଜଣେ ଜିଲ୍ଲାପରିଷଦ, ୪ ସରପଞ୍ଚ, ୩ ସମିତିସଭ୍ୟ ଓ ୪ ଓ୍ୱାର୍ଡସଭ୍ୟ ମିଶି ମୋଟ ୧୨ ପ୍ରାର୍ଥୀ । ଝାରସୁଗୁଡ଼ାରେ ୧୨ ସରପଞ୍ଚ, ୩ ସମିତିସଭ୍ୟ ଓ ୯ ଓ୍ୱାର୍ଡସଭ୍ୟଙ୍କ ସହ ମୋଟ ୨୪ ପ୍ରାର୍ଥୀ, ଲଇକେରାରେ ୩ ସରପଞ୍ଚ, ୯ ସମିତିସଭ୍ୟ ଓ ୫ ଓ୍ୱାର୍ଡସଭ୍ୟ ମିଶି ମୋଟ ୧୭ ପ୍ରାର୍ଥୀ ତଥା ଲଖନପୁର ବ୍ଲକରେ ମଧ ଜଣେ ଜିଲ୍ଲାପରିଷଦ ପ୍ରାର୍ଥୀଙ୍କ ସହ ୧୧ ସରପଞ୍ଚ, ୧୪ ସମିତିସଭ୍ୟ ଓ ୧୯ ଓ୍ୱାର୍ଡସଭ୍ୟ ମିଶି ମୋଟ ୪୫ ଜଣ ପ୍ରାର୍ଥୀ ସେମାନଙ୍କ ନାମାଙ୍କନପତ୍ର ପ୍ରତ୍ୟାହାର କରିଛନ୍ତି । ଫଳରେ ବର୍ତ୍ତମାନ ଝାରସୁଗୁଡ଼ା ଜିଲ୍ଲାର ୫ ଟି ବ୍ଲକରେ ଥିବା ୯ ଟି ଜିଲ୍ଲାପରିଷଦ ଜୋନ୍‌ରେ ୩୩ ପ୍ରତିଦ୍ୱନ୍ଦୀ ସହ ୭୮ ଟି ପଞ୍ଚାୟତ ଓ ୯୪୧ ଟି ଓ୍ୱାର୍ଡ ବିଭିନ୍ନ ପଦବୀରେ ମୋଟ ୨୦୪୦ ପ୍ରାର୍ଥୀଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦିତା ହେବା ସ୍ଥିର ହୋଇଛି । ନାମାଙ୍କନପତ୍ର ପ୍ରତ୍ୟାହାର କରିଥିବା ୨ ଜଣ ଜିଲ୍ଲା ପରିଷଦ ପ୍ରାର୍ଥୀ ହେଲେ ଲଖନପୁର ଜୋନ୍-୨ ର ବିନୁ ମୁଣ୍ଡା ଓ କୋଲାବିରା ଆସନରୁ ସୁରେନ୍ଦ୍ର ରାୟ । ଉଭୟ ସ୍ୱାଧୀନ ପ୍ରାର୍ଥୀ ଭାବେ ନାମାଙ୍କନପତ୍ର ଦାଖଲ କରିଥିଲେ ।

ଝାରସୁଗୁଡ଼ା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କିର୍ମିରା ଜିଲ୍ଲାପରିଷଦ ଆସନରେ ବିଜେଡ଼ିର ରୀତା ବାଗ, ଭାଜପାର ଜ୍ୟୋତ୍ସ୍ନା ବିଶ୍ୱାଳ ଓ କଂଗ୍ରେସର ପ୍ରମିଳା ଚିଲ, କୋଲାବିରା ଆସନରେ ବିଜେଡିର ନୃପଲାଲ ପ୍ରଶାୟତ, ଭାଜପାର ବଳରାମ ପାଣ୍ଡେ, କଂଗ୍ରେସର ଶ୍ରୀଚରଣେ ସାହୁ ଓ ବିଏସ୍‌ପିର ସନ୍ତୋଷିନୀ କୁସୁମ, ଝାରସୁଗୁଡା ଜୋନ୍-୧ ଆସନରେ ବିଜେଡିର ଝରଣା ସାଗର, ଭାଜପାର ପଦ୍ମିନୀ ପଟେଲ, କଂଗ୍ରେସର ସୁଜାତା ପାଟଯୋଶୀ, ସୁଜାତା ମହାନନ୍ଦ, ଝାରସୁଗୁଡା ଜୋନ୍-୨ ଆସନରେ ବିଜେଡିର ଦିଗମ୍ବର ଭୋଇ, ଭାଜପାର ହେମରଞ୍ଜନ ସିଂ, କଂଗ୍ରେସର ଜଗଦିଶ ପାତ୍ର ଓ ବିଏସ୍‌ପିର ସମିର କୁମାର ମହାନନ୍ଦ, ଲଇକେରା ଜୋନ୍-୧ ଆସନରେ ବିଜେଡିର ତୁଲାବତି ମିଞ୍ଜ, ଭାଜପାର ସାବ୍ୟସିନୀ ପ୍ରଧାନ ଓ ତପସ୍ୱିନୀ ମୁଣ୍ଡା, ଜୋନ୍-୨ରେ ବିଜେଡିର ଅଞ୍ଜୁକ୍ତା ବେହେରା, ଭାଜପାର ସଞ୍ଜୁକ୍ତା ଓରାମ ଓ କଂଗ୍ରେସର ସନ୍ତୋଷିନୀ କିସାନ । ସେହିପରି ଲଖନପୁର ଜୋନ୍-୧ ଆସନରେ ବିଜେଡିର ସନତ ସିଂ, ଭାଜପାର ଚକାନନ୍ଦ ସା ଓ କଂଗ୍ରେସର ଅଶୋକ ସାହୁ, ଜୋନ୍-୨ରେ ବିଜେଡିର ଅକ୍ଷୟ ସାହୁ, ଭାଜପାର ଉତ୍ତମ ନେଗୀ, କଂଗ୍ରେସର ବେଣୁଧର ଭୋଇ ଓ ସିପିଆଇର ଯୋଗେନ୍ଦ୍ର ମାଝୀ ଏବଂ ଜୋନ୍ ୩ରେ ବିଜେଡିର ପୁଷ୍ପଲତା ସେଠ, ଭାଜପାର ସଞ୍ଜୁକ୍ତା ସେଠ, ସିପିଆଇର ସୁମିତ ସହିଷ୍ଣୁତା ଓ ବିଏସ୍‌ପିର ସୁମିତା ଦୀପ ବର୍ତ୍ତମାନ ନିର୍ବାଚନୀ ରଣାଙ୍ଗନକୁ ଅବତୀର୍ଣ୍ଣ ହୋଇଛନ୍ତି । ତେବେ ୪ ବିଏସ୍‌ପି ଓ ୨ ସିପିଆଇ ଭଳି ଦଳର ପ୍ରାର୍ଥୀଙ୍କ ଉପସ୍ଥିତି ଚଳିତ ନିର୍ବାଚନରେ ତିନି ପ୍ରମୁଖ ରାଜନୈତିକ ଦଳ ଉପରେ କି ପ୍ରଭାବ ପକାଉଛି ତାହା ମଧ ଦେଖିବାକୁ ବାକି ରହିଛି ।

## ବିଜେଡି ନେତା ଗୌରା ସାହୁଙ୍କ ପରଲୋକ

ସମ୍ବଲପୁର : ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଜଣେ ଦୃଢ଼ ସମର୍ଥକ ତଥା ବିଜେଡି ନେତା ଗୌରା ସାହୁଙ୍କ ପରଲୋକ ହୋଇଯାଇଛି । ତାଙ୍କ ବିୟୋଗରେ ଦୁର୍ଗାପାଲି ସ୍ଥିତ ଦୟାମଣି ବୃଦ୍ଧାଶ୍ରମରେ ବିଜେଡିର ପୂର୍ବତନ ରାଜ୍ୟସଭା ସଦସ୍ୟ ପ୍ରମିଳା ବହିଦାରଙ୍କ ଅଧକ୍ଷତାରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି । ଏହି ଶୋକସଭାରେ ଗୋକୁଳ ମେହେର, ଅଶୋକ ସେନାପତି, ବସନ୍ତ ମିଶ୍ର, ହୀରାଲାଲ ବେହେରା, ଅନୀଲ ଗୁପ୍ତା, କବିତା ପୁରୋହିତ, ଉଷା ପଧାନ, ଗୌରାଙ୍ଗ ଦାଶ, ନରୋତ୍ତମ ମେହେର, ରୁଦ୍ର ପ୍ରଧାନ, ଶଙ୍କର ପ୍ରସାଦ, ସଂଯୁକ୍ତା ମେହେର, ରୂପାଞ୍ଜଳି ରନବିଡ଼ା, ଗୋପାଳ ପୃଷେଟ, ସଞ୍ଜିବ ଷଡ଼ଙ୍ଗୀ, ସୂର୍ଯ୍ୟନାରାୟଣ ପଣ୍ଡା, ଅଶୋକ ପଟ୍ଟନାୟକ, ସୁରୁବାବୁ ମେହେର, ରୂପାଞ୍ଜଳି ରଙ୍ଗବିଡ଼ା ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

## ତପନ ମହାନ୍ତି ପାଇବେ ରାଜ୍ୟପାଳ ମେଡ଼ାଲ୍

ସମ୍ବଲପୁର : ସମ୍ବଲପୁର ଜିଲ୍ଲା ଅତିରିକ୍ତ ଏସ୍.ପି ତପନ ମହାନ୍ତି ରାଜ୍ୟପାଳ ମେଡାଲ୍ ପାଇବା ପାଇଁ ମନୋନୀତ ହୋଇଛନ୍ତି । ତାଙ୍କ କାର୍ଯ୍ୟରେ ଉତ୍କର୍ଷତା ପ୍ରଦର୍ଶନ ପାଇଁ ସେ ଏହି ମେଡାଲ ପାଇବେ । ଜଣେ ଦକ୍ଷ ପୁଲିସ ଅଧିକାରୀ ରୂପେ ତାଙ୍କ ଖ୍ୟାତି ହୋଇଛି ।

# ସମ୍ବଲପୁର ଜିଲ୍ଲା ସ୍ତରୀୟ ୭୩ ତମ ସାଧାରଣତନ୍ତ୍ର ଦିବସ ପାଳିତ

ସମ୍ବଲପୁର : ସମ୍ବଲପୁର ସଦର ମହକୁମା ଠାରେ ଜିଲ୍ଲା ସ୍ତରୀୟ ୭୩ ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି । ଏହି ସମାରୋହରେ ଅର୍ଥ ଓ ଅବକାରୀ ମନ୍ତ୍ରୀ ନିରଞ୍ଜନ ପୂଜାରୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ଚଳିତ ବର୍ଷ କୋଭିଡ କଟକଣା ଯୋଗୁଁ ସୀମିତ ଅତିଥିଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ମନ୍ତ୍ରୀ ତାଙ୍କ ଅଭିଭାଷଣରେ କହିଥିଲେ ଯେ, ରାଜନୈତିକ ସ୍ୱାଧୀନତା, ସାମାଜିକ ନ୍ୟାୟ, ଗଣତାନ୍ତ୍ରିକ ମୂଲ୍ୟବୋଧ, ଧର୍ମ ନିରପେକ୍ଷତା, ବୈଷମ୍ୟମୁକ୍ତ ସମାଜ ପ୍ରତିଷ୍ଠା ଓ ମାନବାଧିକାର ପ୍ରତି ସମ୍ମାନ ପ୍ରଦର୍ଶନ ଆମ ସମ୍ବିଧାନର ବିଶେଷତ୍ୱ । ସମ୍ବିଧାନ ପ୍ରଣୟନ ସଭାର ଯେଉଁ ସଦସ୍ୟ, ସଦସ୍ୟା ମାନଙ୍କର ଅକ୍ଲାନ୍ତ ପରିଶ୍ରମ, ତ୍ୟାଗ, ବିଚାର, ଦୂରଦୃଷ୍ଟି ଆଧାରରେ ଆମ ଦେଶର ଆଦର୍ଶ ସମ୍ବିଧାନ ପ୍ରସ୍ତୁତ କରାଯାଇଥିଲା ସେମାନଙ୍କ ଉଦ୍ଦେଶ୍ୟରେ ମନ୍ତ୍ରୀ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏହା ଛଡା ଜାତୀୟ ସଂଗ୍ରାମରେ ସାମିଲ ହୋଇ ନିଜ ଜୀବନକୁ ଦେଶ ଓ ଜାତି ଉଦ୍ଦେଶ୍ୟରେ ଉତ୍ସର୍ଗ କରିଯାଇଥିବା ମହାନ ଦେଶ ଭକ୍ତ ମାନଙ୍କୁ ମଧ ସ୍ମରଣ କରିଥିଲେ । ମନ୍ତ୍ରୀ ବକ୍ତବ୍ୟରେ ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ଓଡିଶାର ଅବଦାନ ବର୍ଣ୍ଣନା କରିବା ସହିତ ସମ୍ବଲପୁର ମାଟି କ୍ରାନ୍ତି ଓ ମୁକ୍ତି ସଂଗ୍ରାମରେ ଜିଲ୍ଲା ଗୁରୁତ୍ୱପୁର୍ଣ ଭୂମିକା ଗ୍ରହଣ କରିଥିବା କଥା କହିଥିଲେ । ମହାନ ବିପ୍ଳବ ବୀର ସୁରେନ୍ଦ୍ର ସାଏଙ୍କ ଅବିଶ୍ରାନ୍ତ ସଂଗ୍ରାମ ଅତ୍ୟାଚାରୀ ବ୍ରିଟିଶ ଶାସନକୁ ଅସହାୟ କରି ଦେଇଥିଲା । ଜୀବନର ଶେଷ ରକ୍ତ ବିନ୍ଦୁ ପର୍ଯ୍ୟନ୍ତ ସୁରେନ୍ଦ୍ର ସାଏ ପରାଧୀନତା କିମ୍ବା ବୈଶ୍ୟତା ସ୍ୱୀକାର ନ କରି ବ୍ରିଟିଶ ଶାସକକୁ ମୁହଁତୋଡ ଜବାବ ଦେଇଥିଲେ । ରାଣୀ ରତ୍ନ କୁମାରୀ, ମଦନ ମୋହନ ମିଶ୍ର, ଲକ୍ଷ୍ମୀ ନାରାୟଣ ମିଶ୍ର, ଭାଗିରଥି ମିଶ୍ର, ଧରଣୀ ଧର ମିଶ୍ର, ଚନ୍ଦ୍ରଶେଖର ବେହେରା, ଭାଗିରଥି ପଟ୍ଟନାୟକ, ନୃସିଂହ ଗୁରୁ, ଡାକ୍ତର ରାମ ଚନ୍ଦ୍ର ମିଶ୍ର, ପ୍ରହ୍ଲାଦ ରାଏ ଲାଠ, ବୋଧରାମ ଦୁବେ, ମହନ୍ତ ବିହାରୀ ଦାସ, ପ୍ରଭାବତୀ ଦେବୀ, ପାର୍ବତୀ ଗିରି ପ୍ରମୁଖଙ୍କ ମହାନ ତ୍ୟାଗ, କାରାବରଣ ଆଜି ଇତିହାସ ପୃଷ୍ଠାରେ ଲିପିବଦ୍ଧ ହୋଇ ରହିଛି । ଏହା ଛଡା ସମ୍ବଲପୁରୀ ହସ୍ତ ତନ୍ତ, ଲୋକନୃତ୍ୟର ଆଦର ସାରା ବିଶ୍ୱରେ ପରିବ୍ୟାପ୍ତ ହୋଇଛି । ସମ୍ବଲପୁରୀ ନୃତ୍ୟଶିଳ୍ପୀ ଓ ହସ୍ତତନ୍ତ୍ର ଶିଳ୍ପୀ ସର୍ବଭାରତୀୟ ସ୍ତରରେ ସମ୍ମାନୀତ ହୋଇଛନ୍ତି । ଡାଲଖାଇ, କରମା, ହୁମ -ବଉଲି ଇତ୍ୟାଦି ନୃତ୍ୟରେ ସମ୍ବଲପୁର ମାଟିର କଳା ସଂସ୍କୃତି ପ୍ରସ୍ଫୁଟିତ ହେଉଛି । ହୀରାକୁଦ ବନ୍ଧ, ବଡରମା, ଗୁଦୁଗୁଦା ଭଳି ପର୍ଯ୍ୟଟନସ୍ଥଳୀ ରହିଥିବା କହିଛନ୍ତି ଯାହାକି ପର୍ଯ୍ୟଟକ ମାନଙ୍କୁ ଆକୃଷ୍ଟ କରୁଛି । ଆଜିର ଏହି ପବିତ୍ର ଦିନରେ ସଂକଳ୍ପ କରିବାକୁ ପଡିବ ଯେ ସମ୍ବିଧାନ ନିର୍ଦ୍ଦେଶିତ ନୀତିନିୟମାବଳି ପୃଷ୍ଠଭୂମିରେ ଆଇନର ଶାସନ, ସାମାଜିକ ନ୍ୟାୟ ପ୍ରତିଷ୍ଠା, ସ୍ୱାଧୀନ ଓ ନିରପେକ୍ଷ ବିଚାର ବ୍ୟବସ୍ଥା, ଜନ ମଙ୍ଗଳକାରୀ ଲୋକତାନ୍ତ୍ରିକ ଶାସନ, ଧର୍ମନିରପେକ୍ଷତା ବଜାୟ ରଖିବାକୁ ହେଲେ ଆମ ସମସ୍ତଙ୍କୁ ନିୟମାନୁବର୍ତ୍ତୀ, ସ୍ୱାଧୀନ ଭାରତର ସଚେତନ ନାଗରିକ ଭାବରେ ଭୂମିକା ନିର୍ବାହ କରିବାକୁ ପଡିବ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଥିଲେ । ପରେ ମହାମାରୀ କରୋନା ସମୟରେ ବିଭିନ୍ନ ବିଭାଗର ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ୨୧ ଜଣ କୋଭିଡ ଯୋଦ୍ଧା ମାନଙ୍କୁ ମୁଖ୍ୟ ଅତିଥି ସମ୍ମାନିତ କରିଥିଲେ । କୋଭିଡ ନିୟମାବଳୀ ଯୋଗୁଁ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ବିଦ୍ୟାଳୟ ସ୍ତରୀୟ ଅନଲାଇନ ଓଡ଼ିଆ ରଚନା ଓ କୁଇଜ୍ ପ୍ରତିଯୋଗିତାର କୃତୀ ଛାତ୍ର /ଛାତ୍ରୀ ଙ୍କୁ ପର ମୁହୂର୍ତ୍ତରେ ପୁରସ୍କାର ଦେବା ନିମନ୍ତେ ନିଷ୍ପତି ହୋଇଛି । ଚଳିତ ବର୍ଷ କେବଳ ପୋଲିସ ବାହିନୀ ତରଫରୁ ମୁଖ୍ୟ ଅତିଥିଙ୍କୁ କେବଳ ଗାର୍ଡ ଅଫ ଅନର ପ୍ରଦାନ କରାଯାଇଥିଲା । ଏହି ସମାରୋହରେ ଜିଲ୍ଲାପାଳ, ଏସପି, ସମେତ ବିଭାଗୀୟ ଅଧିକାରୀ, ସାମ୍ବାଦିକ, କୋଭିଡ ଯୋଦ୍ଧା, ଉପସ୍ଥିତ ଥିଲେ ।

# ଭାଗବତ /// ସତ୍ୟଭାମାଙ୍କ ବିବାହ

**ସ୍ୟ**ମନ୍ତକମଣି ପ୍ରସଙ୍ଗ ଅତ୍ୟନ୍ତ ଉପାଦେୟ । ଅକ୍ରୂର ହେଉଛନ୍ତି ବନ୍ଦନା ଭକ୍ତିର ଆଚାର୍ଯ୍ୟ । ତେବେ ବି କୁସଙ୍ଗର ପ୍ରଭାବରେ ତାଙ୍କର ବୁଦ୍ଧି ବିକୃତ ହୋଇ ଯାଇଥିଲା । ସେ ସତ୍ରାଜିତକୁ ହତ୍ୟା କରିବା ପାଇଁ ଶତଧନୁକୁ ମତାଇଥିଲେ ।

ସ୍ୟମନ୍ତକମଣି ଥିଲା ସତ୍ରାଜିତ ପାଖରେ । ସ୍ୟମନ୍ତକମଣିକୁ ରାଜ୍ୟର ଉପକାର ନିମନ୍ତେ ଦେଇଦେବା ପାଇଁ ଭଗବାନ ସତ୍ରାଜିତଙ୍କୁ କହିଥିଲେ । ଲୋଭୀ, କାମୀ ଓ କ୍ରୋଧୀ ହୋଇଥାଏ । ଲୋଭୀ ପାପୀ ହୋଇଥାଏ । ସତ୍ରାଜିତ ଥିଲା ଲୋଭୀ । ସେ କୃଷ୍ଣଙ୍କ ପ୍ରସ୍ତାବ ପ୍ରତ୍ୟାଖ୍ୟାନ କରିଦେଲା । ଏହି କଥା ସଂତ୍ରାଜିତର ସାନଭାଇ ପ୍ରସେନ୍ନ ଜାଣିଲା । କୃଷ୍ଣ ଯେ ନିଶ୍ଚୟ କୌଶଳରେ ମଣି ଯଦୁରାଜଙ୍କୁ ଦିଆଇ ଦେବେ, ଏ ଭୟରେ ସେ ମଣିନେଇ ଚାଲିଗଲା । ଅରଣ୍ୟରେ ଯାଉଥିବା ବେଳେ ଏକ ସିଂହ ପ୍ରସେନଙ୍କୁ ମାରିଦେଲା । ଏହି ଜନ୍ମରେ ଯେତେ ସବୁ ଘଟଣା ଘଟେ ସେଥିରେ ପୂର୍ବଜନ୍ମର ସଂସ୍କାର ଜଡ଼ିଭୂତ ହୋଇ ରହିଥାଏ । ସିଂହ ଥିଲା ପୂର୍ବଜନ୍ମରେ କଳିଙ୍ଗ ଦେଶର ରାଜା । ସେ ସମୟରେ ପ୍ରସେନ୍ନ ସହିତ ତାର ବୈରତା ଥିଲା । କଳିଙ୍ଗରାଜା ଦିନେ ଜଣେ ଋଷିଙ୍କୁ ଅପମାନିତ କରିଥିଲେ । ଋଷିଙ୍କ ଅଭିଶାପରେ ରାଜା ଗୋଟିଏ ବଳବାନ୍ ସିଂହ ହୋଇ ଅରଣ୍ୟରେ ରହୁଥିଲା । ପ୍ରସେନଙ୍କୁ ସେହି ସିଂହ ଆକ୍ରମଣ କରି ମାରିଦେଲା । ସିଂହ ଉଜ୍ଜ୍ୱଳ ମଣିକୁ ଧରି ଅରଣ୍ୟରେ ଖେଳୁଥିବା ବେଳେ ଋକ୍ଷରାଜ ଜାମ୍ବବାନଙ୍କ ହାବୁଡ଼ରେ ପଡ଼ି ମଲା । ଜାମ୍ବବାନ ମଣି ଧରି ନିଜ ଗୁମ୍ଫାକୁ ଆସିଲେ ।

କଥା କିନ୍ତୁ ଅନ୍ୟ ପ୍ରକାରରେ ଲୋକ ମୁଖରେ ପ୍ରସାର ହେଲା । ଲୋକମାନେ କଥା ହେବାରେ ଲାଗିଲେ ଯେ, ମଣିଟି କଣ୍ଠରେ ପକାଇ ପ୍ରସେନ୍ନ ଏକାକୀ ବୁଲୁଥିଲା । କୃଷ୍ଣଙ୍କର ମଣି ପ୍ରତି ଲୋଭ ଥିଲା । ସେ ସଂତ୍ରାଜିତଙ୍କୁ ମଣିଟି ମାଗିଥିଲେ । ସତ୍ରାଜିତ ଦେଇ ନଥିଲା । ଏବେ ପ୍ରସେନଙ୍କୁ ଏକାକୀ ପାଇ, କୃଷ୍ଣ ତାକୁ ମାରି, ମଣିଟି ତା'ଠାରୁ ନେଇଗଲେ । ସତରେ କୃଷ୍ଣ କେତେ କର୍ମ ନ କଲେ ?

କେହି ଯଦି କାହାକୁ ସତ୍ୟବାଦୀ, ଧର୍ମାତ୍ମା, ଗୁଣୀ ବା ଭଗବଦ୍ ଭକ୍ତ ବୋଲି କହେ ତେବେ ଆମର ବିଶ୍ୱାସ ହୁଏ ନାହିଁ । କିନ୍ତୁ କୌଣସି ସତ୍ପୁରୁଷଙ୍କୁ କେହି ଯଦି ମିଥ୍ୟାଚାରେ ନିନ୍ଦା କରେ ତାହା ହେଲେ ଆମେ ସହଜରେ ତାହା ବିଶ୍ୱାସ କରୁ । ବିନା ଦୋଷରେ ଯଦି ମିଥ୍ୟା ଦୋଷାରୋପ କରାଯାଏ ତାହାହେଲେ ଆମକୁ ଅତି ଖରାପ ଲାଗେ । କିନ୍ତୁ ପ୍ରବାଦ ଅଛି ଯେ କୌଣସି ଅପଯଶ ପୂର୍ବଜନ୍ମର କୌଣସି ଅପକର୍ମ ଯୋଗୁଁ ମିଳିଥାଏ ।

ଭଗବାନ ଉଦ୍ଧବଙ୍କଠାରୁ



ଲୋକପବାଦ ଶୁଣି ଦୁଃଖୀ କଲେ । ସେ ସ୍ୟମନ୍ତକ ମଣି ଖୋଜିବା ପାଇଁ ନଗରବାସୀଙ୍କୁ ସାଙ୍ଗରେ ଧରି ଅରଣ୍ୟକୁ ଗଲେ । ସତ୍ୟାସତ୍ୟ ଅନୁସନ୍ଧାନ କରୁ କରୁ ସିଂହ ପ୍ରସେନଙ୍କୁ ମାରିଥିବା ଓ ଭଲ୍ଲକରାଜ ସିଂହକୁ ମାରି ତା ଗୁମ୍ଫାରେ ମଣି ରଖୁଥିବା ଲୋକମାନେ ଜାଣିଲେ । ଭଲ କରାଜ ଜାମ୍ବବାନ କବଳରୁ ମଣି ଉଦ୍ଧାର କରିବା ପାଇଁ କୃଷ୍ଣ ଏକାକୀ ଗୁମ୍ଫା ମଧରେ ପ୍ରବେଶ କଲେ । କାରଣ ଗୁମ୍ଫା ଥିଲା ଦୁର୍ଗମ । ଏହା ମଧ କୃଷ୍ଣଙ୍କର ଏକ ଅପୂର୍ବ ଲୀଳା ।

ଗୁମ୍ଫା ମଧରେ କୃଷ୍ଣ ଓ ଜାମ୍ବବାନଙ୍କର ଯୁଦ୍ଧ ୨୮ ଦିନ ଧରି ଲାଗିଥିଲା । ଯୁଦ୍ଧ ଥିଲା ମଲ୍ଲଯୁଦ୍ଧ । ଜାମ୍ବବାନଙ୍କର ଶେଷରେ ପତନ ହେଲା । ସେତେବେଳେ ତାଙ୍କର ବହୁ ପୁରାତନ କଥା ମନେ ପଡ଼ିଗଲା । ରାମାବତାର ଲୀଳା ସମୟରେ ସେ ଭଗବାନ ରଘୁନନ୍ଦନଙ୍କୁ ଦ୍ୱନ୍ଦ୍ୱଯୁଦ୍ଧ ମାଗିଥିଲେ । କୃଷ୍ଣଙ୍କ ସ୍ୱରୂପରେ ସେ ରଘୁନନ୍ଦନଙ୍କ ରୂପଛଟା ଦର୍ଶନ କଲେ । ଜାମ୍ବବାନ ଥିଲେ ଜଣେ ଉପଦେବ, ବ୍ରହ୍ମାଙ୍କ ପୁତ୍ର ।

ଜୀବ ଅଳ୍ପଜ୍ଞ । ପୂର୍ବର କଥା ଭୁଲିଯିବା ଜୀବର ସ୍ୱାଭାବିକ ଧର୍ମ । ଭକ୍ତ ବି ହୁଏ ତ ଭଗବାନଙ୍କୁ ଭୁଲିଯାଇ ପାରେ, ମାତ୍ର ଭଗବାନ କଦାପି ତାଙ୍କ ଭକ୍ତଙ୍କୁ ଭୁଲନ୍ତୁ ନାହିଁ । ଭଗବାନ ଯାହା କିଛି କରନ୍ତି ଜୀବକୁ ସ୍ମରଣ କରାଇ ଦେବାକୁ କରିଥାନ୍ତି । ସେତେବେଳେ ଭଗବାନଙ୍କୁ ଚିହ୍ନିପାରି ଯିଏ ତାଙ୍କୁ ସର୍ବସ୍ୱ ଅର୍ପଣ କରିଦିଏ, ସଂସାର ସାଗରରୁ ସିଏ ଅକ୍ଳେଶରେ ଚିରଦିନ ପାଇଁ ଉଦ୍ଧାର ପାଇଯାଏ ।

ରଘୁନନ୍ଦନ ଶ୍ରୀରାମ ଯେ ଏବେ ଶ୍ରୀକୃଷ୍ଣ ରୂପରେ ତାଙ୍କ ସମ୍ମୁଖରେ ଉପସ୍ଥିତ, ତାହା ଭକ୍ତ ଶିରୋମଣି, ଅମାପ ବଳବାନ, ସତ୍ୟଯୁଗରୁ ଆଜି ପର୍ଯ୍ୟନ୍ତ ଜୀବନ୍ତ ଥିବା ଜାମ୍ବବାନ ଚିହ୍ନିଲେ । ସେ ତତ୍କାଳ ସର୍ବସ୍ୱ କୃଷ୍ଣଙ୍କୁ ଅର୍ପଣ କରିଦେଲେ । କୃଷ୍ଣ ସ୍ୟମନ୍ତକମଣି ପାଇ ଓ ଜାମ୍ବବାନର କନ୍ୟା ଜାମ୍ବବତୀଙ୍କୁ ବିବାହ କରି, ସାଙ୍ଗରେ ଧରି, ଦ୍ୱାରିକାକୁ ଫେରିଲେ । ଏକ ମହାନ୍ ମିଥ୍ୟାପବାଦ ଏଥର ଦୂର ହେଲା । ମିଥ୍ୟାପବାଦ ପ୍ରଚାର ଓ ପ୍ରସାରକାରୀ ସତ୍ରାଜିତ ଲଜ୍ଜିତ ହେଲା । ତାଙ୍କର ଅପକୀର୍ତ୍ତି ଚାରିଆଡ଼େ ବ୍ୟାପିଗଲା । ଲୋକଙ୍କୁ ସେ ଆଉ ମୁହଁ ଦେଖାଇ ପାରିଲେ ନାହିଁ । ଭଗବାନଙ୍କୁ ଅପବାଦିତ କରିଥିବା ଲୋକର ଦଶା ଏହିପରି ହିଁ ହୋଇଥାଏ । ସଂସାରରେ ଯେତେ ଯେତେ କଳହ, ଦାହ ଓ ମନାନ୍ତର, ମତାନ୍ତର ସୃଷ୍ଟି ହୋଇଛି ସେ ସମସ୍ତର ମୂଳରେ ଥାଏ ଦୁଇଟି ବସ୍ତୁ, କାମିନୀ ଓ କାଞ୍ଚନ । ଅର୍ଥାତ୍, ସୁନ୍ଦରୀ ନାରୀ ଓ ଧନ, ଭୂମି, ଅନ୍ନ ଆଦି । ଏହି ଦୁଇଟି ହିଁ ଯୁଦ୍ଧର ମୂଳ କାରଣ ବୋଲି ପ୍ରମାଣ ମିଳେ ପ୍ରାଚୀନ ଓ ଅର୍ବାଚୀନ ଶାସ୍ତ୍ରମାନଙ୍କରୁ । ଯଦି ଆମେ ବାସ୍ତବରେ ଶାନ୍ତି ପାଇବା ପାଇଁ ଇଚ୍ଛା କରୁଥାଉ, ତେବେ କେବେ ବି କାହାରି ଧନ ପାଇବାକୁ ମନ ବଳାଇବା ଉଚିତ ନୁହେଁ, କି ଅନ୍ୟାୟରେ ବସ୍ତୁ ସଂଗ୍ରହ ପାଇଁ ଆଗ୍ରହୀ ହେବା ଉଚିତ ନୁହେଁ । ତା' ଯୋଗୁ ଭଗବାନଙ୍କୁ ଅମାପ ଅପମାନ ଓ କଷ୍ଟ ସହ୍ୟ କରିବାକୁ ପଡ଼ିଲା, ଏପରି ଭାବି ସଂତ୍ରାଜିତ ଦୁଃଖିତ ଥିଲା । କୃଷ୍ଣଙ୍କୁ ପ୍ରସନ୍ନ କରିବା ପାଇଁ ସେ ସେହି ଦିନଠାରୁ ଚେଷ୍ଟା କରିବାରେ ଲାଗିଲା । ସତ୍ରାଜିତ ଧନାଭିମାନୀ ଥିଲା ସତ୍ୟ, ମାତ୍ର ସେ କୃଷ୍ଣଙ୍କର ଶତ୍ରୁ ନଥିଲା ।

# ଦାନରୁ ଦେବତ୍ୱ ଦିଗରେ

**ପ୍ରା**ୟ ସବୁ ଧର୍ମରେ ଦାନର ମହତ୍ତ୍ୱ କଥା କୁହାଯାଇଛି । ଭାରତୀୟ ସଂସ୍କୃତି ଓ ସନାତନ ଧର୍ମରେ ତ ଦାନକୁ ମନୁଷ୍ୟର ପରମ କର୍ତ୍ତବ୍ୟ ମନେ କରାଯାଏ । ତେବେ ଦାନ କ'ଣ ଓ ଦାନର ଏତେ ମହତ୍ତ୍ୱ କାହିଁକି ରହିଛି ? ଦାନର ଶାବ୍ଦିକ ଅର୍ଥ ହେଉଛି 'ଦେବାର କ୍ରିୟା' । ଏଣୁ ଦାନ ଶବ୍ଦର ମୂଳରେ ରହିଛି 'ଦେବା' ଏବେ ପ୍ରଶ୍ନ ଉଠୁଛି ଯେ କ'ଣ ଦେବା ? କାହାକୁ ଦେବା ? କାହିଁକି ଦେବା ? କିପରି ଦେବା ? ଏଠାରେ 'ଦେବା'ର ତାତ୍ପର୍ଯ୍ୟ ହେଲା- ଆମ ପାଖରେ ଭୌତିକ ଓ ଅଭୌତିକ ଯାହା ବି ସମ୍ବଳ ରହିଛି ସେଗୁଡ଼ିକର ବ୍ୟକ୍ତି, ପରିବାର, ସମାଜ, ରାଷ୍ଟ୍ର ଓ ବିଶ୍ୱକଲ୍ୟାଣ ପାଇଁ ସୁନିୟୋଜନ ଏବଂ ଅର୍ପଣ କରିବା ଧନ-ସମ୍ପଦ, ଅନ୍ନ, ଜଳ, ବସ୍ତ୍ର ଓ ଔଷଧ ଆଦି ଦ୍ୱାରା ଆମେ ଅନ୍ୟମାନଙ୍କର ସେବା ସହାୟତା କରି ପାରିବା । ଆମେ ଭୌତିକ ସମ୍ବଳଗୁଡ଼ିକର ଦାନ କରି କୌଣସି ଅଭାବଗ୍ରସ୍ତଙ୍କ ସେବା, ସହାୟତା କରି ପାରିବା, ସେମାନଙ୍କୁ ଖୁସି ଦେଇ ପାରିବା ସେମାନଙ୍କୁ ପ୍ରସନ୍ନତା ପ୍ରଦାନ କରି ପାରିବା ।

ଯେଉଁ ବ୍ୟକ୍ତିକୁ ଯେଉଁ ସମୟରେ, ଯେଉଁ ବସ୍ତୁର ଆବଶ୍ୟକତା ହେବ, ତାକୁ ସେହି ସମୟରେ ସେହି ବସ୍ତୁ ଦାନ ଦେଇ, ଅର୍ପଣ କରି ଆମେ ତା'ର ତତ୍କାଳ ସେବା ସହାୟତା କରି ପାରିବା । ଯେପରି କେହି କ୍ଷୁଧାର୍ତ୍ତ ଥିଲେ ତାକୁ ଭୋଜନ ଆଦି ଦେଇ ତୃପ୍ତ କରି ପାରିବା । ତାକୁ ଖାଦ୍ୟ ପଦାର୍ଥ ଅର୍ପଣ କରି ପାରିବା ତୃଷିତକୁ ପାଣି ପିଆଇ ତାକୁ ତୃପ୍ତ କରି ପାରିବା । ବସ୍ତ୍ରହୀନକୁ ବସ୍ତ୍ର ଦାନ ଦେଇ ତାକୁ ଖୁସି ଦେଇ ପାରିବା । ରୋଗୀକୁ ଔଷଧ ଓ ଅନ୍ୟ ସେବା ଦେଇ ରୋଗମୁକ୍ତ ହେବାରେ ତା'ର ସାହାଯ୍ୟ କରି ପାରିବା । କୌଣସି ଦୁର୍ଘଟଣାଗ୍ରସ୍ତ ବା ରୋଗଗ୍ରସ୍ତ ବ୍ୟକ୍ତିକୁ ରକ୍ତଦାନ ଦେଇ ତାକୁ ନୂଆ ଜୀବନ ଦେଇ ପାରିବା । ଆଶ୍ରମ, ଧର୍ମଶାଳା, ଆରଣ୍ୟକ ଆଦିକୁ ଧନ ଅର୍ପଣ କରି ସେଗୁଡ଼ିକର ସଫଳ ସଞ୍ଚାଳନରେ ଆମେ ସହଯୋଗ କରି ପାରିବା । ଯଜ୍ଞ, ଅନୁଷ୍ଠାନ ଆଦି ଧାର୍ମିକ ଉଦ୍ଦେଶ୍ୟ ପୂରଣ ନିମନ୍ତେ ନିଜର ଧନ ଅର୍ପଣ କରି ଆମେ ପୁଣ୍ୟର ଭାଗୀଦାର ହୋଇ ପାରିବା । ଭୌତିକ ସମ୍ବଳ ବ୍ୟତୀତ ବିଧାତା ଆମକୁ ଏପରି କିଛି ଅମୂଲ୍ୟ ଜିନିଷ ଦେଇଛନ୍ତି, ଏଭଳି ସମ୍ବଳ ଦେଇଛନ୍ତି, ଯଦ୍ୱାରା ଆମେ ଅନ୍ୟମାନଙ୍କର ସେବା-ସହାୟତା କରି ପାରିବା । ପ୍ରତିଭା, ବିଦ୍ୟା, ମେଧା, ସଚ୍ଚୋଟତା, କରୁଣା, ପ୍ରେମ, ସମ୍ବେଦନା, ସ୍ନେହ, ଶ୍ରମ, ସମୟ ଆଦି ଏଭଳି ଅଭୌତିକ ସମ୍ବଳ, ଯଦ୍ୱାରା ଆମେ ଲୋକମାନଙ୍କର ବହୁତ ବଡ଼ ଉପକାର କରି ପାରିବା । ଆମେ ନିଜର ପ୍ରତିଭା, ମେଧା ଦ୍ୱାରା ସମ୍ପୂର୍ଣ୍ଣ ମାନବତାର କଲ୍ୟାଣ କରି ପାରିବା । ଚିକିତ୍ସକ, ଅଭିଯନ୍ତା, କୃଷକ, ବ୍ୟବସାୟୀ, ଶିଳ୍ପପତି, ବୈଜ୍ଞାନିକ, ଅଧ୍ୟାପକ, କଳାକାର ଓ ପ୍ରତ୍ୟେକ ବ୍ୟକ୍ତି ମଧରେ କିଛି ବିଶିଷ୍ଟ ଏବଂ ଭିନ୍ନ ଭିନ୍ନ ପ୍ରତିଭା ରହିଛି, ଯେଉଁଗୁଡ଼ିକୁ ଅର୍ପଣ କରି ବ୍ୟକ୍ତି, ସମାଜ, ରାଷ୍ଟ୍ର ଓ ବିଶ୍ୱର ଉପକାର କରାଯାଇ ପାରିବା ସମ୍ଭବ ।

ଜଣେ ଚିକିତ୍ସକ ନିଜର ପ୍ରତିଭା ଦାନ କରି କୌଣସି ଅସହାୟ ଓ ଗରିବ ବ୍ୟକ୍ତିକୁ ନୂଆ ଜୀବନ ଦେଇପାରେ । ସମାଜରେ, ସଂସାରରେ ଏଭଳି ଅଗଣିତ ଲୋକ ଅଛନ୍ତି, ଯେଉଁମାନେ ଅର୍ଥ ଅଭାବରୁ ଚିକିତ୍ସା ସେବାରୁ ପ୍ରାୟ ବଞ୍ଚିତ ରହି କାଳର କବଳିତ ହୋଇଯାନ୍ତି । ଜଣେ ଚିକିତ୍ସକ ନିଜର ଚିକିତ୍ସକୀୟ ପ୍ରତିଭାକୁ ଅର୍ପଣ କରି ସୁସ୍ଥ ବ୍ୟକ୍ତି, ପରିବାର, ସମାଜ, ରାଷ୍ଟ୍ର ଓ ବିଶ୍ୱର ନିର୍ମାଣରେ ନିଜର ଅମୂଲ୍ୟ ଯୋଗଦାନ ଦେଇ ପାରେ ।

ପ୍ରତିଭା ଜୀବିକା ଉପାର୍ଜନର ସାଧନ ମାତ୍ର ନୁହେଁ । ନିଜର ପ୍ରତିଭାକୁ କେବଳ ଜୀବିକା ଉପାର୍ଜନର ସାଧନ କରି ରଖୁବା ପ୍ରତିଭାର ଘୋର ଅପମାନ ଓ ଅନାଦର କରିବା ହୋଇଥାଏ ପ୍ରତିଭା କେବଳ ବ୍ୟାବସାୟିକ କାର୍ଯ୍ୟର ଆପୂର୍ତ୍ତି ପର୍ଯ୍ୟନ୍ତ ସୀମିତ ରହିବାର ବସ୍ତୁ ନୁହେଁ । ଯଦି କେବଳ ବିଦ୍ୟାର ଉଦାହରଣ ନେବା ତ ବିଦ୍ୟା ଏପରି ଏକ ଧନ, ଯାହାକୁ ଯେତେ ବାଣ୍ଟିଲେ ବି କମ୍ ହେବ ନାହିଁ । ବ୍ୟାବସାୟିକ କାର୍ଯ୍ୟ ବ୍ୟତୀତ ସମାଜରେ ଶିକ୍ଷା ଓ ବିଦ୍ୟାରୁ ବଞ୍ଚିତ ଲୋକଙ୍କର ନିଃଶୁଳ୍କ ସେବା ସହାୟତା, ଶିକ୍ଷଣ ଆଦି ଦ୍ୱାରା ଏଭଳି ପ୍ରତିଭାର ପ୍ରକୃତ ସମ୍ମାନ ହୋଇଥାଏ । ଆଜିର ବ୍ୟାବସାୟିକ ଯୁଗରେ ଯେତେବେଳେ ଶୈକ୍ଷଣିକ ସଂସ୍ଥାନଗୁଡ଼ିକ ଶିକ୍ଷା ଓ ସଂସ୍କାରର କେନ୍ଦ୍ର ରୂପେ ନୁହେଁ, ବରଂ ବ୍ୟାବସାୟିକ ପ୍ରତିଷ୍ଠାନ ରୂପେ ଅଧିକ ବିକଶିତ ହେବାରେ ଲାଗିଛନ୍ତି, ସେତେବେଳେ ଦେଶରେ ଏଭଳି ପ୍ରାଧାପକ ଓ ଶୈକ୍ଷଣିକ ସଂସ୍ଥାନଗୁଡ଼ିକର ଆହୁରି ଅଧିକ ଆବଶ୍ୟକତା ରହିଛି, ଯେଉଁମାନେ ଗରିବ ବିଦ୍ୟାର୍ଥୀମାନଙ୍କୁ ନିଃଶୁଳ୍କକ ଶିକ୍ଷା ଦେଇ ରାଷ୍ଟ୍ରକୁ ସଭ୍ୟ, ସୁଶୀଳ, ସୁସଂସ୍କୃତ ନାଗରିକମାନଙ୍କ ଲହଲହକା ଚାରା ଅର୍ପଣ କରି ପାରିବେ ।

ଜଣେ ଗାୟକ, ସଙ୍ଗୀତକାର, କଳାକାର ନିଜର ଗାୟନ, ସଙ୍ଗୀତ ଓ କଳା ସାହାଯ୍ୟରେ ଲୋକଙ୍କ ମଧରେ କରୁଣା, ପ୍ରେମ ଏବଂ ସମ୍ବେଦନାର ଜାଗରଣ କରିପାରେ । ଆଜି ଦେଶରେ ଏଭଳି ଗାୟକ ଓ ସଙ୍ଗୀତକାର ମାନଙ୍କର ଆବଶ୍ୟକତା ରହିଛି, ଯେଉଁମାନେ ନିଜର ଗାୟନ ଦ୍ୱାରା, ସଙ୍ଗୀତ ଦ୍ୱାରା ଲୋକଙ୍କ ମଧରେ ଅଶ୍ଳୀଳତାକୁ ନୁହେଁ, ବରଂ ଆନ୍ତରିକ ଉତ୍କୃଷ୍ଟତାକୁ ଉଦ୍ଦୀପ୍ତ କରି ପାରିବେ, ପ୍ରଦୀପ୍ତ କରି ପାରିବେ । କହିବାର ତାତ୍ପର୍ଯ୍ୟ ହେଉଛି ଆମେ ଈଶ୍ୱର ପ୍ରଦତ୍ତ ପ୍ରତିଭାକୁ ବିକ୍ରି ହୋଇଯିବାକୁ ଦେବା ନାହିଁ, ବରଂ ତାହାକୁ ବ୍ୟକ୍ତି, ପରିବାର, ସମାଜ, ରାଷ୍ଟ୍ର ଓ ବିଶ୍ୱହିତ ନିମନ୍ତେ ଅର୍ପଣ କରି ଚାଲିବା । ପରହିତ ନିମନ୍ତେ ଅର୍ପିତ, ସମର୍ପିତ ପ୍ରତିଭା ହିଁ ସର୍ବତ୍ର ପୂଜ୍ୟ ହୋଇଥାଏ, ବନ୍ଦନୀୟ ହୋଇଥାଏ । ବିକ୍ରି ଯୋଗ୍ୟ ପ୍ରତିଭା ପଇସା ଦେଇପାରେ, ପ୍ରସିଦ୍ଧି ଦେଇପାରେ, କିନ୍ତୁ ସମ୍ମାନ, ଆତ୍ମସନ୍ତୋଷ, ଆତ୍ମଗୌରବ କଦାପି ଦେଇ ନ ପାରେ । ଶାସ୍ତ୍ରଗୁଡ଼ିକରେ ଦାନର ବଡ଼ ମହିମା ଗାନ କରାଯାଇଛି ।

ଶହେ ହାତରେ ଧନ ଅର୍ଜନ କର ଓ ହଜାର ହାତରେ ଦାନ କର । ଶ୍ରୀମଦ୍ଭାଗବତ ଓ ଗୀତାର ସ୍ପଷ୍ଟ ଘୋଷଣା ହେଉଛି, ଯିଏ ନିଜେ ଉପାର୍ଜନ କରେ ଓ ନିଜେ ଖାଏ, ସେ ପାପକୁ ହିଁ ଖାଇଥାଏ । କହିବାର ତାତ୍ପର୍ଯ୍ୟ ହେଲା, ପରହିତରେ ଅର୍ପିତ-ସମର୍ପିତ ଜୀବନ ହିଁ ଶ୍ରେଷ୍ଠ ଜୀବନ, ଅନ୍ୟଥା ନିଜର ପେଟ ଓ ପରିବାର ପାଇଁ ତ ପଶୁପକ୍ଷୀ ବି ବଞ୍ଚିଥାନ୍ତି । ଦେବା ତ ଆମକୁ ପ୍ରକୃତି ମଧ ପ୍ରତିକ୍ଷଣ ଶିଖାଇଥାଏ ।

(ଅବଶିଷ୍ଟାଂଶ ୧୦ମ ପୃଷ୍ଠାରେ)

# ସାମ୍ବାଦିକର କାର୍ଯ୍ୟଭାର

**ଡକ୍ଟର ପ୍ରଦୀପ ମହାପାତ୍ର**
ପ୍ରାକ୍ତନ ବିଭାଗୀୟ ମୁଖ୍ୟ, ସାମ୍ବାଦିକତା ବିଭାଗ
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

ବିଶ୍ୱବ୍ୟାପୀ ସାମ୍ବାଦିକତାର ଗୁଣାତ୍ମକ ଅବକ୍ଷୟ ବିଭିନ୍ନ ସ୍ତରରେ ଉଦ୍‌ବେଗ ସୃଷ୍ଟି କରିଥିବା ସ୍ଥଳେ ସାମ୍ବାଦିକଙ୍କ କାର୍ଯ୍ୟଭାର ବୃଦ୍ଧିକୁ ଏହିଭଳି ଦୁରାବସ୍ଥାର ଅନ୍ୟତମ କାରଣ ରୂପେ ଚିହ୍ନଟ କରାଯାଇଥାଏ । ଭାରତରେ ଗଣମାଧ୍ୟମର ବ୍ୟାପ୍ତି ସହ ସମତାଳ ଦେଇ ସମ୍ବାଦ ମଞ୍ଚଗୁଡ଼ିକର ସଂଖ୍ୟା ବଢ଼ିଚାଲିଛି ଏବଂ ଅଧିକରୁ ଅଧିକ ସାମ୍ବାଦିକ ସମ୍ବାଦ ସଂସ୍ଥାଗୁଡ଼ିକରେ ନିଯୁକ୍ତ ହେଉଛନ୍ତି । ତେବେ ବ୍ୟକ୍ତିଗତ ସ୍ତରରେ ସାମ୍ବାଦିକମାନଙ୍କ କାର୍ଯ୍ୟଭାର ବଢୁଛି । ପରିସ୍ଥିତି ଏପରିସ୍ତରରେ ପହଞ୍ଚିଲାଣି ଯେ କାର୍ଯ୍ୟଭାରରେ ଅତିଷ୍ଠ ହୋଇ ବହୁ ପ୍ରତିଭାବାନ ସାମ୍ବାଦିକ ସାମ୍ବାଦିକତା ବୃତ୍ତିରୁ ଅବ୍ୟାହତି ନେବା ନିମନ୍ତେ ଏକବିଂଶ ଶତାବ୍ଦୀ ତୃତୀୟ ଦଶକ ଆରମ୍ଭ ସୁଦ୍ଧା ଆନୁସଙ୍ଗିକ ବୃତ୍ତି ଅନ୍ୱେଷଣରେ ଥିବା ଲକ୍ଷ୍ୟ କରାଯାଉଛି ।

ଓଡ଼ିଶାରେ ବିଂଶ ଶତାବ୍ଦୀର ଅଷ୍ଟମ ଦଶକରେ ଟେଲିଭିଜନ ପ୍ରସାରଣ ଆରମ୍ଭ ହେବା ପୂର୍ବରୁ ମୁଦ୍ରିତ ଓ ରେଡ଼ିଓ ସାମ୍ବାଦିକତାର ପରିସର ସୀମିତ ରହିଥିଲା । ଖୁବ କମ ସଂଖ୍ୟକ ସମ୍ବାଦପତ୍ର ପ୍ରକାଶ ପାଉଥିଲା ଏବଂ ରେଡ଼ିଓ ଷ୍ଟେସନ କାର୍ଯ୍ୟକ୍ଷମ ଥିଲା । ସେଥିରେ ଅତି ଅଳ୍ପ ସଂଖ୍ୟକ ସାମ୍ବାଦିକ ନିଯୁକ୍ତି ପାଇଥିଲେ । ସମାଜରେ ସାମ୍ବାଦିକତା ଏକ ଅଭିଜାତ୍ୟପୂର୍ଣ୍ଣ ବୃତ୍ତି ରୂପେ ପରିଗଣିତ ହେଉଥିଲା । ଜରୁରୀକାଳୀନ ପରିସ୍ଥିତି ପୂର୍ବରୁ ବହୁଳ ପ୍ରସାରିତ ତିନିଗୋଟି ଓଡ଼ିଆ ଦୈନିକ ସମ୍ବାଦପତ୍ରର ସମ୍ପାଦନା ବିଭାଗର ଅଧିକାଂଶ ସାମ୍ବାଦିକ ସକାଳ ଦଶରେ କାର୍ଯ୍ୟାଳୟ ଯାଇ ଅପରାହ୍ନ ତିନି ସୁଦ୍ଧା ମଧ୍ୟାହ୍ନ ଭୋଜନ ପାଇଁ ଘରକୁ ଫେରି ଆସୁଥିଲେ । ପ୍ରକାଶନ ସ୍ଥଳ କଟକ ଭିନ୍ନ ଅନ୍ୟାନ୍ୟ ସହର ଓ ଗ୍ରାମାଞ୍ଚଳର ସାମ୍ବାଦିକ ଫୁରୁସତରେ ସମ୍ବାଦ ଲେଖି ଡ଼ାକଯୋଗେ ପଠାଉଥିଲେ । ଅତି ଗୁରୁତ୍ୱପୂର୍ଣ୍ଣ ସମ୍ବାଦ ଗୁଡ଼ିକ ଟେଲିଫୋନରେ ଡାକୁଥିଲେ ବା କାଁ ଭାଁ ଟେଲିଗ୍ରାମ ଯୋଗେ ପ୍ରେରଣ କରୁଥିଲେ ।

ଦେଶରେ ୧୯୭୫ରୁ ୭୭ ଜରୁରୀକାଳୀନ ପରିସ୍ଥିତି ଜାରୀ-ପର ଅବସ୍ଥାରେ ରାଷ୍ଟ୍ରୀୟସ୍ତରରେ ସାମ୍ବାଦିକତା କ୍ଷେତ୍ରରେ ବିପୁଳ ପରିବର୍ତ୍ତନ ସଂଗଠିତ ହୋଇଥିଲା । ସମ୍ବାଦମଞ୍ଚ ସାଙ୍ଗକୁ ବୃତ୍ତିଧାରୀ ସାମ୍ବାଦିକଙ୍କ ସଂଖ୍ୟା ବୃଦ୍ଧି ଦେଖିବାକୁ ମିଳିଥିଲା । ଏହି ପରିବର୍ତ୍ତନରେ ପାଞ୍ଚ ବର୍ଷ ପରେ ୮୪ ବେଳକୁ ଓଡ଼ିଆ ସାମ୍ବାଦିକତା ସାମିଲ ହେଲା । ମୁଦ୍ରିତ ସମ୍ବାଦପତ୍ର ଗୁଡ଼ିକର ଦୈନିକ ସଂସ୍କରଣ ଓ ପୃଷ୍ଠା ସଂଖ୍ୟା ବୃଦ୍ଧି, ଆଧୁନିକ ମୁଦ୍ରଣ ବୈଷୟିକ କୌଶଳ ଉପଯୋଗ ତଥା ସାମ୍ବାଦିକମାନଙ୍କୁ କେତେକାଂଶରେ ଅଣ-ସାମ୍ବାଦିକତା କାର୍ଯ୍ୟରେ ନିୟୋଜନ ଫଳରେ କ୍ରମଶଃ ସାମ୍ବାଦିକଙ୍କ ଦୈନନ୍ଦିନ କାର୍ଯ୍ୟଭାର ବଢ଼ିଚାଲିଲା ।

ବିଂଶ ଶତାବ୍ଦୀର ଶେଷ ଦଶକରେ ଘରୋଇ ଟେଲିଭିଜନ ଚ୍ୟାନେଲ ଆରମ୍ଭ ତଥା ଏକବିଂଶ ଶତାବ୍ଦୀ ପ୍ରଥମ ଦଶକରେ ଓଡ଼ିଆ ଭାଷାକୁ ସଂପ୍ରସାରିତ ହେବା ଅବସରରେ ଟେଲିଭିଜନ ସାମ୍ବାଦିକତା ଏକ ନୂତନ ବର୍ଗରୂପେ ମୁଣ୍ଡ ଟେକିଥିଲା । ସମ୍ବାଦପତ୍ର ତୁଳନାରେ ଟେଲିଭିଜନରେ ସମ୍ବାଦ ପ୍ରସାରଣର ଗତି ପ୍ରଖର ଥିବା ହେତୁ କାର୍ଯ୍ୟକ୍ରମ ପ୍ରସ୍ତୁତିରେ ସଂପୃକ୍ତ ସାମ୍ବାଦିକମାନଙ୍କ କାର୍ଯ୍ୟଭାର ସ୍ୱଭାବତଃ ଅଧିକ । କିନ୍ତୁ ପ୍ରତିଯୋଗୀ ଚ୍ୟାନେଲମାନଙ୍କ ସହ ସମ୍ବାଦ ପ୍ରସାରଣରେ ମୁକାବିଲା କରିବା ନିମନ୍ତେ ଉଦ୍ୟମ କାର୍ଯ୍ୟଭାର ଆହୁରି ବଢ଼ାଇ ଦିଏ । ଡ଼ିଜିଟାଲ ମିଡ଼ିଆର ଅଭ୍ୟୁତ୍ଥାନପରେ ତଦ୍ ଅନୁରୂପ ସମସ୍ୟା ଦେଖା ଦେଇଛି । ଫଳରେ ଓଡ଼ିଶାରେ ୧୯୮୪ରେ ନୂତନ ସାମ୍ବାଦିକତା ପ୍ରବର୍ତ୍ତିତ ହେବା ପୂର୍ବରୁ ସାମ୍ବାଦିକତା ବୃତ୍ତିରେ ଉପଲବ୍ଧ ଶାନ୍ତ ପରିବେଶ କ୍ରମଶଃ ପ୍ରତିଯୋଗିତା କେନ୍ଦ୍ରୀକ ହୋଇ ବ୍ୟସ୍ତବହୁଳ ଦିନଚର୍ଯ୍ୟାରେ ପର୍ଯ୍ୟବସିତ ।

ବିଶ୍ୱବ୍ୟାପୀ ସାମ୍ବାଦିକତାରେ 'କୋଭିଡ଼-୧୯' ମହାମାରୀଜନିତ ପ୍ରଭାବ ସାମ୍ବାଦିକଙ୍କ କାର୍ଯ୍ୟଭାର ବୃଦ୍ଧିଲାଗି ପ୍ରଶସ୍ତ କ୍ଷେତ୍ର ପ୍ରସ୍ତୁତି କରିଥିଲା । ବିଭିନ୍ନ କଟକଣା ହେତୁ ଦୀର୍ଘକାଳ ବ୍ୟାପୀ ସମ୍ବାଦ ସଂଗ୍ରହ ଓ ପ୍ରସାରଣ ପ୍ରତିହତ ହେବା, ଡିଜିଟାଲ ମଞ୍ଚ ପ୍ରସାରରେ ସମ୍ବାଦ ମଞ୍ଚଗୁଡ଼ିକର ବିଜ୍ଞାପନ-ଆଶ୍ରିତ ମଡ଼େଲ ଅକାମୀ ହୋଇପଡ଼ିବା ଏବଂ ସର୍ବୋପରି ସମ୍ବାଦ ଉପଭୋକ୍ତାମାନଙ୍କ ପରିବର୍ତ୍ତିତ ଆଚରଣ ହେତୁ ସମ୍ବାଦ ମଞ୍ଚ ବ୍ୟବସାୟ ବିଘଟନର ସମ୍ମୁଖୀନ ହୋଇଥିଲା । ଫଳରେ ସାମ୍ବାଦିକମାନଙ୍କୁ ଛଟେଇ କରିଦିଆଯିବା ଫଳରେ କାର୍ଯ୍ୟରତ ସାମ୍ବାଦିକଙ୍କ କାର୍ଯ୍ୟଭାର ବୃଦ୍ଧି ପାଇବାରେ ଲାଗିଲା । ଆୟହାନୀ, ବ୍ୟାବସାୟିକ ମାନ୍ଦାବସ୍ଥା ଓ ପ୍ରତିଯୋଗୀ ଡ଼ିଜିଟାଲ ମଞ୍ଚର ଆହ୍ୱାନର ସମ୍ମୁଖୀନ ହୋଇଥିବା ବୃତ୍ତିଧାରୀ ସାମ୍ବାଦିକ କାର୍ଯ୍ୟଭାର ବୃଦ୍ଧିକୁ ନେଇ ଅଭିଯୋଗ କରିବା ସମ୍ଭବ ହୋଇପାରୁ ନାହିଁ ।

ସାମ୍ବାଦିକର କାର୍ଯ୍ୟଭାର ବୃଦ୍ଧି ତାହାର ସାମ୍ବାଦିକତା ସୃଜନରେ ପ୍ରତିଫଳିତ ହେଉଥିବା ସୁସ୍ପଷ୍ଟ । ମହାମାରୀ-ପର ଅବସ୍ଥାରେ ଓଡ଼ିଆ ସାମ୍ବାଦିକତାରେ ଗୁଣାତ୍ମକ ଅଧଃପତନ ନିମନ୍ତେ ବୃତ୍ତିଧାରୀ ସାମ୍ବାଦିକଙ୍କ କାର୍ଯ୍ୟଭାରକୁ ଦାୟୀ କରାଯାଇ ପାରେ । ଗବେଷଣାଲବ୍ଧ ତଥ୍ୟ ଅନୁଯାୟୀ ଚାପଗ୍ରସ୍ତ ସାମ୍ବାଦିକଙ୍କ ରଚନା ଉଚ୍ଚକୋଟୀର ହେବା ଆଶା କରାଯାଇ ପାରେନା । ମାର୍କିନ ସାଂସ୍କୃତିକ ସମାଜତତ୍ତ୍ୱବିତ ଡେଭିଡ୍ ହେସମଣ୍ଡହାଲ ଓ ସାରା ବେକର ଦର୍ଶାଇଥିଲେ ଯେ ଅବହେଳିତ କାର୍ଯ୍ୟକ୍ଷେତ୍ର ଯଥା ବିରକ୍ତିକର 'ବୋରିଂ', ଅନିଶ୍ଚିତ 'ଇନସିକ୍ୟୁର', କମ ପାରିତୋଷିକ 'ପୁଅରଲି କମ୍ପେନସେଟେଡ଼' ପରିବେଶରେ ଉଚ୍ଚମାନର ସୃଜନ ଅସମ୍ଭବ । ତାହାର ବିପରୀତରେ ଆଗ୍ରହ ଉଦ୍ଦୀପକ 'ଇଣ୍ଟରେଷ୍ଟିଂ' ନିଶ୍ଚିତ 'ସିକ୍ୟୁର', ମୁକ୍ତ 'ଅଟୋନୋମସ' ସନ୍ତୋଷଜନକ ପାରିତୋଷିକ ପ୍ରାପ୍ତ 'ଫେୟରଲି କମ୍ପେନସେଟେଡ଼' କାର୍ଯ୍ୟକ୍ଷେତ୍ରରେ ଉଚ୍ଚମାନର ସୃଜନ ସମ୍ଭବ ।

ସମକାଳୀନ ସମ୍ବାଦ ମଞ୍ଚ ସୃଜନ ଅନୁଶୀଳନ କଲେ ଓଡ଼ିଶାରେ କେବଳ ମୁଦ୍ରିତ ସମ୍ବାଦପତ୍ର କ୍ଷେତ୍ରରେ ଦୈନିକ ପାଞ୍ଚ ଶହ ପୃଷ୍ଠାରୁ ଊର୍ଦ୍ଧ୍ୱ ବେଡ଼ସିଟ ସମ୍ବାଦ ରଚିତ ଓ ପ୍ରକାଶିତ ହେଉଛି । କିନ୍ତୁ ଏଥି ମଧ୍ୟରୁ କେତେ ସଂଖ୍ୟକ ସମ୍ବାଦ ଗଣତାନ୍ତ୍ରିକ ମୂଲ୍ୟବୋଧ ରକ୍ଷା ନିମନ୍ତେ ଅଙ୍ଗୀକାରବଦ୍ଧ ତାହା ହିସାବ କଲେ ହତାଶ ହେବାକୁ ପଡ଼ିଥାଏ । ସାମ୍ବାଦିକ ଦୈନନ୍ଦିନ କାର୍ଯ୍ୟସୂଚୀ ମୁତାବକ କାର୍ଯ୍ୟ କରି ଥକି ପଡୁଥିବା ସ୍ଥଳେ ସାମ୍ବାଦିକତାର ବୃହତ୍ତର ମୂଲ୍ୟବୋଧ ପୂରଣ ନିମନ୍ତେ ସମ୍ବାଦ ସଂକଳନ, ସମ୍ପାଦନା ଓ ପ୍ରକାଶନରୁ କ୍ଷାନ୍ତ ରହିବାକୁ ବାଧ ହୋଇଥାଏ ।

ଆନ୍ତର୍ଜାତିକ ପରିସଂଖ୍ୟାନ ସଂସ୍ଥା 'ଷ୍ଟାଟିଷ୍ଟା'ର ତଥ୍ୟ ଅନୁଯାୟୀ ବିଶ୍ୱବ୍ୟାପୀ ୩୨.୫ ପ୍ରତିଶତ ବୃତ୍ତିଧାରୀ ସାମ୍ବାଦିକ ସପ୍ତାହରେ ଦଶଗୋଟି ଯାଏଁ ସମ୍ବାଦ ରଚନା କରିଥାନ୍ତି । ସେମାନଙ୍କ ମଧ୍ୟରୁ ୪୫ ପ୍ରତିଶତ ସାପ୍ତାହିକ ପାଞ୍ଚରୁ ଊର୍ଦ୍ଧ୍ୱ ବିଷୟରେ ସମ୍ବାଦ ପ୍ରସ୍ତୁତିରେ ସଂପୃକ୍ତ । ଏହି କାର୍ଯ୍ୟଭାର ହେତୁ କୌଣସି ବିଷୟରେ ମୌଳିକ ଗବେଷଣା କରିବା ଅପହଞ୍ଚ ହୋଇପଡେ । ଯୁକ୍ତରାଷ୍ଟ୍ର ଆମେରିକା ରୁଟେଗର୍ସ ବିଶ୍ୱବିଦ୍ୟାଳୟର ସାମ୍ବାଦିକତା ଅଧ୍ୟାପିକା କାଟଲିନ ପେଟ୍ରେ 'ଅଲ ଦି ନିଉଜ ଦେଟ ଇଜ ଫିଟ୍ ଟୁ କ୍ଲିକ' ଶୀର୍ଷକ ପୁସ୍ତକରେ ସାମ୍ବାଦିକଙ୍କ କାର୍ଯ୍ୟଭାର ବୃଦ୍ଧିଲାଗି ସମ୍ବାଦଶିଳ୍ପରେ ପ୍ରଚଳିତ ପାରମ୍ପରିକ ମନୋବୃତ୍ତିକୁ ଦାୟୀ କରିଛନ୍ତି । ପ୍ରିନ୍ସଟନ ୟୁନିଭରସିଟି ପ୍ରେସ ପକ୍ଷରୁ ୨୦୨୧ରେ ପ୍ରକାଶିତ ୨୮୦ ପୃଷ୍ଠାର ଏହି ପୁସ୍ତକରେ ପେଟ୍ରେ 'ଦି ନିଉୟର୍କ ଟାଇମସ୍'ଓ ଅନ୍ୟାନ୍ୟ ଅଗ୍ରଣୀ ସମ୍ବାଦ ସଂସ୍ଥାରେ କାର୍ଯ୍ୟରତ ସାମ୍ବାଦିକମାନଙ୍କ ଆଚରଣ ସଂପର୍କରେ ସୁବିସ୍ତୃତ ବର୍ଣ୍ଣନା କରିଛନ୍ତି । ଏହି କ୍ଷେତ୍ରରେ ପେଟ୍ରେ ଦଶ ବର୍ଷ ଧରି ଗବେଷଣା ଜାରି ରଖିଥିଲେ ।

ସମ୍ବାଦମଞ୍ଚଗୁଡ଼ିକର ସଫଳ ପରିଚାଳନା ନିମନ୍ତେ ପାରମ୍ପରିକ ଦୃଷ୍ଟିଭଙ୍ଗୀରେ ପରିବର୍ତ୍ତନର ସମୟ ଉପନୀତ । ମହାମାରୀ-ପର ପରିବେଶ 'ନ୍ୟୁ-ନରମାଲ'ରେ ଗୁଣାତ୍ମକ ସାମ୍ବାଦିକତା ସମ୍ବାଦ ମଞ୍ଚଗୁଡ଼ିକର ବ୍ୟବସାୟ, ଏପରିକି ପ୍ରକାଶନ ଜାରି ରଖିବାକୁ ପ୍ରଭାବିତ କରୁଥିବା ଉଦାହରଣରୁ ସାମ୍ବାଦିକଙ୍କୁ ସୃଜନମୁଖୀ ଗଢ଼ି ତୋଳିବା ନିମନ୍ତେ ଉଦ୍ୟମ ପ୍ରାଥମିକତା ଦାବି କରେ । ବୃତ୍ତିଧାରୀ ସାମ୍ବାଦିକଙ୍କ କାର୍ଯ୍ୟଭାର ହ୍ରାସ, ସେମାନଙ୍କୁ ଲୋକାଭିମୁଖୀ ସାମ୍ବାଦିକତାରେ ମନୋନିବେଶ କରିବା ନିମନ୍ତେ ପ୍ରୋତ୍ସାହନ ଏବଂ ଆବଶ୍ୟକତା ଅନୁଯାୟୀ ବାହ୍ୟ ମୁକ୍ତ ସାମ୍ବାଦିକଙ୍କ ସେବା ସଂଗ୍ରହ ସାମ୍ବାଦିକତାର ମାନବୃଦ୍ଧିରେ ସହାୟକ ହେବା ଆଶା କରାଯାଇ ପାରେ । ଏଦିଗରେ ସମ୍ପାଦକୀୟ ନୀତି ପ୍ରଯୋଜନା ଗୁରୁତ୍ୱପୂର୍ଣ୍ଣ ।

## ଆଜିର ଚିନ୍ତନ

ବୁଦ୍ଧିମାନ ବ୍ୟକ୍ତିମାନେ କାର୍ଯ୍ୟସିଦ୍ଧିର ଉପାୟ ଚିନ୍ତା କରନ୍ତି । କେଉଁ ଉପାୟରେ ସେମାନେ ଲକ୍ଷ୍ୟ ସ୍ଥଳରେ ପହଞ୍ଚି ପାରିବେ ତାହାର ଉପାୟ ଚିନ୍ତା କରିବା ପରେ କାର୍ଯ୍ୟ ଆରମ୍ଭ କରନ୍ତି । ଉପାୟ ଚିନ୍ତା କରିବା ସଙ୍ଗେ ସଙ୍ଗେ ଅପାୟ ମଧ୍ୟ ଚିନ୍ତା କରନ୍ତି ଅର୍ଥାତ୍ କାର୍ଯ୍ୟସିଦ୍ଧି ବା ଲକ୍ଷ୍ୟ ହାସଲରେ କ'ଣ କ'ଣ ପ୍ରତିବନ୍ଧକ ବା ବାଧାବିଘ୍ନ ରହିଛି ତାହା ମଧ୍ୟ ଚିନ୍ତା କରିଥାନ୍ତି । ତେଣୁ କୁହାଯାଇଛି, ''ଉପାୟଂ ଚିନ୍ତୟେତ୍ ପ୍ରାଜ୍ଞସ୍ତଥାପାୟଂ ଚ ଚିନ୍ତୟେତ୍ ।' ଉପାୟ ବା ପନ୍ଥା ଠିକ୍ ଥିଲେ, ନିର୍ଭୁଲ ଥିଲେ, କାର୍ଯ୍ୟସିଦ୍ଧି ସହଜରେ ହୁଏ । କେବଳ ପରାକ୍ରମ ବା ସାହାସ ଦ୍ୱାରା ଯାହା ସହଜସାଧ ନୁହେଁ, ତାହା ଉପାୟ ଦ୍ୱାରା ହୋଇ ପାରିଥାଏ । ଉପାୟ ଠିକ୍ ଥିଲେ ସିଦ୍ଧି ଅବଶ୍ୟମ୍ଭାବୀ । ତେଣୁ କୁହାଯାଇଛି, 'ଉପାୟେନ ହି ଯଚ୍ଛକ୍ୟଂ ନ ତଚ୍ଛକ୍ୟଂ ପରାକ୍ରମୈଃ । ଋଣ, ଶତ୍ରୁ, ଅଗ୍ନି ଏ ତିନୋଟିକୁ ମୂଳରୁ ନଷ୍ଟ କରିବାକୁ ହେବ । ଅଧା ଛାଡ଼ି ଦେଲେ ଏମାନେ ପୁଣି ବଢିଯିବେ, ବିପ୍ଲବ କରିବେ । ଋଣ ଶେଷଶ୍ଚାଗ୍ନି ଶେଷଶ୍ଚ ଶତ୍ରୁଶେଷସ୍ତଥୈବଚ, ପୁନଃ ପୁନଃ ପ୍ରବର୍ଦ୍ଧନ୍ତେ ମୂଳାନ୍ୟପି ନିକୃନ୍ତତି' । ସମୂଳେ ନଷ୍ଟ କଲେ ଏମାନେ ଆଉ ବଢ଼ିବାର ସୁଯୋଗ ପାଇବେ ନାହିଁ । 'ଋଣ ଶତ୍ରୁ ବ୍ୟାଧଶେଷ କର୍ତ୍ତବ୍ୟଃ' । ଏଥିରେ ଅଗ୍ନି ବଦଳରେ ବ୍ୟାଧି ଯୋଡ଼ା ଯାଇଛି । ଅଗ୍ନିକୁ ବାଦ୍ ଦିଆଯାଇଛି । ସମସ୍ତେ ସମୃଦ୍ଧି ଚାହାନ୍ତି କିନ୍ତୁ ସମୃଦ୍ଧି ମନୁଷ୍ୟକୁ ଶାନ୍ତିରେ ରଖାଇ ଦିଏ ନାହିଁ । ଏହା ଚିତ୍ତରେ ବିକାର ସୃଷ୍ଟି କରି ମନକୁ ଅଶାନ୍ତ କରେ । 'ଋଦ୍ଧିଶ୍ଚିତ୍ତ ବିକାରିଣୀ' । ଦୁଇ ଜଣଙ୍କର ମନ ଏକ, ଚିନ୍ତାଧାରା ଏକ, ବିଚାର ସମାନ ହେଲେ କୌଣସି କାର୍ଯ୍ୟ ଅସାଧ ହୋଇ ରହେ ନାହିଁ । ସମାନ ମାନସିକତା ହିଁ କାର୍ଯ୍ୟସିଦ୍ଧିର ସାଧନ । ଏକ ଚିତ୍ତେ ଦୟୋରେବ କିମସାଧ୍ୟଂ ଭବେଦିତି' । ସ୍ୱର୍ଗ, ମର୍ତ୍ତ୍ୟ, ପାତାଳ, ତିନି ଜଗତରେ ବ୍ରହ୍ମଚର୍ଯ୍ୟ ପ୍ରଶଂସନୀୟ । ମନୁଷ୍ୟ ହେଉ ବା ଦେବତା ହେଉ କିମ୍ବା ରାକ୍ଷସ ହେଉ, ସମସ୍ତଙ୍କ ପାଇଁ ଉନ୍ନତିର ସଫଳତାର ସାଧନ ହେଉଛି ବ୍ରତ । ଅନେକ ବ୍ରତ ମଧ୍ୟରେ ଶ୍ରେଷ୍ଠ ବ୍ରତ ହେଉଛି ବ୍ରହ୍ମଚର୍ଯ୍ୟ । ବ୍ରହ୍ମଚର୍ଯ୍ୟ ବ୍ରତ ବଳରେ ଅସାଧ ସାଧନ କରି ହୁଏ । ବ୍ରହ୍ମଚର୍ଯ୍ୟ ବୀର୍ଯ୍ୟ ସଂବର୍ଦ୍ଧକ । ଯେ କୌଣସି କାର୍ଯ୍ୟ ସିଦ୍ଧି ପାଇଁ ବଳବୀର୍ଯ୍ୟ ଆବଶ୍ୟକ, ଯାହା ବ୍ରହ୍ମଚର୍ଯ୍ୟ ରକ୍ଷା କରିଥାଏ । ତେଣୁ 'ଏକମେବ ବ୍ରତଂ ଶ୍ଲାଘ୍ୟଂ ବ୍ରହ୍ମଚର୍ଯ୍ୟ ଜଗଦ୍ଭୟ' । ଏକାକୀ ଅର୍ଥ ଚିନ୍ତା କରିବ ନାହିଁ । ନିଜ ପତ୍ନୀ ସହ ହେଉ, ପୁତ୍ର ସହ ହେଉ ବା ବିଶ୍ୱସ୍ତ ବନ୍ଧୁ ସହ ହେଉ ଅର୍ଥ ଚିନ୍ତା କରିବ, ପରାମର୍ଶ ଗ୍ରହଣ କରିବ । ତେଣୁ 'ଏକଶ୍ଚାର୍ଥାନ୍ ଚିନ୍ତୟେତ୍' । ଆୟକୁ ଚାହିଁ ବ୍ୟୟ କର, ଅଦୃଷ୍ଟା ବ୍ୟୟ କଲେ, ଆୟ ପ୍ରତି ଦୃଷ୍ଟି ନ ରଖିଲେ ମନୁଷ୍ୟ ଋଣଗ୍ରସ୍ତ ହୋଇଯିବ । ଋଣ ଏକ ଭାର, ଏହାକୁ ବହନ କରି ଦୁଃଖ ପାଇବା ସାର ହେବ । ତେଣୁ ଆୟଠାରୁ ଅଧିକ ବ୍ୟୟ ନକରିବା ହିଁ ବୁଦ୍ଧିମତ୍ତା, ପାଣ୍ଡିତ୍ୟ । ଆୟଠାରୁ ଅଧିକ ବ୍ୟୟ କରିବା ମୂର୍ଖାମି । ଏତଦେବ ହି ପାଣ୍ଡିତ୍ୟଂ ପଦାୟାନ୍ନାଧିକୋ ବ୍ୟୟଃ ।' ଭାଗବତ ବାଣୀ ହେଉଛି, 'ମଧୁର ବିନୟ ବଚନ, କହି ତୋଷିବ ପ୍ରାଣୀ ମନ' । ମଧୁର ବଚନ ଦ୍ୱାରା ଶତ୍ରୁକୁ ମଧ୍ୟ ବଶ କରିହେବ, ସମସ୍ତଙ୍କୁ ମିତ୍ରତା ସୂତ୍ରରେ ଆବଦ୍ଧ କରିହେବ । ମିଠା କଥାରେ ଶତ୍ରୁ ଟଳେ । ମଧୁର ବଚନ ଭାଷୀର କେହି ଶତ୍ରୁ ନଥାନ୍ତି । 'ତଃ ପରଃ ପ୍ରିୟ ବାଦିନାମ' । ବେଶ୍ୟା ଏବଂ ବାଲିସ୍ତୁପକୁ ସ୍ନେହ କରିବ ନାହିଁ । ବେଶ୍ୟା ଟଙ୍କା ପଇସାର ବଶ । ବେଶ୍ୟା ପାଖରେ ଧନର ମୂଲ୍ୟ ବହୁତ, ସ୍ନେହ ନୁହେଁ । ଠିକ୍ ସେହିପରି ବାଲିସ୍ତୁପ ଅଳ୍ପ ପବନରେ ଭାଙ୍ଗିଯାଏ । ସେଥିପାଇଁ କୁହାଯାଇଛି, ବିଜ୍ଞ ବ୍ୟକ୍ତି କେବେ ଏ ଦୁଇଟି, ବେଶ୍ୟା ଓ ବାଲି ସ୍ତୁପକୁ ସ୍ନେହ କରନ୍ତି ନାହିଁ । 'କଃ ପ୍ରାଜ୍ଞୋ ବାଞ୍ଛିତ ସ୍ନେହଂ ବେଶ୍ୟାସୁ ସିକତାସୁ ଚ ।'

# ଆହାର ବିହାରର ଅଧ୍ୟୟନ ହେଉଛି ଆୟୁର୍ବେଦ

ଆୟୁର୍ବେଦ (ଆୟୁ+ବେଦ= ଆୟୁର୍ବେଦ) ବିଶ୍ୱର ପ୍ରାଚୀନତମ ଚିକିତ୍ସା ପ୍ରଣାଳୀ ଗୁଡ଼ିକ ମଧ୍ୟରୁ ଗୋଟିଏ । ଏହା ଅଥର୍ବବେଦର ଉପବେଦ । ଏହା ବିଜ୍ଞାନ, କଳା ଓ ଦର୍ଶନର ମିଶ୍ରଣ । 'ଆୟୁର୍ବେଦ' ନାମର ଅର୍ଥ ହେଲା 'ଜୀବନର ଜ୍ଞାନ' ଏବଂ ଏହା ସଂକ୍ଷେପରେ ଆୟୁର୍ବେଦର ସାର ଅଟେ ।

ହିତାୟୁ (ଜୀବନର ଅନୁକୂଳ), ଅହିତାୟୁ (ଜୀବନର ପ୍ରତିକୂଳ), ସୁଖ ଆୟୁ (ସ୍ୱଚ୍ଛ ଜୀବନ) ଏବଂ ଦୁଃଖ ଆୟୁ (ରୋଗ ଅବସ୍ଥା)– ଏଗୁଡ଼ିକର ବର୍ଣ୍ଣନ ଯେଉଁଠି ଥାଏ, ତାହାକୁ ଆୟୁର୍ବେଦ କହନ୍ତି । ଆୟୁର୍ବେଦ ଓ ଆୟୁର୍ବିଜ୍ଞାନ ଉଭୟ ଚିକିତ୍ସା ଶାସ୍ତ୍ର, କିନ୍ତୁ ବ୍ୟବହାରରେ ଚିକିତ୍ସା ଶାସ୍ତ୍ରର ପ୍ରାଚୀନ ଭାରତୀୟ ଢଙ୍ଗକୁ ଆୟୁର୍ବେଦ କହନ୍ତି ଏବଂ ଏଲୋପାଥିକ ପ୍ରଣାଳୀ (ଜନସାଧାରଣଙ୍କ ଭାଷାରେ ଆଧୁନିକ ଚିକିତ୍ସା)କୁ ଆୟୁର୍ବିଜ୍ଞାନ ନାମ ଦିଆଯାଏ ।

ଆୟୁର୍ବେଦର ପରିଭାଷା ହେଉଛି- ଆୟୁର୍ବେଦ ବିଶ୍ୱରେ ବିଦ୍ୟମାନ ସେହି ସାହିତ୍ୟ ଅଟେ, ଯାହାର ଅଧ୍ୟୟନ ପରେ ଆମେ ନିଜ ଜୀବନଶୈଳୀର ବିଶ୍ଳେଷଣ କରି ପାରିବା । ଯେଉଁ ଶାସ୍ତ୍ର ବା ବିଜ୍ଞାନ ଆୟୁ ବା ଜୀବନର ଜ୍ଞାନ କରାଏ, ତାହାକୁ ଆୟୁର୍ବେଦ କହନ୍ତି । ସୁସ୍ଥ ବ୍ୟକ୍ତି ଓ ଆତୁର (ରୋଗୀ)ଙ୍କ ସକାଶେ ଉତ୍ତମ ମାର୍ଗ ବତାଉଥିବା ବିଜ୍ଞାନକୁ ଆୟୁର୍ବେଦ କହନ୍ତି । ଯେଉଁ ଶାସ୍ତ୍ରରେ ଆୟୁ ଶାଖା (ବୟସର ବିଭାଜନ), ଆୟୁ ବିଦ୍ୟା, ଆୟୁ ସୂତ୍ର, ଆୟୁଜ୍ଞାନ, ଆୟୁଲକ୍ଷଣ (ପ୍ରାଣ ଥିବାର ଚିହ୍ନ), ଆୟୁ ତନ୍ତ୍ର (ଶାରୀରିକ ରଚନା, ଶାରୀରିକ କ୍ରିୟା)– ଏହି ବିଷୟଗୁଡ଼ିକର ସମ୍ପୂର୍ଣ୍ଣ ଜ୍ଞାନ ମିଳିଥାଏ, ତାହା ଆୟୁର୍ବେଦ ଅଟେ ।

ଆୟୁର୍ବେଦର ଇତିହାସ ଅତ୍ୟନ୍ତ ପ୍ରାଚୀନ । ପୁରାତତ୍ତ୍ୱ ବିଦ୍‌ମାନଙ୍କ ଅନୁସାରେ ସଂସାରର ପ୍ରାଚୀନତମ ପୁସ୍ତକ ହେଉଛି ଋଗବେଦ । ବିଭିନ୍ନ ବିଦ୍ୱାନମାନେ ଏହାର ରଚନାକାଳ ଖ୍ରୀ.ପୂ. ୩୦୦୦ ରୁ ୫୦୦୦ ମାନିଛନ୍ତି । ଏହି ସଂହିତାରେ ମଧ ଆୟୁର୍ବେଦର ଅତି ମହତ୍ତ୍ୱପୂର୍ଣ୍ଣ ସିଦ୍ଧାନ୍ତ ଯତ୍ର ତତ୍ର ବିକୀର୍ଣ୍ଣ ହୋଇ ରହିଛି । ଏଥିରୁ ଆୟୁର୍ବେଦର ପ୍ରାଚୀନତା ପ୍ରମାଣିତ ହୋଇଥାଏ । ଏଣୁ ଆମେ କହି ପାରିବା ଯେ ଆୟୁର୍ବେଦର ରଚନାକାଳ ଖ୍ରୀ.ପୂ. ୩୦୦୦ ରୁ ୫୦୦୦ ପୂର୍ବରୁ ।

ଆୟୁର୍ବେଦ ଚିକିତ୍ସାର ଅଗଣିତ ଲାଭ ଅଛି । ଆୟୁର୍ବେଦର ଚିକିତ୍ସା ବିଧି ସର୍ବାଙ୍ଗୀନ । ଆୟୁର୍ବେଦ ଚିକିତ୍ସା ପରେ ବ୍ୟକ୍ତିର ଶାରୀରିକ ତଥା ମାନସିକ, ଉଭୟ ସ୍ଥିତିରେ ସୁଧାର ହୋଇଥାଏ । ବ୍ୟାବହାରିକ ରୂପେ ଆୟୁର୍ବେଦିକ ଔଷଧଗୁଡ଼ିକର କୌଣସି କୁପ୍ରଭାବ ଦେଖିବାକୁ ମିଳେ ନାହିଁ । ଆୟୁର୍ବେଦିକ ଔଷଧୀଗୁଡ଼ିକର ଅଧିକାଂଶ ଘଟକ ଜଡ଼ିବୁଟି, ବୃକ୍ଷଲତା, ଫୁଲ ଓ ଫଳ ଆଦିରୁ ପ୍ରାପ୍ତ ହୋଇଥାଏ । ଏଣୁ ଏହି ଚିକିତ୍ସା ପ୍ରକୃତିର ଅତି ନିକଟ । ଅନେକ ଜୀର୍ଣ୍ଣ ରୋଗୀଙ୍କ ସକାଶେ ଆୟୁର୍ବେଦ ବିଶେଷ ରୂପେ ପ୍ରଭାବଶାଳୀ ।

ଆୟୁର୍ବେଦ କେବଳ ରୋଗର ଚିକିତ୍ସା କରେ ନାହିଁ, ବରଂ ରୋଗ ଗୁଡ଼ିକ ମଧ ରୋକିଥାଏ । ଆୟୁର୍ବେଦ ଭୋଜନ ତଥା ଜୀବନଶୈଳୀରେ ସରଳ ପରିବର୍ତ୍ତନ ଦ୍ୱାରା ରୋଗଗୁଡ଼ିକୁ ଦୂରେଇ ରଖିବାର ଉପାୟ ବତାଇଥାଏ ଆୟୁର୍ବେଦିକ ଔଷଧ ସୁସ୍ଥ ଲୋକଙ୍କ ପାଇଁ ମଧ ଉପଯୋଗୀ । ଆୟୁର୍ବେଦିକ ଚିକିତ୍ସା ଅପେକ୍ଷାକୃତ ଶସ୍ତା ମଧ କାରଣ ଆୟୁର୍ବେଦ ଚିକିତ୍ସାରେ ସହଜରେ ଉପଲବ୍ଧ ଜଡ଼ିବୁଟିର ଉପଯୋଗ ହୋଇଥାଏ ।

ଆୟୁର୍ବେଦ ସମ୍ବନ୍ଧୀୟ ଗବେଷଣାକୁ ଆମେ ପ୍ରଶ୍ରୟ ଦେବା ଉଚିତ । ସ୍ୱାଧୀନତା ପ୍ରାପ୍ତି ପରେ ଭାରତ ସରକାରଙ୍କ ଧ୍ୟାନ ଆୟୁର୍ବେଦ ସିଦ୍ଧାନ୍ତ ଓ ଚିକିତ୍ସା ସମ୍ବନ୍ଧୀୟ ଗବେଷଣା ପ୍ରତି ଆକର୍ଷିତ ହେଲା । ଫଳସ୍ୱରୂପ ଏ ଦିଗରେ କିଛି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଗଲା ଏବଂ କେତେକ ଗବେଷଣା ପରିଷଦ ଓ ସଂସ୍ଥାନର ସ୍ଥାପନା କରାଗଲା, ଯାହା ମଧ୍ୟରୁ ପ୍ରମୁଖ ହେଉଛି- ଭାରତୀୟ ଚିକିତ୍ସା ପଦ୍ଧତି ଏବଂ ହୋମିଓପାଥର – କେନ୍ଦ୍ରୀୟ ଅନୁସନ୍ଧାନ ପରିଷଦ (ସେଣ୍ଟ୍ରାଲ କାଉନସିଲ ଫର – ରିସର୍ଚ୍ଚ ଇନ ଇଣ୍ଡିଆନ ମେଡିସିନ ଆଣ୍ଡ ହୋମିଓପାଥି) ନାମକ = ଏହି ସ୍ୱୟଂଶାସିତ କେନ୍ଦ୍ରୀୟ ଅନୁସନ୍ଧାନ ପରିଷଦର ସ୍ଥାପନା ସମ୍ପର୍କୀତ ବିଲକୁ ଭାରତ ସରକାର ୨୨ ମଇ, ୧୯୬୯ରେ ଲୋକସଭାରେ ଗୃହୀତ କରିଥିଲେ ।

ଏହାର ଉଦ୍ଦେଶ୍ୟ ହେଉଛି ଆୟୁର୍ବେଦ ଚିକିତ୍ସାର ସିଦ୍ଧାନ୍ତକ ଓ ପ୍ରାୟୋଗିକ ପକ୍ଷଗୁଡ଼ିକର ବିଭିନ୍ନ ଦିଗ ଉପରେ ଅନୁସନ୍ଧାନର ସୂତ୍ରପାତକୁ ନିର୍ଦ୍ଦେଶିତ, ଉନ୍ନତ, ସମ୍ବର୍ଦ୍ଧିତ ତଥା ବିକଶିତ କରିବା । ଏହି ସଂସ୍ଥାର ମୁଖ୍ୟ କାର୍ଯ୍ୟଗୁଡ଼ିକ ହେଲା- ଭାରତୀୟ ଚିକିତ୍ସା ପ୍ରଣାଳୀ, ହୋମିଓପାଥି ତଥା ରୋଗର ବିଭିନ୍ନ ସୈଦ୍ଧାନ୍ତିକ ଏବଂ ବ୍ୟାବହାରିକ ପକ୍ଷଗୁଡ଼ିକରେ ବୈଜ୍ଞାନିକ ଅନୁସନ୍ଧାନର ସୂତ୍ରପାତ, ସମ୍ବର୍ଦ୍ଧନ ଓ ସାମଞ୍ଜସ୍ୟ ସ୍ଥାପନ କରିବା ତଥା କେନ୍ଦ୍ରୀୟ ପରିଷଦ ଏବଂ ଆୟୁର୍ବେଦୀୟ ବାଙ୍ମୟର ଉତ୍କର୍ଷ ପତ୍ର ଆଦିର ମୁଦ୍ରଣ, ପ୍ରକାଶନ ଓ ପ୍ରଦର୍ଶନ କରିବା ।

ଆୟୁର୍ବେଦ ସ୍ୱାସ୍ଥ୍ୟ ପ୍ରତି ସକାରାତ୍ମକ ଓ ପ୍ରାକୃତିକ ଦୃଷ୍ଟିକୋଣ ପୋଷଣ କରିଥାଏ । ପ୍ରତିଦିନର ଆହାର ଓ ସାଧାରଣ ରୋଗଗୁଡ଼ିକରେ ଆୟୁର୍ବେଦିକ ଉପାୟଗୁଡ଼ିକ ଲାଭପ୍ରଦ ହୋଇଥାଏ ଏବଂ ଏହି ପ୍ରାକୃତିକ ତତ୍ତ୍ୱଗୁଡ଼ିକର କୁପ୍ରଭାବ ପଡ଼ି ନ ଥାଏ । ଉଦାହରଣ ସ୍ୱରୂପ ଋତୁ ପରିବର୍ତ୍ତନ ହେଲେ ସର୍ଦ୍ଦି, କାଶ, ଆଲର୍ଜି, ସଂକ୍ରମଣ ଆଦିରେ ଏକ କପ ପାଣିରେ ଖଣ୍ଡେ ଗୁଡ଼ ଓ ଗୋଲମରିଚ ମିଶାଇ ଫୁଟାଇ ଦିଅନ୍ତୁ । ଏହାକୁ ଗରମ ଥିବା ଅବସ୍ଥାରେ ଢୋକେ ଢୋକେ ପିଇଲେ ଆରାମ ମିଳିଥାଏ । ଏକ ଚାମଚ ଅଦା ରସ, ଅଁଳା ରସ, ଏକ ଛୋଟ ଚାମଚ ମହୁକୁ ଅଳ୍ପ ପାଣିରେ ମିଶାଇ ପିଅନ୍ତୁ । ଅମ୍ଳତା (ଛାତି ପାଡ଼ିବା) ବଢ଼ିଗଲେ ପ୍ରତିଦିନ ଗୋଟିଏ ଲେଖାଏଁ ଲବଙ୍ଗ ଚୋବାନ୍ତୁ । ପାନମହୁରି ପାଣି ପିଅନ୍ତୁ । ତୁଳସୀ ପତ୍ରକୁ ଧୋଇ ଚୋବାନ୍ତୁ । ଏସବୁ କଲେ ଲାଭ ମିଳିଥାଏ ।

ରକ୍ତହୀନତା ହେଲେ ଫାରୋସା କାଳି ସେବନ କରନ୍ତୁ । ଜିରା, ପତ୍ର ଯୁକ୍ତ ପରିବା, ଗୋଟା ଶସ୍ୟ, କମଳା ରସ, ଦୁଧ ଓ କିସମିସ ଆଦି ସେବନ ଦ୍ୱାରା ରକ୍ତରେ ରକ୍ତକୋଷଗୁଡ଼ିକର ସଂଖ୍ୟା ବଢ଼ିଥାଏ ଏବଂ ରକ୍ତର ଅଭାବ ପୂରଣ ହୋଇଥାଏ ।

ଆୟୁର୍ବେଦ ସହିତ ଯୋଗ କରିବାର ମଧ ମହତ୍ତ୍ୱ ରହିଛି । ଯେପରି ଅନୁଲୋମ-ବିଲୋମ ପ୍ରାଣାୟାମ ପୂରା ଶରୀର ଓ ମନର ଶୁଦ୍ଧିକରଣ ପାଇଁ ସର୍ବୋତ୍ତମ ଏବଂ ସରଳ ଉପାୟ । ଏହା ଚାପ ଯୋଗୁଁ ଉତ୍ପନ୍ନ ହେଉଥିବା ଫ୍ରି ରାଡିକଲସର ମୁକାବିଲା କରିଥାଏ, ଯଦ୍ୱାରା ଆମେ ସତେଜତା ଅନୁଭବ କରିଥାଉ ଆୟୁର୍ବେଦରେ ପ୍ରାଥମିକ ଚିକିତ୍ସାର ବହୁତ ଉପାୟ ଅଛି । ଯେପରି ବେହୋସ ହେଲେ, ତୁଣ୍ଡ ଘାଆ ହେଲେ, ଘା' ବା କ୍ଷତ ହେଲେ, କଣ୍ଟା ଫୁଟିଗଲେ, ଦରଜ ହେଲେ ଆମକୁ କ'ଣ କରିବା ଉଚିତ – ଏସବୁ ନିମନ୍ତେ ଅନେକ ସଫଳ ଉପାୟର ବର୍ଣ୍ଣନ ରହିଛି ।

ସର୍ବପ୍ରଥମେ ଆମେ ନିଜ ଶରୀରର ଭାଷାକୁ ବୁଝିବା ଆବଶ୍ୟକ । ଶରୀରକୁ କେତେବେଳେ କ'ଣ ଦରକାର ଜାଣିବା ଉଚିତ । ରୋଗ ହେଲେ ଖାଦ୍ୟ ଗ୍ରହଣର ସଠିକ ଉପାୟ ଓ ପରିମାଣର ଜ୍ଞାନ ଆମର ରହିବା ଦରକାର । ଠିକ୍ ନ ହେଲେ ଚିକିତ୍ସକଙ୍କ ପାଖକୁ ଅବଶ୍ୟ ଯାଆନ୍ତୁ । ଆମର ପ୍ରତିଦିନର ଆହାର ଶୁଦ୍ଧ ଓ ସୁପାଚ୍ୟ ହେଉ । ଶୋଇବା-ଉଠିବାର ସମୟ ନିର୍ଦ୍ଦିଷ୍ଟ ହେଉ । ଯଦି ଆମେ ଉପରୋକ୍ତ କଥାଗୁଡ଼ିକ ଉପରେ ଧ୍ୟାନ ଦେଇ ଜୀବନ ଯାପନ କରିବା ତ ଆୟୁର୍ବେଦ ପ୍ରଭାବଶାଳୀ ହୋଇଥାଏ । ଆୟୁର୍ବେଦ ଆହାର ଓ ବିହାର, ଉଭୟ ସକାଶେ ସମୁଚିତ ପରାମର୍ଶ ଦେଇଥାଏ । ସେଥିପାଇଁ ଆୟୁର୍ବେଦକୁ ଆହାର-ବିହାରର ଅଧ୍ୟୟନ ମଧ କୁହାଯାଏ ।

# ଚର୍ବି କମାଇବାର ଉପାୟ



ଅନିୟମିତତା ଜୀବନ ଶୈଳୀରେ ବଢ଼ୁଥିବା ଚର୍ବି ଯୋଗୁଁ ଯଦି ଚିନ୍ତାରେ ଥାଆନ୍ତି ତେବେ ଶୋଇବା ପୂର୍ବରୁ କିଛି ହର୍ବାଲ୍ ଜୁସ୍ ପିଇ ଶୁଅନ୍ତୁ, ଦେଖିବେ କିଛିଦିନ ଭିତରେ ଆପଣଙ୍କ ଫରକ୍ ଜାଣିପାରିବେ ।

**କାକୁଡି ଜୁସ୍:** ଶୋଇବା ପୂର୍ବରୁ କାକୁଡି ଜୁସ୍ ପିଅନ୍ତୁ । ଏହା ପେଟ ପରିଷ୍କାର କରିଥାଏ । ଶରୀରରେ ଚର୍ବିକୁ ବଢ଼ାଇବାକୁ ଦିଏ ନାହିଁ । ଗୋଟାଏ କାକୁଡିରେ ମାତ୍ର ୪୫ କ୍ୟାଲୋରୀ ରହିଥାଏ । ଏଥିରେ ୯୬ ପ୍ରତିଶତ ପାଣି ଓ ଫାଇବର୍ ରହିଥାଏ, ଯାହା ବିନା କ୍ୟାଲୋରୀଯୁକ୍ତ ହୋଇଥାଏ । ଏହାକୁ ଖାଇବା ଦ୍ୱାରା ଆପଣଙ୍କ ଓଜନ ମଧ ବଢ଼ିବ ନାହିଁ । ଆପଣ ଯଦି କାକୁଡିରେ ପ୍ରସ୍ତୁତ ସାଲାଡ୍ ଖାଇବେ ତାହେଲେ ୩ ଦିନରେ ପାଖାପାଖି ୨ କେଜି ଓଜନ କମିଯିବ ।

**ଲେମ୍ବୁପାଣି:** ଲେମ୍ବୁପାଣି ମେଦ ହ୍ରାସରେ ସବୁଠୁ ଅଧିକ ସହାୟକ ହୋଇଥାଏ । ୨୫ ଗ୍ରାମ୍ ଲେମ୍ବୁ ରସରେ ୧୫ ଗ୍ରାମ୍ କଲରା ରସ ମିଶାଇ ପିଇବା ଦ୍ୱାରା ଚର୍ବି କମିଥାଏ । ଶୀଘ୍ର ମେଦ ହ୍ରାସ କରିବାକୁ ଚାହୁଁଥିଲେ । ପ୍ରତିଥର ଖାଇବା ପରେ ଉଷୁମ ପାଣିରେ ଲେମ୍ବୁରସ ଓ ମହୁ ମିଶାଇ ପିଇପାରିବେ ।

**ଅଦାରସ:** ଏକ ଚାମଚ ଅଦାରସ ଚର୍ବିକୁ କମ୍ କରିପାରେ । ଏକ ଗ୍ଲାସ୍ ଉଷୁମ ପାଣିରେ ଅଧା ଚାମଚ ଲେମ୍ବୁରସ, ଦଶବୁନ୍ଦା ଅଦାରସ ଓ ୧୦ ଗ୍ରାମ ମହୁ ମିଶାଇ ପିଅନ୍ତୁ । ଏହାଦ୍ୱାରା ଶରୀରରେ ଚର୍ବି କମିଯିବ ।

**ଏଲୋଭେରା ଜୁସ୍:** ଏଲୋଭେରା ଜୁସ୍ ଅମୃତ ସହିତ ସମାନ । ସବୁ ରୋଗ ପାଇଁ ଏହା ମହୌଷଧି । ପ୍ରତିଦିନ ଏକ ଗ୍ଲାସ୍ ଏଲୋଭେରା ଜୁସ୍ ପିଇବା ଦ୍ୱାରା ହଜମ ପ୍ରକ୍ରିୟା ମଧ ସକ୍ରିୟ ହେବା ସହିତ ମେଦ ହ୍ରାସ ମଧ ହୋଇଥାଏ ।

## ଟିକିଏ ହସନ୍ତୁ

ଶିକ୍ଷୟିତ୍ରୀ ମୁନିର ଡାଏରୀରେ ଲେଖିଲେ: ଦୟାକରି ପିଲାଙ୍କୁ ଗାଧୋଇକି ସ୍କୁଲକୁ ପଠାନ୍ତୁ ।

ମୁନିର ମା' ଡାଏରିର ଲେଖା ଦେଖିବା ପରେ ଡାଏରୀରେ ଲେଖିଲେ- ଦୟାକରି ସ୍କୁଲରେ ପିଲାଙ୍କୁ ପାଠ ପଢ଼ାନ୍ତୁ ।

ସେମାନଙ୍କୁ ଶୁଙ୍ଘନ୍ତୁ ନାହିଁ ।

× × × ×

ରାଜୁ ସବୁଦିନ ସ୍କୁଲ ଲେଟ୍ ପହଞ୍ଚୁଥିଲା ।

ଏହା ଦେଖି ଶିକ୍ଷକ: ସବୁଦିନ ଲେଟ୍ କାହିଁକି ଆସୁଛୁ ? ସବୁ ପିଲାଙ୍କ ସହ ମିଶିକି ସ୍କୁଲ ବସରେ ଟାଇମ୍‌ରେ ଆସୁନୁ ।

ରାଜୁ: ଗ୍ରୁପ ହେଇ ମିଶିକି କେବଳ ଗଧମାନେ ଆସନ୍ତି । ସିଂହ ତ ସବୁବେଳେ ଏକୁଟିଆ ଆସେ ।

× × ×

ପିଙ୍କି: ଯେତେ ଶୀତ ହେଉ ପଛେ ମୁଁ ସବୁଦିନ ଗାଧାଏ ।

ପପୁ ହସି ହସି: ମୁଁ ତ ଶୀତ ଦିନେ ୨ ଥର ଗାଧାଏ ।

ପିଙ୍କି: ଆରେ, ତୁ ତ ବହୁତ ସଫା ସୁତୁରା ।

ପପୁ: ନାଇଁରେ ପାଗଳୀ । ମୁଁ ଦୁଇଥର ଗାଧାଏ ସତ କିନ୍ତୁ ମାସରେ ଦୁଇଥର ।

× × × ×



ନିଘୋଡ଼ ନିଦରେ ଶୋଇଥିବା ପୁଅକୁ ଜବରଦସ୍ତ ହଲାଇ ହଲାଇ ଉଠାଇ

ବାପା: ବଡ଼ ଆରାମରେ ଶୋଇଛୁ । ସ୍କୁଲ କ'ଣ ପାଇଁ ଗଲୁନି ?

ପୁଅ: ମୁଁ ଆପଣଙ୍କ ପୁଅ । ଆପଣଙ୍କ ପ୍ରତି କଥାକୁ ସମ୍ମାନ ଦିଏ । ସେଥିପାଇଁ ସ୍କୁଲ ଗଲିନି ।

ବାପା: କ'ଣ ? ମୁଁ ତତେ ସ୍କୁଲ ଯିବାକୁ ମନା କରିନି ।

ପୁଅ: ନାଇଁ ଯେ, ହେଲେ ଆପଣ ହିଁ ତ କହିଥିଲେ ଗୋଟିଏ ଜାଗାକୁ ବାରମ୍ବାର ଗଲେ ଇଜ୍ଜତ ରହେନି ।

× × × × × × ×

ରାମୁ ଖୁସି ହୋଇ ରାଜୁକୁ: ଜାଣିଛୁ ଆଜି ଟ୍ରେନରେ ଗଲାବେଳେ ପ୍ରଥମ ଥର ପାଇଁ ଏକ ସୁନ୍ଦର ଝିଅ ମୋ ସହ କଥା ହେଲା ।

ରାଜୁ: ସତ । ସେ କ'ଣ କହିଲା ?

ରାମୁ: ସେ କହିଲା 'ଉଠ ! ଏଇଟା ଲେଡିଜ୍ ସିଟ୍ ।

ସ୍ତ୍ରୀ ଶକ୍ତି

ବର୍ଷ ୨୬, ସଂଖ୍ୟା-୫, ୩୦ ଜାନୁଆରୀ- ୫ ଫେବୃଆରୀ ୨୦୨୨

# ସ୍ୱାୟତ୍ତଶାସନ ଓ ନିର୍ବାଚନ

ଜାତିର ଜନକ ମହାତ୍ମା ଗାନ୍ଧୀ କହିଥିଲେ ଯେ ସ୍ୱାୟତ୍ତଶାସିତ ସଂସ୍ଥା ଯଥା ପଞ୍ଚାୟତ ଓ ପୌରପରିଷଦର ନିର୍ବାଚନ ଦଳୀୟଭିତ୍ତିରେ ହେବା ଉଚିତ ନୁହେଁ । କୌଣସି ବାହ୍ୟ ହସ୍ତକ୍ଷେପ ନ ରହି ସ୍ଥାନୀୟ ଲୋକମାନଙ୍କର ଅବ୍ୟବସ୍ଥାକୁ ସୁଧାରିବା ପାଇଁ ସେଇମାନଙ୍କ ଭିତରୁ, ସେଇମାନଙ୍କ ଦ୍ୱାରା ନିର୍ବାଚନ ଅନୁଷ୍ଠିତ ହେଲେ ସେମାନଙ୍କର ସ୍ଥାନୀୟ ସମସ୍ୟାମାନ ସଠିକ ରୂପେ ସମାଧାନ ହୋଇପାରିବ । ସମ୍ପୃକ୍ତ ଅଞ୍ଚଳର ସମସ୍ତ ଅର୍ଥନୈତିକ କ୍ଷମତା ବିଧାୟକ, ସାଂସଦ କିମ୍ବା ସରକାରଙ୍କ ହସ୍ତକ୍ଷେପ ରହିତ ହୋଇ ଅଞ୍ଚଳବାସୀଙ୍କୁ ଅର୍ଥାତ୍ ସ୍ୱାୟତ୍ତସଂସ୍ଥାର ନିର୍ବାଚିତ ପ୍ରତିନିଧିମାନଙ୍କୁ ହସ୍ତାନ୍ତରିତ ହେବା ବିଧେୟ ।

ଅଭିଧାନ ଦୃଷ୍ଟିରୁ ଦେଖିଲେ ସ୍ୱାୟତ୍ତଶାସନ ଅଞ୍ଚଳର ଅଧିବାସୀମାନେ ନିଜେ ନିଜକୁ ଶାସନ କରିବେ । ନିର୍ବାଚନରେ ସମସ୍ତ ପ୍ରାର୍ଥୀ ସ୍ୱାଧୀନଭାବେ ଲଢ଼େଇ କରିବେ ଏବଂ କୌଣସି ରାଜନୈତିକ ଦଳର ସଙ୍କେତ ଓ ପ୍ରଭାବ ରହିବା ଉଚିତ ନୁହେଁ । ମାତ୍ର ଗାନ୍ଧିଜୀ ତ ଆଜି କେବଳ ପୁସ୍ତକର ପାଠ୍ୟବସ୍ତୁ ହୋଇ ରହିଗଲେଣି ଓ ଉଦାହରଣର ଚରିତ୍ର ହୋଇ ସୀମିତ ହୋଇଗଲେଣି ବୋଲି ଅଭିଯୋଗ ହେଉଛି । ତେଣୁ ଏବେ କେବଳ ପଞ୍ଚାୟତ ବା ପୌରପରିଷଦ ନୁହଁ, ଏପରିକି କଲେଜ ନିର୍ବାଚନରେ ଦଳୀୟ ରାଜନୀତିର ଅନୁପ୍ରବେଶକୁ ସମସ୍ତେ ଉପଲବ୍ଧି କଲେଣି । ତଦ୍ୱାରା ନିର୍ବାଚନୀ ହିଂସା ଏହି ପବିତ୍ର ସଂସ୍ଥାଗୁଡ଼ିକୁ ରଣାଙ୍ଗନରେ ପରିଣତ କରି ଦେଉଥିବା ଗତ କିଛିବର୍ଷ ହେଲା ବୁଦ୍ଧିଜୀବୀ ଓ ଶିକ୍ଷାବିତମାନେ ଉଦ୍‌ବେଗ ପ୍ରକାଶ କରି ଆସୁଛନ୍ତି ।

ସେହିଭଳି ଦଳୀୟ ରାଜନୀତିରେ ରାଷ୍ଟ୍ରନୀତି ଅପେକ୍ଷା ଦଳୀୟ ନୀତିକୁ ଅଧିକ ଗୁରୁତ୍ୱ ଦିଆଯାଉଥାଏ । ବ୍ୟକ୍ତି ବା ପ୍ରତିନିଧି ଯେତେ ସଚ୍ଚୋଟ ଓ ସ୍ୱଚ୍ଛ ହେଲେ ମଧ୍ୟ ଦଳୀୟ ଶୃଙ୍ଖଳା ନାଁରେ ସେ ସବୁ ଅନୀତିକୁ ଦେଖୁଥିବ, ମାତ୍ର ସବୁ ସହି ନେଉଥିବ । ଏଇଥି ପାଇଁ ଦୁଇ ଦୁଇଥର ପ୍ରଧାନମନ୍ତ୍ରୀ ପଦ ସମ୍ଭାଳିଥିବା ଭଳି ବ୍ୟକ୍ତିତ୍ୱ ଗୁଲଜାରୀଲାଲ ନନ୍ଦା କହିଥିଲେ ଆମ ଭାରତୀୟଙ୍କ ରକ୍ତରେ ଦୁର୍ନୀତି ଏଭଳି ଭାବେ ମିଶିଗଲାଣି ଯେ ତା'କୁ ନିର୍ମୂଳ କରିବା ସମ୍ଭବ ନୁହେଁ । ସେ ବି ପାରିଲେନି, ହାରିଗଲେ ରାଜନୀତି ଯୁଦ୍ଧରେ ।

ଇଂରେଜ ଶାସନ ସମୟରେ ଶାସନ ବ୍ୟବସ୍ଥାରେ ସାଧୁତା ଓ ଶୃଙ୍ଖଳା ଥିଲା ବୋଲି ତତ୍କାଳୀନ ବହୁଲୋକଙ୍କ ମୁହଁରୁ ଶୁଣିବାକୁ ମିଳେ । ସେମାନଙ୍କ ରାଜନୀତି (ରାଷ୍ଟ୍ରନୀତି) ଥିଲା 'ରୟାଲ୍ ମାରାଲିଟି' । ମାତ୍ର ଭାରତୀୟଙ୍କୁ ଶାସନ କରୁଥିବାବେଳେ ସେମାନେ ତାହାକୁ କୁତ୍ସିତ ପ୍ରୟୋଗ କରି ମୁଖ୍ୟତଃ ଯାହା କରୁଥିଲେ, ତାହା ହିଁ ତଥାକଥିତ 'ପଲିଟିକ୍ସ ରୂପେ ଆମ ସ୍ୱାଧୀନତା ପରବର୍ତ୍ତୀ ଭାରତୀୟ ଶାସକମାନଙ୍କୁ ଗ୍ରାସ କରିଗଲା । ଇଂରେଜମାନେ 'ପଲିଟିକ୍ସ' କରି ସ୍ୱାଧୀନତା ପୂର୍ବରୁ ଭାରତୀୟମାନଙ୍କୁ ଖଣ୍ଡବିଖଣ୍ଡିତ କଲେ । କାରଣ ଶାସନର ଫାଇଦା ହାସଲ କରିବା ପାଇଁ 'ଡିଭାଇଡ୍ ଆଣ୍ଡ ରୁଲ୍' ହିଁ ତାଙ୍କର ଥିଲା ସର୍ବଶ୍ରେଷ୍ଠ ପଲିସି (ନୀତି) ବା 'ପଲିଟିକ୍ସ' ।

ଇଂରେଜ ପ୍ରଣୋଦିତ ଶିକ୍ଷାପଦ୍ଧତି ମଧ୍ୟ ଆମ ଜନଗଣଙ୍କୁ ଏପରି ଦୁଇ ଭାଗରେ ବିଭକ୍ତ କଲା ଯେ ଅଶିକ୍ଷିତଙ୍କ ଆର୍ଥିକ ସହଯୋଗ ପାଇ ଯେଉଁମାନେ ଶିକ୍ଷିତ ହେଲେ, ସେଇମାନେ ହିଁ ପ୍ରଥମେ ସେମାନଙ୍କ ପିତାମାତାଙ୍କୁ ଅଶିକ୍ଷିତ ଭାବି ତାଙ୍କଠୁଁ ଦୂରେଇ ଗଲେ । ଯେଉଁ ଅଞ୍ଚଳରେ ଉକ୍ତ ଶିକ୍ଷା ପ୍ରସାର ଲାଭ କଲା, ସେଇଠାରେ ହିଁ ପ୍ରଥମେ ବିଭେଦ ସୃଷ୍ଟି ହେଲା ।

ସ୍ୱାଧୀନତା ପରବର୍ତ୍ତୀ ସମୟରେ ଯେଉଁମାନେ ଦଳୀୟ ରାଜନୀତିରେ ଅଂଶୀଦାର ହେଲେ ସେମାନେ ସଂହତି ଆଣିବା ପରିବର୍ତ୍ତେ ବିଭେଦ ସୃଷ୍ଟି କଲେ । ମଣିଷ-ମଣିଷ ଜାତି-ଜାତି ଓ ବୃତ୍ତି-ବୃତ୍ତି ମଧ୍ୟରେ ବିଭେଦର ପ୍ରାଚୀର ସୃଷ୍ଟି ହୋଇ ଚାଲିଲା । ଦେଶର ସାମୂହିକ ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ନିଜସ୍ୱ ସ୍ୱାର୍ଥ ଚିନ୍ତା ରାଜନୀତିରେ ଅଗ୍ରାଧିକାର ଲାଭ କଲା । ଫଳତଃ ଆମ ଦେଶ ଆଜି ସର୍ବଶକ୍ତିର ଆଧାର ହେଲେ ବି ନିଜ ଶକ୍ତି ସାମର୍ଥ୍ୟକୁ ବିଶ୍ୱ ଦରବାରରେ ସଠିକ୍ ରୂପେ ପ୍ରଦର୍ଶିତ କରିପାରି ନାହିଁ । 'ଗଣତନ୍ତ୍ର' ଆଜି 'ମୁଷ୍ଟିମେୟତନ୍ତ୍ର'ରେ ପରିଣତ ହୋଇ ଯାଇଛି । ତେଣୁ ସ୍ଥାନୀୟ ନିର୍ବାଚନ ପ୍ରକ୍ରିୟାରେ ଏଭଳି 'ମୁଷ୍ଟିମେୟତନ୍ତ୍ର ବଦଳରେ ପ୍ରକୃତ 'ରାମରାଜ୍ୟ'ର 'ଗଣତନ୍ତ୍ର'କୁ ପ୍ରାଧାନ୍ୟ ଦେବା ପାଇଁ ଜନମତ ସୃଷ୍ଟି ହେବା ଆଜି ଦିନର ଆହ୍ୱାନ ।

ତେଣୁ ଆମର ଏହି ବିଶାଳ ଜନମଙ୍ଗଳ ରାଷ୍ଟ୍ରରେ ସ୍ୱାୟତ୍ତଶାସିତ ସଂସ୍ଥା ଏବଂ ଶିକ୍ଷାନୁଷ୍ଠାନ ଗୁଡ଼ିକରେ ଦଳୀୟ ରାଜନୀତିକୁ ପ୍ରଶ୍ରୟ ଦିଆ ନ ଯାଇ ବ୍ୟକ୍ତିତ୍ୱ- ବ୍ୟକ୍ତିତ୍ୱ ମଧ୍ୟରେ ଲଢ଼େଇକୁ ପ୍ରୋତ୍ସାହନ ଦିଆଗଲେ ଜନଗଣ ଅଧିକ ଉପକୃତ ହୋଇ ପାରନ୍ତେ । ସ୍ୱାୟତ୍ତଶାସନର ନାମକରଣର ସାର୍ଥକତା ପ୍ରତିପାଦିତ ହୋଇପାରନ୍ତା ।

# ଧର୍ମଗତ ଶୃଙ୍ଖଳା

ମହାତ୍ମା ଗାନ୍ଧୀ



ଅନେକ ସମୟରେ ଏହି କଥାଟିକୁ କୁହାଯାଇଛି ଯେ, ଅନ୍ତତଃ ଆର୍ଥିକ ଜୀବନରେ ଭାରତବର୍ଷ କଦାପି ସ୍ୱଦେଶୀକୁ ଗ୍ରହଣ କରିପାରି ନାହିଁ । ଯେଉଁମାନେ ଏହିଭଳି ଆପତ୍ତି କରନ୍ତି, ସେମାନେ ସ୍ୱଦେଶୀକୁ ଜୀବନର ଏକ ନିୟମରୂପେ ଆଦୌ ଦେଖି ପାରନ୍ତି ନାହିଁ । ଏହାକୁ ସେମାନେ କେବଳ ଏକ ଦେଶପ୍ରୀତିର ପ୍ରୟାସ ବୋଲି ଅନୁଭବ କରନ୍ତି ଏବଂ ଯଦି ଏଥିପାଇଁ କୌଣସି ଆତ୍ମତ୍ୟାଗ କରିବାକୁ ପଡ଼େ ତେବେ ତାହା କରିବା ଉଚିତ ନୁହେଁ ବୋଲି ଭାବନ୍ତି । ସ୍ୱଦେଶୀ କହିଲେ ଏଠାରେ ଏକ ଧର୍ମଗତ ଶୃଙ୍ଖଳାକୁ ବୁଝାଉଛି, ବ୍ୟକ୍ତିମାନଙ୍କର ଜୀବନରେ ତାହା ଯେତେ ଯାହା ବାହ୍ୟ ଅସୁବିଧା ଆଣି ଦେଉଥିଲେ ମଧ୍ୟ ତଥାପି ନିଷ୍ଠାର ସହିତ ତାହାର ଅନୁସରଣ କରିବାକୁ ପଡ଼ିବ । ଏହି ଶୃଙ୍ଖଳାଟି ଅନୁସାରେ, ଯଦି ଗୋଟିଏ ପିନ୍‌କଣ୍ଟା ବା ଛୁଞ୍ଚ ଭାରତରେ ତିଆରି ହୋଇ ନାହିଁ, ନିଜକୁ ସେଥିରୁ ବଞ୍ଚିତ କରି ରଖିଲେ ତାହା ଆଦୌ କୌଣସି ଆତଙ୍କ ସୃଷ୍ଟି କରୁ ନ ଥିବ । ଏହି ସ୍ୱଦେଶୀରେ ବିଶ୍ୱାସ ରଖିଥିବା ଜଣେ ବ୍ୟକ୍ତି, ସେ ବର୍ତ୍ତମାନ ଆବଶ୍ୟକ ବୋଲି ବିଚାର କରୁଥିବା ଶତ ଶତ ଦ୍ରବ୍ୟକୁ ମଧ୍ୟ ବ୍ୟବହାର ନ କରିବାକୁ ଶିକ୍ଷା କରିବ ।

ମୁଁ ଦାବି କରି କହିବି ଯେ, ବିନୟ ତଥା ପ୍ରେମର ବିଧାନ ସହିତ ସଙ୍ଗତି ରକ୍ଷା କରୁଥିବା ଏକମାତ୍ର ନିୟମ ହେଉଛି ଏହି ସ୍ୱଦେଶୀ । ମୁଁ ତ ପରିବାରଟିର କ୍ୱଚିତ୍ ସେବା କରିପାରୁଛି, ତେଣୁ ସମଗ୍ର ଭାରତବର୍ଷର ସେବା କରିବା ପାଇଁ ଅଭିଯାନ କରି ବାହାରିବାକୁ ଚିନ୍ତା କରିବା ଔଦ୍ଧତ୍ୟ ହିଁ ହୋଇପାରେ । ତେଣୁ, ମୋ ନିଜ ପରିବାର ଉପରେ ହିଁ ମୋର ପ୍ରୟାସକୁ ସଂକେନ୍ଦ୍ରିତ କରି ରଖିବା ଏବଂ ସେମାନଙ୍କ ମାଧ୍ୟମରେ ମୁଁ ସମଗ୍ର ଜାତିର ବା ସଂପୂର୍ଣ୍ଣ ମାନବଜାତିର ସେବା କରୁଛି ବୋଲି ବିଚାର କରିବା, ଏହାକୁ ବରଂ ଅଧିକ ଭଲ ବୋଲି କୁହାଯିବ । ଏହା ହିଁ ବିନୟ ଏହା ହିଁ ପ୍ରେମ ।

ତୁମର ଅଭିପ୍ରାୟ ତୁମ କାର୍ଯ୍ୟଟିର ଗୁଣାତ୍ମକତାକୁ ନିର୍ଣ୍ଣୟ କରିବ । ତଦ୍ୱାରା ମୁଁ ଅନ୍ୟମାନଙ୍କୁ କେତେ କେତେ କଷ୍ଟ ଦେଉଛି, ଏହି ବିଷୟରେ ଆଖି ବୁଜିଦେଇ ମଧ୍ୟ ମୁଁ ମୋ' ପରିବାରର ସେବା କରିପାରେ । ଉଦାହରଣ ସ୍ୱରୂପ, ମୁଁ ଏପରି ଗୋଟିଏ ଚାକିରୀ ସ୍ୱୀକାର କରିବ ନେଇପାରେ ଯାହାଦ୍ୱାରା କି ମୁଁ ଲୋକମାନଙ୍କ ଠାରୁ ଜବରଦସ୍ତି ଟଙ୍କା ନେଇଆସି ପାରୁଛି । ତାହାଦ୍ୱାରା ମୁଁ ନିଜକୁ ଧନୀ କରାଇ ପାରୁଛି ଏବଂ ତଦ୍ୱାରା ମୋ' ପରିବାରର ଅନେକ ଅବୈଧ ଦାବିକୁ ପୂରଣ କରିପାରୁଛି । ଏହି କ୍ଷେତ୍ରରେ ମୁଁ ପରିବାରର କିମ୍ବା ରାଷ୍ଟ୍ରର କାହାରି କୌଣସି ସେବା କରୁନାହିଁ ।

ମୁଁ ହୁଏତ ଅନୁଭବ କରୁଥିବି ଯେ, ମୋ' ନିଜର ଓ ମୋ' ଉପରେ ନିର୍ଭର କରୁଥିବା ବ୍ୟକ୍ତିମାନଙ୍କର ଭରଣପୋଷଣ ନିମନ୍ତେ କାର୍ଯ୍ୟ କରିବାକୁ ଭଗବାନ ମୋତେ ହାତଗୋଡ଼ ଦେଇଛନ୍ତି, ତେବେ ମୁଁ ତତ୍‌କ୍ଷଣାତ୍ ମୋ' ଜୀବନକୁ ସରଳ କରି ଆଣିବି ଓ ଯେଉଁମାନଙ୍କ ଉପରେ ମୋ'ର ସିଧା ପହୁଞ୍ଚ ରହିଛି, ସେମାନଙ୍କ ଜୀବନକୁ ମଧ୍ୟ ସରଳ କରିଆଣିବି । ଏହି କ୍ଷେତ୍ରରେ ଅନ୍ୟ କାହାପ୍ରତି କୌଣସି କ୍ଷତି ନଘଟାଇ ମଧ୍ୟ ମୁଁ ପରିବାର ସେବା ଅବଶ୍ୟ କରିଥାନ୍ତି । ମନେ କରାଯାଉ ଯଦି ସମସ୍ତେ ଏହିଭଳି ଜୀବନରୀତିକୁ ଅନୁସରଣ କଲେ, ତେବେ ଆମେ ସଙ୍ଗେ ସଙ୍ଗେ ଏକ ଆଦର୍ଶ ସ୍ଥିତିରେ ଯାଇ ପହଞ୍ଚି ଯାଇଥାନ୍ତେ । ସମସ୍ତେ ଏକା ସମୟରେ କଦାପି ସେହି ସ୍ଥିତିରେ ପହଞ୍ଚି ପାରିବେ ନାହିଁ । ମାତ୍ର, ଆମେ ଯେଉଁମାନେ ଏହାର ସତ୍ୟକୁ ଉପଲବ୍ଧି କରୁଛୁ, ତାହାକୁ ବାସ୍ତବ ଜୀବନରେ ପ୍ରୟୋଗ କରୁଛୁ, ଆମେ ଅତ୍ୟନ୍ତ ସ୍ପଷ୍ଟଭାବରେ ସେହି ସୁଖମୟ ଦିନଟିର ଅବଶ୍ୟ ପ୍ରତୀକ୍ଷା କରିପାରିବା ଏବଂ ସେହି ଦିନଟିର ଆଗମନକୁ ତ୍ୱରାନ୍ୱିତ କରିଦେଇ ପାରିବା ।

# ଥକ୍କାପଣ ଦୂରାଇବ ଭେଣ୍ଡି ରସ

ବାର ମାସ ବଜାରରେ ଉପଲବ୍ଧ ହୋଇଥିବା ପରିବା ମଧ୍ୟରୁ ଗୋଟିଏ ହେଉଛି ଭେଣ୍ଡି । ଏହି ପରିବାକୁ ସଭିଏଁ ଖାଆନ୍ତି । କିନ୍ତୁ କେବେ ଭେଣ୍ଡି ପାଣି ବିଷୟରେ ଶୁଣିଛନ୍ତି ? ନାହିଁ ନା । ଯେପରି ଭେଣ୍ଡିରେ ସ୍ୱାସ୍ଥ୍ୟବର୍ଦ୍ଧକ ଗୁଣ ରହିଛି ଠିକ୍ ସେପରି ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ ଭେଣ୍ଡିର ପାଣି ବହୁତ ଲାଭଦାୟକ । ଭେଣ୍ଡି ପାଣି ପାଇଁ ପ୍ରଥମେ ୫-୬ ଟି ମଧ୍ୟମ ଆକାରର ଭେଣ୍ଡି ଆଣି ତା'ର ଡେଙ୍ଗ କାଟି ଦିଅନ୍ତୁ । ଏହାପରେ ଭେଣ୍ଡିକୁ ମଝିରୁ ଟିକେ କାଟି ଏହାକୁ ଦୁଇ ତାଟିଆ ପାଣିରେ ରାତିସାରା ଭିଜାଇ ରଖନ୍ତୁ । ସକାଳେ ଭିଜାଇ ରଖିଥିବା ଭେଣ୍ଡିକୁ ପାଣିରୁ



ଚିପୁଡି ବାହାର କରି ଦିଅନ୍ତୁ । ଏବେ ସେଥିରେ କିଛି ସାଧା ପାଣି ମିଶାଇ ଖାଲି ପେଟରେ ସେବନ କରନ୍ତୁ । ଭେଣ୍ଡି ପାଣିରେ ୬ ଗ୍ରାମ କାର୍ବୋହାଇଡ୍ରେଟ, ୮୦ ମାଇକ୍ରୋଗ୍ରାମ ଫୋଲେଟ୍, ୩ ଗ୍ରାମ ଫାଇବର ଓ ୨ ଗ୍ରାମ ପ୍ରୋଟିନ ଥାଏ । ଭେଣ୍ଡି ପାଣି ଆସ୍ଥମା ରୋଗୀଙ୍କ ପାଇଁ ଖୁବ୍ ଲାଭଦାୟକ । ଆମ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଏ । ଶରୀରରେ ଶର୍କରାର ମାତ୍ରା ଅଧିକ ରହୁଥିଲେ ଭେଣ୍ଡି ପାଣି ତାଙ୍କ ବରଦାନ ସଦୃଶ କାମ କରିବ । ଭେଣ୍ଡି ପାଣି ସେବନ କଲେ କୋଲେଷ୍ଟ୍ରଲ ସ୍ତର କମ୍ ହୁଏ ଓ ଶରୀରର ଓଜନ କମିଥାଏ । ଭେଣ୍ଡିର କୌଣସି ପାର୍ଶ୍ୱ ପ୍ରତିକ୍ରିୟା ନ ଥିଲେ ବି ଏହାକୁ ସେବନ କରିବାକୁ ଚାହୁଁଥିବା ବ୍ୟକ୍ତି ପ୍ରଥମେ ଡାକ୍ତରଙ୍କ ପରାମର୍ଶ ନେବା ଉଚିତ୍ ।

# ଗ୍ରୀନ୍ ଟି'ରେ ସ୍ମରଣ ଶକ୍ତି ବୃଦ୍ଧି

ମଣିଷଙ୍କ ଠାରେ ଧୀରେ ଧୀରେ ସ୍ମରଣ ଶକ୍ତି ହ୍ରାସ ପାଉଥିବା ଦେଖାଯାଉଛି । ଇଣ୍ଟରନେଟ୍ ଉପରେ ନିର୍ଭର କରୁଥିବାରୁ ଏପରି ସମସ୍ୟା ହେଉଥିବା ବୈଜ୍ଞାନିକମାନେ ପ୍ରକାଶ କରୁଛନ୍ତି । ସ୍ମରଣ ଶକ୍ତି ବୃଦ୍ଧି କରିବା ପାଇଁ ଗବେଷକମାନେ ଗ୍ରୀନ୍ ଟି ପିଇବା ପାଇଁ କହିଛନ୍ତି । କାରଣ ଗ୍ରୀନ୍ ଟିରେ ଥିବା ରସାୟନ ଆପଣଙ୍କ ସ୍ମରଣ ଶକ୍ତି ବୃଦ୍ଧି କରିବାରେ ସହାୟକ ହୋଇଥାଏ । ଏକ ଗବେଷଣାରୁ ଏହା ଜଣାପଡିଛି । ଚୀନର ଥର୍ଡ ମିଲିଟାରୀ ମେଡିକାଲ୍ ୟୁନିଭର୍ସିଟିର ଗବେଷକମାନେ କହିଛନ୍ତି ଯେ, ଗ୍ରୀନ୍ ଟି'ରେ ଥିବା ରସାୟନ ମସ୍ତିଷ୍କର କୋଷିକାକୁ ସକ୍ରିୟ କରି ସ୍ମରଣ ଶକ୍ତି ବୃଦ୍ଧି କରିଥାଏ ଏବଂ ଶିଖିବାର ଦକ୍ଷତା ଅଧିକ ସକ୍ରିୟ କରିଥାଏ । ଦୀର୍ଘଦିନ ଧରି ଗ୍ରୀନ୍ ଟି ପିଇଲେ, ସ୍ମରଣ ଶକ୍ତି ବୃଦ୍ଧି ହୋଇଥାଏ ବୋଲି ବୈଜ୍ଞାନିକମାନେ ଦାବି କରିଛନ୍ତି । ପ୍ରଫେସର ୟୁନ୍ ବାଇ କହିଛନ୍ତି ଯେ, ଗ୍ରୀନ୍ ଟି' ହୃଦରୋଗ ଦୂର କରିବାରେ ସହାୟକ ହୋଇଥାଏ ।



## ମୋଟାପଣ ଦୂର କରିବ ଆଖୁରସ



**ମେ**ଦବୃଦ୍ଧି ବ୍ୟକ୍ତିତ୍ୱ ସହ ସ୍ୱାସ୍ଥ୍ୟ ଉପରେ ମଧ ଖରାପ ପ୍ରଭାବ ପକାଇଥାଏ । ଏମିତିକି ସମୟ ସମୟରେ ଓଜନବୃଦ୍ଧି ପାଇଁ ଅନ୍ୟମାନଙ୍କ ସମ୍ମୁଖରେ ଲଜ୍ଜିତ ହେବାକୁ ପଡିଥାଏ । ଓଜନ ହ୍ରାସ ନିମନ୍ତେ ହେଲ୍‌ଦି ଡାଏଟଠାରୁ ନେଇ ବ୍ୟାୟାମ ପର୍ଯ୍ୟନ୍ତ ସବୁକିଛି ଉପାୟ ଆପଣାଯାଏ । କିନ୍ତୁ ଏସବୁଠୁ ଦୁରେଇ ସବୁଠୁ ସହଜ ଉପାୟରେ ପତଳା କରିବାରେ ସାହାଯ୍ୟ କରିବ ଆଖୁରସ ।

ଆଖୁରସକୁ ଠିକ୍ ସମୟରେ ଏବଂ ଠିକ୍ ମାତ୍ରାରେ ସେବନ କରାଗଲେ ଓଜନ ହ୍ରାସ କରିବାରେ ସହଜ ହେବ । ଓଜନ ହ୍ରାସ ବ୍ୟତୀତ ଏହା ଶରୀରକୁ ତୁରନ୍ତ ଶକ୍ତି ପ୍ରଦାନ କରିଥାଏ । ଆଖୁରସ ଶରୀରରୁ ବିଷାକ୍ତ ତତ୍ତ୍ୱକୁ ନିଷ୍କାସିତ କରିଥାଏ । ଯଦ୍ୱାରା ଓଜନ ଶୀଘ୍ର ହ୍ରାସ ହୋଇଥାଏ । ଏହାଛଡ଼ା ପ୍ରତିଦିନ ଏହାର ସେବନ ଦ୍ୱାରା ଓଜନ ନିୟନ୍ତ୍ରଣରେ ରହିଥାଏ ।

ଆଖୁରସରେ ୧୧୧ କ୍ୟାଲୋରି, ୨୭ ଗ୍ରାମ କାର୍ବୋହାଇଡ୍ରେଟ୍ ଏବଂ ୦.୨୭ ଗ୍ରାମ ପ୍ରୋଟିନ ଥାଏ, ଯାହାକି ଓଜନ କମ୍ କରିବାରେ ସାହାଯ୍ୟ କରିଥାଏ । ଆଖୁରେ ପ୍ରଚୁର ମାତ୍ରାରେ ମ୍ୟାଗ୍ନେସିୟମ, କ୍ୟାଲସିୟମ, ଫସଫରସ, ଲୌହ, ପଟାସିୟମ, ଭିଟାମିନ୍-ଏ, ବି-କମ୍ପ୍ଲେକ୍ସ ଏବଂ ଅନ୍ୟାନ୍ୟ ପୋଷକ ତତ୍ତ୍ୱ ମିଳିଥାଏ । ଆଖୁରେ ଫ୍ୟାଟ୍ ନ ଥାଏ । ଏହା ଶତ ପ୍ରତିଶତ ପ୍ରାକୃତିକ ପେୟ ପଦାର୍ଥ । ଏକ ଗ୍ଲାସ ଆଖୁରସରେ ପ୍ରାୟ ୧୩ ଗ୍ରାମ୍ ଫାଇବର ଥାଏ । ତେଣୁ ଏହାର ସେବନ ମୋଟାପଣ ହ୍ରାସରେ ସାହାଯ୍ୟ କରିଥାଏ ।

ଆଖୁରସରେ ଲେମ୍ବୁ ଏବଂ କଳାଲୁଣ ମିଶାଇ ପ୍ରତିଦିନ ସେବନ କଲେ ଅଧିକ ଫାଇଦା ମିଳିଥାଏ । ୱାର୍କଆଉଟ୍ କରିବାର ତୁରନ୍ତ ପରେ କିମ୍ବା କିଛି ସମୟ ପରେ ଆଖୁରସ ସେବନ ବିଶେଷ ଲାଭ ଦେଇଥାଏ । ଏହାଦ୍ୱାରା ଶରୀରରୁ ବାହାରିଯାଇଥିବା ଲବଣ ପୁଣିଥରେ ତିଆରି ହୋଇପାରିବ । ଏହି ରସକୁ ସକାଳେ କିମ୍ବା ଦ୍ୱିପ୍ରହର ଲଞ୍ଚ ସମୟରେ ମଧ ସେବନ କରିପାରିବେ ।

## କ୍ୟାନସରରୁ ରକ୍ଷା କରିବ ଚା’ ପତ୍ରର ନାନୋପାର୍ଟିକିଲ୍ସ

**ଚା**’ ପତ୍ରରୁ ପ୍ରାପ୍ତ ନାନୋପାର୍ଟିକିଲ୍ସ ଫୁସଫୁସ୍ କ୍ୟାନସର କୋଷିକାର ବିକାଶକୁ ରୋକିବାରେ ସହାୟକ ହୋଇପାରିବ । ଏଥିସହ ଏହା କ୍ୟାନସର କୋଷିକାକୁ ୮୦ ପ୍ରତିଶତ ପର୍ଯ୍ୟନ୍ତ ନଷ୍ଟ ମଧ କରି ପାରିବ । ଭାରତୀୟ ଏବଂ ବ୍ରିଟିଶ୍ ବୈଜ୍ଞାନିକଙ୍କ ଏକ ଦଳ ଗବେଷଣା ମାଧମରେ ଏ ସମ୍ପର୍କରେ ଜାଣିବାକୁ ପାଇଛନ୍ତି । ଆପ୍ଲାଏଡ୍ ନାନୋ ମ୍ୟାଟରିୟଲ୍ସ ଜର୍ଣ୍ଣାଲରେ ପ୍ରକାଶିତ ଗବେଷଣା ଅନୁସାରେ, ନାନୋପାର୍ଟିକିଲ୍ସର କ୍ୱାଣ୍ଟମ୍ ଡଟସ୍ ନାମକ ତତ୍ତ୍ୱ ଏହି ବିଭବରେ ସହାୟକ ହେବ । ବ୍ରିଟେନର ସ୍ୱାନସୀ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକ ସୁଧାଗର ପିଚାଇମୁଥୁଙ୍କ ମତରେ ଏହି କ୍ୱାଣ୍ଟମ ଡଟ୍ସ ସକ୍ରିୟ ରୂପରେ ଫୁସଫୁସ୍ କ୍ୟାନସର କୋଷିକାର ବିକାଶ ରୋକିବାରେ ଅଭୁତପୂର୍ବ ଦକ୍ଷତା ବହନ କରିଛି । କ୍ୱାଣ୍ଟମ୍ ଡଟ୍ସକୁ ରାସାୟନିକ ରୂପରେ ତିଆରି କରାଯାଇଥାଏ ଯାହା ଅତ୍ୟନ୍ତ ଜଟିଳ ଏବଂ ମହଙ୍ଗା । ଏହାର ଅନେକ ଦୁଷ୍ପ୍ରଭାବ ମଧ ରହିଛି । ଗବେଷକମାନେ କାଡମିୟମ୍ ସଲଫେଟ୍ ଏବଂ ସୋଡିୟମ୍ ସଲଫାଏଡ୍ ସହ ଚା’ ପତ୍ରରୁ କଢ଼ାଯାଇଥିବା ରସର ମିଶ୍ରଣକୁ କ୍ୱାଣ୍ଟମ୍ ଡଟ୍ସ ତିଆରି ପ୍ରକ୍ରିୟାରେ ବ୍ୟବହାର କରିଥିଲେ ।

ପରେ ଏଥିରୁ ପ୍ରାପ୍ତ ଡଟ୍ସକୁ ଫୁସଫୁସ୍ କ୍ୟାନସର କୋଷିକା ଉପରେ ବ୍ୟବହାର କରିଥିଲେ । ଦେଖାଗଲା, ଚା’ ପତ୍ରରୁ ଉତ୍ପାଦିତ କ୍ୱାଣ୍ଟମ୍ ଡଟ୍ ଫୁସଫୁସ୍ କ୍ୟାନସର କୋଷିକାର ବିକାଶକୁ ରୋକିବାରେ ସଫଳ ହୋଇଥିଲା । କ୍ୟାନସର କୋଷିକାର ନାନୋପାରୋରେ ପ୍ରବେଶ କରିବା ପରେ ଏହି ଡଟ୍ସ



ସେଥିରୁ ୮୦ ପ୍ରତିଶତ ପର୍ଯ୍ୟନ୍ତ ସଫଳତା ହାସଲ କରିଥିଲା । ଏହି ବିଧିକୁ ଅନୁଧାନ କରି ଏବେ ବୈଜ୍ଞାନିକମାନେ କହିଛନ୍ତି, କ୍ୟାନସର ଉପଚାର ବିକାଶ ପାଇଁ କ୍ୱାଣ୍ଟମ୍ ଡଟ୍ସ ଆଶାଜନକ ସଫଳତା ପ୍ରଦାନ କରିବ ।

## ଅଧିକ ରାଗ ଖାଇଲେ ମୁଣ୍ଡରେ ଯନ୍ତ୍ରଣା ହେବ



**ରା**ଗ ଯେ ପାଟିକୁ ରାଗ ଓ କଷ୍ଟ ତାହା ନୁହେଁ । ଗବେଷଣାରୁ ଜଣା ପଡିଛି ଯେ ତାହା ମୁଣ୍ଡ ବ୍ୟଥାର କାରଣ ମଧ । କିଛି ଦିନ ତଳେ ଜଣେ ବ୍ୟକ୍ତି ଗିନିସ୍ ବୁକରେ ନିଜ ନାମ ଲେଖାଇବା ପାଇଁ ବିଶ୍ୱର ସବୁଠାରୁ ରାଗ ଲଙ୍କା ‘କାରୋଲିନା ରିପର’ ଖାଇଥିଲେ । ଅବଶ୍ୟ ସେ ଗିନିସ୍ ବୁକରେ ନିଜ ନାମ ଲେଖାଇବାରେ ସକ୍ଷମ ହୋଇଥିଲେ । କିନ୍ତୁ ଏହାକୁ ଖାଇବା ମାତ୍ର କିଛି ସମୟ ପରେ ସେ ମୁଣ୍ଡରେ ଯନ୍ତ୍ରଣା ଅନୁଭବ କରିଥିଲେ । ଦୁଇ ଦିନ ଯାଏ ଯନ୍ତ୍ରଣା ନ କମିବାରୁ ସେ ଡାକ୍ତରଙ୍କ ପରାମର୍ଶ ନେଇଥିଲେ । ଡାକ୍ତରମାନେ ତାଙ୍କ ମସ୍ତିଷ୍କ ପରୀକ୍ଷା କରି ରକ୍ତବାହିକାଗୁଡିକୁ ସ୍କାନ କରିବା ପରେ ଦେଖିଥିଲେ ଯେ ତାଙ୍କର ଧମନୀ ସଂକୀର୍ଣ୍ଣ ହୋଇଯାଇଛି । ଏହାପରେ ତାଙ୍କୁ ଅଧିକ ମାତ୍ରାରେ ପାଣି ପିଇବାକୁ ଓ କିଛି ଔଷଧ ଖାଇବାକୁ ଦିଆଯାଇଥିଲା । କିଛି ଦିନ ପରେ ପୁଣି ପରୀକ୍ଷା କରିବା ପରେ ଧମନୀଗୁଡିକ ସ୍ୱାଭାବିକ ହୋଇଯାଇଥିବା ଦେଖିବାକୁ ମିଳିଥିଲା ।

## ଦହି: ଗ୍ରୀଷ୍ମ ଋତୁର ମହୌଷଧି

**ଆମ** ଭାରତୀୟ ଭୋଜନରେ ଦହିର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ । ପ୍ରତ୍ୟେକ ପ୍ରାନ୍ତର ଖାଦ୍ୟପାନୀୟରେ ଦହିକୁ ସାମିଲ କରାଯାଇଛି । ଉତ୍ତର ଭାରତରେ ଦହିକୁ ନେଇ ବିଭିନ୍ନ ବ୍ୟଞ୍ଜନ ପ୍ରସ୍ତୁତ ହେବା ସହ ଛାଛ୍, ଲସି ପରି ପାନୀୟ ମଧ ପ୍ରସ୍ତୁତ କରାଯାଇଥାଏ । ଗ୍ରୀଷ୍ମରେ ନିୟମିତ ଭାବେ ଦହି ଖାଇବା ଓ ଦହି ପାଣି ପିଇବା ସ୍ୱାସ୍ଥ୍ୟ ପାଇଁ ଖୁବ୍ ହିତକର ବୋଲି ଖାଦ୍ୟ ବିଶେଷଜ୍ଞଙ୍କ ମତ ।

ଦହିରେ ପ୍ରଚୁର ପରିମାଣରେ ପ୍ରୋଟିନ୍, କ୍ୟାଲସିୟମ୍, ଭିଟାମିନ୍, ଲାକ୍ଟୋଜ, ଲୌହ, ଫସଫରସ ମହଜୁଦ୍ ରହିଛି । ନିୟମିତ ଭାବେ ଦହି ଖାଇଲେ ଶରୀରରୁ ଥକ୍କାପଣ ଦୂର ହେବା ସହ ଶକ୍ତି ମିଳିଥାଏ । କୋଷ୍ଠକାଠିନ୍ୟ ଅସୁବିଧା ପ୍ରତ୍ୟହ



ଉପୁଜୁଥିଲେ ଦହିରେ ଜୁଆଣି ଅଳ୍ପ ମାତ୍ରାରେ ମିଶାଇ ଖାଇବା ଖୁବ୍ ଲାଭପ୍ରଦ ।

ଦହିରେ ଥିବା ପୋଷକତତ୍ତ୍ୱ ଶରୀରର ହାଡ଼ଗଣ୍ଠିକୁ ମଜବୁତ କରିବାରେ ଖୁବ୍ ସହାୟକ ହୋଇଥାଏ ।

ଏହା ସହ ନିୟମିତ ଭାବେ ତ୍ୱଚାରେ ଦହି ମାଲିସ୍ କଲେ ତାହା ରଙ୍ଗ ଉଜ୍ୱଳ କରିବା ସହ ଦାଗ ଦୂର କରିବାରେ ସହାୟକ ହୁଏ ।

ଗ୍ରୀଷ୍ମରେ ଭୋଜନ ପରେ ୧ କପ୍ ଦହି ଖାଇଲେ ପେଟ ଥଣ୍ଡା ହେବା ସହ ଖାଦ୍ୟ ଭଲଭାବେ ହଜମ ହୋଇଥାଏ ବୋଲି ବିଶେଷଜ୍ଞଙ୍କ ମତ ।

ଯେ କୌଣସି ପ୍ରକାରର ସଂକ୍ରମଣ ହେଲେ, ଦହି ଖାଇଲେ ଶରୀରର ରୋଗ ପ୍ରତିରୋଧକ ଶକ୍ତି ବଢ଼ିଥାଏ ।

ପ୍ରତ୍ୟେକ ବର୍ଗ ଓ ବୟସର ଲୋକେ ଖରାଦିନ ଦ୍ୱିପହର ଭୋଜନ ପରେ ଦହି ଖାଇବା ସ୍ୱାସ୍ଥ୍ୟ ପାଇଁ କୌଣସି ମହୌଷଧି ଠାରୁ କମ୍ ନୁହେଁ । ରାତିବେଳା ଦହି ଖାଇବା ସ୍ୱାସ୍ଥ୍ୟ ପାଇଁ ହାନିକାରକ ହେବାର ସମ୍ଭାବନା ରହିଛି ।

## ଭଲ ନିଦ ଲାଗି ଚେରୀ ଖାଆନ୍ତୁ

**ଚେ**ରୀର ବାସ୍ନା ଟିକେ ମାଦକ ପଦାର୍ଥ ଭଳି ହୋଇଥିଲେ ହେଁ ଏହା ସ୍ୱାସ୍ଥ୍ୟପାଇଁ ବଡ଼ ଉପକାରୀ । ଏକ ଗବେଷଣା ଅନୁସାରେ ପ୍ରତି ୪ ଜଣରେ ଜଣେ ବ୍ୟକ୍ତି ବା ୨୫ ପ୍ରତିଶତ ଲୋକ ନିଦ୍ରାହୀନତାର ଶିକାର ଏବଂ ପ୍ରତି ପାଞ୍ଚଜଣରେ ଜଣେ ବ୍ୟକ୍ତିଙ୍କୁ ରାତିରେ ୫ ଘଣ୍ଟାରୁ ଅଧିକ ନିଦ ନହେବାର ସମସ୍ୟା ବି ରହିଛି । ହେଲେ ରିସର୍ଚ୍ଚରୁ ଜଣାପଡିଛି ଯଦି ନିଦ୍ରାହୀନତାର ଶିକାର ବ୍ୟକ୍ତି ଚେରୀ ଖାଆନ୍ତି କି ଚେରୀ ଜୁସ୍ ପିଅନ୍ତି ସେମାନଙ୍କର ନିଦ ଭଲ ହୋଇଥାଏ । ପ୍ରୋଟିନ୍ ଏବଂ ଭିଟାମିନ୍ସରେ ଭରପୁର ଚେରୀ ଖାଇଲେ ଖାଲି ଯେ ଭଲ ନିଦ ହୋଇଥାଏ ତାହା ନୁହେଁ ବରଂ ବୟସ୍କ ଲୋକଙ୍କ ପାଇଁ ଏହା ଭାରି ଭଲ । ଚେରୀ ତ୍ୱଚାକୁ ପୋଷଣ ଦେଇଥାଏ । ଏଥିରେ ଥିବା ଭିଟା କ୍ୟାରୋଟିନ ସୂର୍ଯ୍ୟ କିରଣରୁ ତ୍ୱଚାକୁ ହେଉଥିବା କ୍ଷତିରୁ ରକ୍ଷା କରିଥାଏ । ଏତଦବ୍ୟତୀତ ଡ୍ରାୟ ସ୍କିନରେ ଚେରୀ ପେଷ୍ଟ



ଜବରଦସ୍ତ କାମ କରିଥାଏ । ଚେରୀରେ ରହିଥିବା ଅମ୍ଳିୟ ତତ୍ତ୍ୱ ମୃତ ତ୍ୱଚାର କୋଷକୁ ପୁନଃ ଜୀବିତ କରିବାରେ ସହାୟକ ହୋଇଥାଏ । ପ୍ରାୟତଃ ଲୋକମାନେ ନିଦ୍ରାହୀନତାରୁ ବର୍ତ୍ତିବା ଲାଗି ନିଜ ଟାବଲେଟ ଖାଉଥିଲେ ହେଁ ଏହାର ସାଇଡ୍ ଇଫେକ୍ଟ ରହିଥିବାରୁ ଚେରୀ ହେଉଛି ଏହାର ପ୍ରାକୃତିକ ଅପ୍ସନ । ସକାଳୁ ଏବଂ ସନ୍ଧ୍ୟାରେ ଗୋଟିଏ ଗ୍ଲାସ ଚେରୀ ଜୁସ୍ ପିଉଥିବା ବ୍ୟକ୍ତିଙ୍କୁ ସୁନିଦ୍ରା ହୋଇଥାଏ ।

## ନିରୋଗ ରଖିବ କଳା ଲୁଣ ପାଣି

**ଆ**ୟୁର୍ବେଦ ଅନୁସାରେ ପ୍ରତିଦିନ କଳା ଲୁଣର ସେବନ ଶରୀର ପାଇଁ ଅତ୍ୟନ୍ତ ଲାଭକାରୀ । ଧଳା ଲୁଣ ତୁଳନାରେ କଳା ଲୁଣ ଯଥେଷ୍ଟ ଉପକାରୀ । କଳା ଲୁଣ ରକ୍ତ ଚାପ ସ୍ତର ନିୟନ୍ତ୍ରଣ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ । ପ୍ରତିଦିନ ସକାଳୁ ଖାଲି ପେଟରେ ଏକ ଗ୍ଲାସ ପାଣିରେ ଚିମୁଟାଏ କଳା ଲୁଣ ପାଣିର ସେବନ ପିଲାଠୁ ନେଇ ବୁଢ଼ା ପ୍ରତ୍ୟେକ ବର୍ଗର ଲୋକଙ୍କ ସ୍ୱାସ୍ଥ୍ୟ ପାଇଁ ବେଶ୍ ଉପକାରୀ । ଏହାର ସେବନ ପାଚନତନ୍ତ୍ରକୁ ସକ୍ରିୟ ରଖିଥାଏ । କଳାଲୁଣରେ ମହଜୁଦ୍ ଖଣିଜ ଆଣ୍ଟିବ୍ୟାକ୍ଟେରିୟାଲ୍ ଭଳି କାମ କରିଥାଏ । ଏଥିପାଇଁ ଶରୀରରେ ଥିବା ହାନିକାରକ ବ୍ୟାକ୍ଟେରିଆର ନାଶ ହୋଇଥାଏ । ଫଳରେ ମୋଟାପଣ ନିୟନ୍ତ୍ରଣରେ ରହିଥାଏ । କେବଳ ସେତିକି ନୁହେଁ, ମାଂସପେଶୀ ଏବଂ ଅସ୍ଥି ଯନ୍ତ୍ରଣାରୁ ମଧ ଏହି ଲୁଣ ଆରାମ ଦେଇଥାଏ । ଏହି ଯନ୍ତ୍ରଣାରୁ ଉପଶମ ପାଇଁ ଗୋଟିଏ କପଡ଼ାରେ ୧ କପ୍ କଳା ଲୁଣକୁ ବାନ୍ଧି ସେକ ଦେଲେ ଲାଭ ମିଳେ । ଏହା ବ୍ୟତୀତ ପେଟର ଗ୍ୟାସ ସମସ୍ୟାରୁ ମଧ ଏହା ରକ୍ଷା କରିଥାଏ ।

## ଘୋଳ ଦହିର ସ୍ୱାସ୍ଥ୍ୟକର ଗୁଣ

**ପୁ**ରାତନ ସମୟରୁ ହିଁ ଘୋଳଦହିକୁ ସ୍ୱାସ୍ଥ୍ୟ ପାଇଁ ଉପକାରୀ ବୋଲି କୁହାଯାଏ । ଦହି ଏବଂ ଅନ୍ୟ ସ୍ୱାସ୍ଥ୍ୟକର ସାମଗ୍ରୀ ପ୍ରସ୍ତୁତ କରାଯାଏ ସୁଆଦିଆ ଘୋଳଦହି । ନିକଟରେ ହୋଇଥିବା ଏକ ବୈଜ୍ଞାନିକଙ୍କ ପରୀକ୍ଷଣରେ କୁହାଯାଇଛି ପ୍ରତିଦିନ ଘୋଳଦହି ଖାଇବା ଦ୍ୱାରା ଶରୀରର ଓଜନ ନିୟନ୍ତ୍ରିତ ରହିଥାଏ । ଘୋଳଦହି ଯୋଗୁଁ ଶରୀରରେ ଥିବା ଜୀବାଣୁ ନଷ୍ଟ ହୋଇଯାଏ । ଘୋଳଦହିରେ ଭିଟାମିନ୍ ସି, ଏ, ଇ



ଏବଂ ବି ମିଳିଥାଏ । ଖରାଦିନେ ଘୋଳ ଦହି ଅଂଶୁଘାତ ଜନିତ ରୋଗ ଠାରୁ ରକ୍ଷା କରିଥାଏ । ଖରାଦିନେ ଦୋକାନରେ ପରିବର୍ତ୍ତେ ଘୋଳଦହି ପିଇବା ସର୍ବୋତ୍କୃଷ୍ଟ ହୋଇଥାଏ । ଘୋଳ ଦହି ଖାଦ୍ୟକୁ ହଜମ କରିବାରେ ସାହାଯ୍ୟ କରିବା ସହ ଶରୀରର ତାପମାତ୍ରା ନିୟନ୍ତ୍ରିତ କରିଥାଏ ।

## ରାମକଥା

ଭଗବାନ ଜାଣିଥାଆନ୍ତି, ମୋ ଭକ୍ତର ହୃଦୟ ସରଳ, ମନ ନିର୍ମଳ, ଶୁଦ୍ଧ, ଇଏ ମୋ ପାଇଁ ହିଁ ଜୀବିତ ରହିଛି । ତାଙ୍କର କୌଣସି ବି ଭକ୍ତକୁ ଅପମାନ ହେଲେ ତାଙ୍କୁ ବହୁତ ଦୁଃଖ ହୁଏ । ଭକ୍ତ ଯୋଗୁଁ ହିଁ ଭଗବାନ ଆନନ୍ଦ ପାଆନ୍ତି, ସୁଖ ପାଆନ୍ତି । ଆଜି କିନ୍ତୁ ସ୍ୱାମୀଙ୍କର ଆଖି ବନ୍ଦ ହେଉ ନାହିଁ, ମୁହଁ ବନ୍ଦ ହେଉ ନାହିଁ । ସ୍ୱାମୀ ଟିକିଏ ବୋଲି ଶୋଇପାରୁ ନାହାନ୍ତି । ବଶିଷ୍ଠ ଜାଣିଗଲେ ଯେ ଆଜି ନିଶ୍ଚୟ କୌଣସି ଭକ୍ତକୁ ଅକାରଣରେ କଷ୍ଟ ଦିଆ ହୋଇଛି । ଭକ୍ତ ଦୁଃଖ ପାଉଛି ।

ମହର୍ଷି ବଶିଷ୍ଠ ସୀତାଙ୍କୁ ପଚାରିଲେ, ଆଜି କିଛି ଗୋଳମାଳ ହୋଇ ନାହିଁ ତ ?

ସୀତା କହିଲେ, ଗୁରୁଦେବ । ଆଜି ତ କିଛି ଗୋଳମାଳ ହୋଇନାହିଁ । ତେବେ ଗତକାଲି ତିନି ଭାଇ ମିଶି ପ୍ରଭୁଙ୍କର ସମସ୍ତ ସେବାକାର୍ଯ୍ୟ ନିଜ ନିଜ ଭିତରେ ବାଣ୍ଟି ନେଇଛନ୍ତି । ହନୁମାନଙ୍କ ପାଇଁ କିଛି ବି ରଖି ନାହାନ୍ତି । ଏଇଥିପାଇଁ ପ୍ରଭୁ ଆଜି ସକାଳୁ ବିମୁଖ ଥିବା ଭଳି ଜଣାପଡୁଛନ୍ତି । ଆଜି ଖାଇବାରେ ବି ତାଙ୍କର ଅରୁଚି ଲକ୍ଷ୍ୟ କରିଛି । ସକାଳୁ ଉଦାସ ରହିଛନ୍ତି ।



ମହର୍ଷି ବଶିଷ୍ଠ ଆଖିବୁଜି ହନୁମାନଙ୍କୁ ଧ୍ୟାନ କରିବାରେ ଲାଗିଲେ । ସେ ତାଙ୍କର ମାନସ ଚକ୍ଷୁରେ ଦେଖିଲେ ହନୁମାନ ପ୍ରାସାଦର ଶିଖର ପ୍ରଦେଶରେ ସୀତାରାମ ସୀତାରାମ କୀର୍ତ୍ତନ କରି କରି, ଫୁଟକି ମାରି ମାରି ଆନନ୍ଦ ବିହ୍ୱଳରେ ନାଚିବାରେ ଲାଗିଛନ୍ତି । ବୈଷ୍ଣବଙ୍କୁ ଧ୍ୟାନରେ ଦର୍ଶନରେ ଯେତେ ଆନନ୍ଦ ଲାଗେ ସେପରି ଆନନ୍ଦ ସେ କୀର୍ତ୍ତନରେ ବି ପାଏ । କୀର୍ତ୍ତନ କରି କରି ହୃଦୟ ଦ୍ରବିତ ହୋଇଯାଏ, ଚକ୍ଷୁଯୁଗଳ ଆର୍ଦ୍ର ହୋଇଯାଏ, ଜଗତ ତା'ର ବିସ୍ମୃତ ହୋଇଯାଏ ।

ମହର୍ଷି ବଶିଷ୍ଠ ଅତି ବେଗରେ ପ୍ରାସାଦର ଶିଖରକୁ ଦୌଡ଼ିଗଲେ, ଆଉ ହନୁମାନଙ୍କୁ ସାଷ୍ଟାଙ୍ଗ ପ୍ରଣାମ କଲେ ।

ପବନ ସୁତ ହନୁମାନଙ୍କର ଜୟ । ସେ ହନୁମାନଙ୍କର ଜୟ ଜୟକାର କଲେ । ଆଉ ହନୁମାନଙ୍କୁ କହିଲେ- ମହାରାଜ ! ଆଉ ଫୁଟକି ମାରନ୍ତୁ ନାହିଁ । ଆପଣ ଫୁଟକି ମାରୁଥିବାରୁ ପ୍ରଭୁ ଆଖି ବନ୍ଦ କରୁ ନାହାନ୍ତି, ମୁହଁ ବି ବନ୍ଦ କରୁ ନାହାନ୍ତି । ସେ ଖାଲି ହାଇ ମାରିବାରେ ଲାଗିଛନ୍ତି । ସେ ଆପଣଙ୍କ ଅଧୀନରେ ହୋଇଯାଇଛନ୍ତି ।

## ସ୍ୱର୍ବେଦ

**କ୍ଷର ପର ଅକ୍ଷର ଗାଜତା,**
**ନିଃଅକ୍ଷର ସବ ପାର ।**
**ମଣ୍ଡଳ ତୀନୋଁ ଅଲଗ ହୈ, ଅନୁଭଓ୍ୱ**
**ଜ୍ଞାନ ଅପାର ।।୦୧।।**

ଭାଷ୍ୟ - ପ୍ରକୃତିରୁ ନିର୍ମିତ ସମସ୍ତ ପଦାର୍ଥ କ୍ଷର ଅର୍ଥାତ୍ ଅନିତ୍ୟ ଅଟନ୍ତି । କ୍ଷର ପଦାର୍ଥ ସର୍ବଦା ନାଶବାନ ଏବଂ ଅନିତ୍ୟ ହୋଇଥାନ୍ତି । ଆକାଶ, ବାୟୁ ଏବଂ ଅଗ୍ନି ଆଦି ପଞ୍ଚ ତତ୍ତ୍ୱ, ଜଡ଼ ଏବଂ ଅନିତ୍ୟ ବସ୍ତୁ ଅଟନ୍ତି । ଯେଉଁ ପଦାର୍ଥଗୁଡ଼ିକ ନିଜ ଭିନ୍ନ ଅନ୍ୟ କାରଣ ତତ୍ତ୍ୱରେ ପ୍ରକଟିତ ହୁଅନ୍ତି, ସେ ସମସ୍ତ କୃତ୍ରିମ ବସ୍ତୁ କ୍ଷର ଅଟନ୍ତି । ପ୍ରକୃତିର ବିକୃତି ସ୍ଥାବର, ଜଡ଼ ଜଗତ ସମସ୍ତେ କ୍ଷର ଅଟନ୍ତି । ପ୍ରକୃତି ମଣ୍ଡଳ ଭିତରେ ଥିବା ପଞ୍ଚ ଶବ୍ଦ, ଦଶ ଅନହଦ ଏବଂ ସମସ୍ତ ବର୍ଣ୍ଣ ତଥା ବାଚ୍ୟଶବ୍ଦ କ୍ଷର ଏବଂ ନାଶବାନ ଅଟନ୍ତି । ଏକପାଦ ପ୍ରକୃତି ଭିତରେ ଯେଉଁ ପଦାର୍ଥ ସୃଷ୍ଟି ହୁଅନ୍ତି ସେ ସବୁ କ୍ଷର ଅଟନ୍ତି । ଦନ୍ତ, ଓଷ୍ଠ, ମୁର୍ଦ୍ଧନ୍ୟ ଏବଂ କଣ୍ଠରୁ ଆଉ ପ୍ରାଣର ପ୍ରଯତ୍ନରୁ ଯେଉଁ ଶବ୍ଦମାନ ପ୍ରକଟ ହୋଇଥାନ୍ତି, ସେ ସମସ୍ତ କ୍ଷର ଅଟନ୍ତି । ପଞ୍ଚ ଶବ୍ଦରେ ସୋଽହଂ, ଶକ୍ତି, ରରଂ ତଥା ଓଁକାର ଆଦି ସବୁ ଶବ୍ଦ କ୍ଷର ଏବଂ ନାଶବାନ ଅଟନ୍ତି । ଶ୍ୱାସରେ ସୋଽହଂର ଯେଉଁ କଳ୍ପନା କରାଯାଏ, ଏହା ମନଯୁକ୍ତ ବାଣୀ ଦ୍ୱାରା କଥିତ ଶବ୍ଦ କ୍ଷର ଅଟେ । ପିଣ୍ଡ, ବ୍ରହ୍ମାଣ୍ଡର ଯେତୋଟି ଶବ୍ଦ ଏବଂ ସମସ୍ତ ବ୍ରହ୍ମାଣ୍ଡୀୟ ଜ୍ୟୋତି କ୍ଷର ଅଟନ୍ତି । ପରା, ପଶ୍ୟନ୍ତି, ମଧ୍ୟମା ଏବଂ ମୁଖ ନିସୃତ ବାଣୀ ସମସ୍ତ ଶବ୍ଦ କ୍ଷର ଅଟନ୍ତି । ପ୍ରକୃତିମଣ୍ଡଳ ଭିତରେ ବାହ୍ୟ ଜଗତରେ ପ୍ରକଟିତ ହେବା ପାଇଁ ଯେଉଁ ମୂଳାଧାରର ଶବ୍ଦସ୍ରୋତ ଅଛି ସେ ସବୁ କ୍ଷର ଶବ୍ଦ ଜଡ଼ ଏବଂ ଅନିତ୍ୟ ଅଟନ୍ତି । ମନ ଏବଂ ହୃଦୟରେ ଯେଉଁ ଶବ୍ଦ ଶୁଣିବାକୁ ମିଳେ, ସେ ସମସ୍ତ କ୍ଷର ଶବ୍ଦ ପ୍ରକୃତିରୁ ଜାତ ହୋଇଥିଲେ ସୁଦ୍ଧା କ୍ଷର ଅଟନ୍ତି । ସମସ୍ତ ନାଶବାନ ପଦାର୍ଥ କ୍ଷର ଅଟନ୍ତି । ସେଥିପାଇଁ ଇନ୍ଦ୍ରିୟମାନଙ୍କ ଦ୍ୱାରା କରାଯାଇଥିବା ସମସ୍ତ କର୍ମ କ୍ଷର ଅଟେ । ଜପ, ତପ, ତୀର୍ଥ, ବ୍ରତ ଆଦି ସମସ୍ତ ସାଧନ କ୍ଷର ଅଟନ୍ତି । ଏ ଗୁଡ଼ିକରୁ ପ୍ରଭୁ ପ୍ରାପ୍ତି ହୋଇ ନ ଥାଏ । ବାଣୀ, ନାମ, ଜପ ଏବଂ ଅଜପା ଜପ - ଏ ସବୁ ପ୍ରକୃତି ଶବ୍ଦ କାଳର ଜାଲ ଅଟନ୍ତି ଏବଂ ନାଶବାନ ତଥା ଅନିତ୍ୟ କ୍ଷର ଶବ୍ଦ ଅଟନ୍ତି । ମୃତ୍ୟୁ କାଳରେ ଯେଉଁ ଶବ୍ଦ ସବୁ ଆସନ୍ତି, ସେହି ମୃତ୍ୟୁସୂଚକ ଶବ୍ଦ ସବୁ ମଧ୍ୟ ନାଶବାନ ଅଟନ୍ତି ; ବାସ୍ତବିକ ଚେତନ ତତ୍ତ୍ୱ ନୁହନ୍ତି । ଯେଉଁ ଶବ୍ଦ ଆକାଶର ଗୁଣ ଅଟେ ଏବଂ କର୍ଣ୍ଣରେ ଶୁଣାଯାଏ ଅଥବା ବାଣୀରେ କୁହାଯାଏ ସେ ସମସ୍ତ ବୁଦ୍ଧିମୂଳକ ଅନିତ୍ୟ କ୍ଷର ଶବ୍ଦ ଅଟନ୍ତି, ଅନୁଭବ ଚେତନ ବାଣୀ ନୁହଁ । ଯେଉଁ ଶବ୍ଦ ଅଥବା ଭାବର ବିଚାର ମନ ଏବଂ ବୁଦ୍ଧି ଭିତରେ ହେଉଅଛି, ସେ ସବୁ କ୍ଷର ଏବଂ ଅନିତ୍ୟ ଅଟନ୍ତି । ଦଶ ପ୍ରାଣ, ଦଶ ଇନ୍ଦ୍ରିୟ, ଚତୁଷ୍ଟୟ ଅନ୍ତଃକରଣ, ପ୍ରାକୃତିକ ସମସ୍ତ ଦେହ ଏବଂ ଅବସ୍ଥା - ଏ ସମସ୍ତ କ୍ଷର ଅଟନ୍ତି । ମେରୁଦଣ୍ଡ ଆଶ୍ରିତ ଯେଉଁ କୁଣ୍ଡଳିନୀ, ତିନି ପଟରୁ ଯୁକ୍ତ ମୁଖରେ ଦଶମ ଦ୍ୱାରର ଛିଦ୍ରକୁ ବନ୍ଦ କରିଛି ତାହାର ପ୍ରକାଶ ଏବଂ ଶବ୍ଦ କ୍ଷର ଆଉ ଅନିତ୍ୟ ଅଟେ । ଭ୍ରୁକୁଟି, ତ୍ରିକୁଟୀ, ଭ୍ରମର ଗୁଫା ଆଉ ହୃଦୟ ଶକ୍ତି-ସଂଚାରର କଳ୍ପନା - ଏ ସମସ୍ତ ପ୍ରକୃତିର ଖେଳ, ମନର ରଞ୍ଜନ ଏବଂ କ୍ଷର ଜଗତର ଲୀଳା ଅଟନ୍ତି । ପ୍ରକୃତି ଭିତରେ ଶାବ୍ଦିକ ଏବଂ ପ୍ରାକୃତିକ ସମସ୍ତ ରଚନା କ୍ଷର ଏବଂ ଅନିତ୍ୟ ଅଟନ୍ତି । ପ୍ରକୃତି ମଣ୍ଡଳ ଭୂମିରେ ଭୌତିକ ତତ୍ତ୍ୱଗୁଡ଼ିକ ଦ୍ୱାରା ଯେଉଁ ଶବ୍ଦ ପ୍ରକାଶ ଏବଂ ଅନୁଭବ ବିବେକ ହୋଇଥାନ୍ତି, ସେ ସମସ୍ତ କ୍ଷର ଏବଂ ନାଶବାନ ଅଟନ୍ତି । ଏସବୁ କ୍ଷର ତତ୍ତ୍ୱଗୁଡ଼ିକରେ ଏକ ପ୍ରକାଶ ଏବଂ ଗତି ସବୁବେଳେ ହୋଇଥାଏ । ଏ ସମସ୍ତ କ୍ଷର ଶବ୍ଦଗୁଡ଼ିକର ଆଧାର, ସ୍ୱାମୀ ଏବଂ ନିୟନ୍ତା ଅକ୍ଷର ଅଟନ୍ତି । ଏ ସମସ୍ତ ପଦାର୍ଥମାନଙ୍କରେ ତାଙ୍କର ପ୍ରକାଶ ହେଉଅଛି । ତାଙ୍କରି ଆଧାରରୁ ଏ ସମସ୍ତ କ୍ଷର ଶବ୍ଦ ଏବଂ ପଦାର୍ଥ ନିଜ ଭୂମିରେ ପ୍ରକାଶମାନ ହୋଇଥାନ୍ତି । ଜଗତର ଆଦି କାରଣ ଅକ୍ଷର ଅଟନ୍ତି । ଅକ୍ଷରଙ୍କର ସାନିଧ୍ୟରୁ ହିଁ ପରମାଣୁମାନଙ୍କରେ ଗତି ପ୍ରକଟ ହୋଇଥାଏ ଏବଂ ସେହି ଅକ୍ଷରଙ୍କ ଦ୍ୱାରା ଏହି ବିଶାଳ ଜଗତର ରଚନା ପରମ ପ୍ରଭୁ କରିଥାନ୍ତି । ଏହାଙ୍କୁ ବ୍ରହ୍ମ କିମ୍ବା ପ୍ରଜାପତି, ବିରାଟ, ହିରଣ୍ୟଗର୍ଭ ଆଦି ନାମରେ ବେଦାଦି ଗ୍ରନ୍ଥରେ ସମ୍ବୋଧିତ କରାଯାଇଛି । ଏକପାଦ ଜଗତରେ ସର୍ବପ୍ରଥମେ ଅକ୍ଷର ପ୍ରକଟ




ହୋଇଥାନ୍ତି । ସେହି ଆଦି ଅକ୍ଷରଙ୍କ ମାଧ୍ୟମରେ ପରମ ପୁରୁଷ, ସଚରାଚର ଜଗତର ସ୍ରଷ୍ଟା ଜଗତର ରଚନା କରନ୍ତି । ଜଗତର ସମସ୍ତ ଧର୍ମ ଅକ୍ଷରର ପ୍ରକାଶରେ ହୋଇଥାଏ । ସମସ୍ତ କ୍ଷର ଶବ୍ଦ ଅଥବା ଜଗତର ପ୍ରତ୍ୟେକ ପଦାର୍ଥରେ ଏହି ଧ୍ୱନି ପ୍ରକଟ ହେଉଅଛି । ସେହି ଅକ୍ଷର ଧ୍ୱନିକୁ ବୋଧକରି ଯୋଗୀ ପ୍ରକୃତିର ତତ୍ତ୍ୱଗୁଡ଼ିକର ବିଜ୍ଞାତା ହୋଇ ସମଗ୍ର ଦେହସଂଘାତ ଉପରେ ନିଜ ନିୟନ୍ତ୍ରଣ ରଖିଥାନ୍ତି । ସମସ୍ତ ଜଗତର ପ୍ରକାଶକ ଅକ୍ଷର ଦ୍ୱାରା ହିଁ ପ୍ରକୃତିର ସମସ୍ତ କ୍ରିୟା ହୋଇଥାଏ । ସେଥିପାଇଁ ଏହି ପଦରେ 'କ୍ଷର'ର ଉପରେ ସୂକ୍ଷ୍ମ 'ଅକ୍ଷର' ଗୁରୁଗମ୍ଭୀର ନାଦ କରୁଅଛି ବୋଲି କୁହାଯାଇଛି । ଯେତେବେଳେ ଯୋଗାଭ୍ୟାସୀର ଅନ୍ତର ଚେତନା ସ୍ଥିର ହୋଇଯାଏ, ସେତେବେଳେ 'ଅକ୍ଷର'ର ଗମ୍ଭୀର ଧ୍ୱନିକୁ ସେହି ଯୋଗୀ ଅନୁଭବ କରିଥାନ୍ତି । ତାହା ହିଁ ଅକ୍ଷରଧାମ ଅଟେ ଯେଉଁଠାରେ ପରମାଣୁର ଗତିର ଜ୍ଞାନ ଏବଂ ପ୍ରକୃତିର ସୂକ୍ଷ୍ମ ତତ୍ତ୍ୱଗୁଡ଼ିକର ବୋଧ ହୋଇଥାଏ । ଏହି ତତ୍ତ୍ୱ ସମ୍ବନ୍ଧରେ ଏହି ପଦରେ ଅକ୍ଷର ବୋଲି ଅଭିହିତ କରି ସମ୍ବୋଧନ କରାଯାଇଛି ।

ଉପନିଷଦରେ ଅକ୍ଷରଙ୍କୁ ହିଁ ସୂର୍ଯ୍ୟ, ଚନ୍ଦ୍ରାଦି ଏବଂ ସମସ୍ତ ଚରାଚର ଜଗତର ସଞ୍ଚାଳକ ବୋଲି କୁହାଯାଇଛି । ଅକ୍ଷରଙ୍କୁ ହିଁ ବ୍ରହ୍ମ କହନ୍ତି । ଏହି ଯୋଗତତ୍ତ୍ୱକୁ ସଦ୍‌ଗୁରୁ ଅନୁଭବ ଏବଂ ଚେତନ ବିଜ୍ଞାନ ଦ୍ୱାରା ଜାଣିବା ଉଚିତ । ଅତଏବ କ୍ଷର ଠାରୁ ଅକ୍ଷର ଭିନ୍ନ ବସ୍ତୁ ଅଟେ, ଯାହା ଏକପାଦ ପ୍ରକୃତି ମଣ୍ଡଳର ପ୍ରତ୍ୟେକ ପଦାର୍ଥରେ ଓତପ୍ରୋତ ଭାବରେ ଜଡ଼ିତ । ଏହି କ୍ଷର-ଅକ୍ଷରରୁ ଭିନ୍ନ ପ୍ରକୃତି ପାର ନିଃଅକ୍ଷର, ପରମ ପୁରୁଷ ଅଟନ୍ତି । ଏହାଙ୍କୁ ଜଗତର କର୍ତ୍ତା ଏବଂ ସ୍କମ୍ଭ ବୋଲି କହିଥାନ୍ତି । କ୍ଷର, ଅକ୍ଷରରୁ ଭିନ୍ନ ଉତ୍ତମ ପୁରୁଷଙ୍କୁ ହିଁ ନିଃଅକ୍ଷର, ଅକ୍ଷରାତୀତ, ସାରଶବ୍ଦ କହିଥାନ୍ତି । ସେହି ନିଃଅକ୍ଷର, ସ୍କମ୍ଭ ପୁରୁଷଙ୍କ ଆଧାର ଉପରେ ଅକ୍ଷର ଦ୍ୱାରା ଜଗତର ରଚନା ହୋଇଥାଏ । ଜଗତର ନିମିତ୍ତ କାରଣ ନିଃଶବ୍ଦ ସତ୍‌ପୁରୁଷ ଅଟନ୍ତି । ପ୍ରକୃତି, ଆତ୍ମା ଏବଂ ବ୍ରହ୍ମରେ ସୂକ୍ଷ୍ମ ଆଉ ବ୍ୟାପକ ହୋଇ ସମସ୍ତଙ୍କ ଆଧାର ସ୍ୱାମୀ ଅଟନ୍ତି । ଏହି ପୁରୁଷ ଜଗତର ଉପାସ୍ୟ ଏବଂ ଆରାଧ୍ୟ ଦେବତା ଅଟନ୍ତି । ଏହି ସର୍ବ ଅନ୍ତର୍ଯ୍ୟାମୀ ପୁରୁଷଙ୍କୁ ଉପନିଷଦରେ 'ବ୍ରହ୍ମ ଯୋନି' ଶବ୍ଦରେ ସମ୍ବୋଧିତ କରାଯାଇଛି ଅର୍ଥାତ୍ ପରଂବ୍ରହ୍ମ ଅକ୍ଷରର ମଧ୍ୟଯୋନି ମୂଳାଧାର ଅଟେ । ଅକ୍ଷରରୁ ସୂକ୍ଷ୍ମ ହୋଇ ସବୁଠି ବ୍ୟାପକ ହେବା କାରଣରୁ ସେହି ପରଂବ୍ରହ୍ମଙ୍କୁ ନିଃଅକ୍ଷର କହନ୍ତି, ଅର୍ଥାତ୍ ସେହି ପରଂବ୍ରହ୍ମ ଅକ୍ଷର ନୁହନ୍ତି ବରଂ କ୍ଷର, ଅକ୍ଷର - ଏହି ଦୁଇଟିର ପ୍ରକାଶକ ଏବଂ ସର୍ବାଧାର ଅଟନ୍ତି ; ସୂକ୍ଷ୍ମ ନିଃଅକ୍ଷର ଅଟନ୍ତି । କ୍ଷର ଜଡ଼ ଅଟେ ଏବଂ ଚେତନ ଅକ୍ଷର ଏକପାଦ ଜଗତରେ ସର୍ବତ୍ର ବ୍ୟାପକ ଅଟେ । ଏହି ଦୁଇଟିରୁ ପୃଥକ୍ ସୂକ୍ଷ୍ମ ସମସ୍ତଙ୍କ ଆଧାର ଅନ୍ତର୍ଯ୍ୟାମୀ ପରମ ପୁରୁଷ ନିଃଶବ୍ଦ, ନିଃଅକ୍ଷର ଅଟନ୍ତି । କ୍ଷର, ଅକ୍ଷର ତଥା ନିଃଅକ୍ଷର ଏହି ତିନୋଟିର ମଣ୍ଡଳ ମଧ୍ୟ ଭିନ୍ନ ଭିନ୍ନ ଅଟନ୍ତି । ସାଧନ-ଭେଦ-ଯୋଗାଭ୍ୟାସ ଦ୍ୱାରା ଏହି ମଣ୍ଡଳଗୁଡ଼ିକର ଭେଦ ଏବଂ ଅପାର ତତ୍ତ୍ୱ ଜ୍ଞାନ ଓ ଅନୁଭବ ପ୍ରାପ୍ତି ହୋଇଥାଏ ଏବଂ ଏହି ଅନୁଭବ ଜ୍ଞାନ ପ୍ରାପ୍ତ ହେବା ପରେ ହିଁ ପୂର୍ଣ୍ଣ ବୋଧ ଏବଂ ଶାନ୍ତି ପ୍ରାପ୍ତି ହୋଇଥାଏ । କ୍ଷର, ଅକ୍ଷର ଏବଂ ନିଃଅକ୍ଷରର ତତ୍ତ୍ୱଜ୍ଞାନ ସମ୍ପର୍କରେ ଏହି ପଦରେ କୁହାଯାଇଛି । ବ୍ରହ୍ମବିଦ୍ୟାର ପ୍ରକାଶରେ ଯୋଗର ସାକ୍ଷାତକାର ଅନୁଭବ ହେବା ଯୋଗୁଁ ଏହି ତତ୍ତ୍ୱଗୁଡ଼ିକର ପୂର୍ଣ୍ଣ ବୋଧ ଏବଂ ଯଥାର୍ଥ ଜ୍ଞାନ ପ୍ରାପ୍ତି ହୋଇଥାଏ । ସେଥିପାଇଁ ସଦ୍‌ଗୁରୁ ପ୍ରକାଶରେ ଅନୁଭବ-ସାଧନ କରି ଏହି ନିର୍ଭ୍ରାନ୍ତ ତତ୍ତ୍ୱଜ୍ଞାନଗୁଡ଼ିକୁ ଆଧ୍ୟାତ୍ମ-ପିପାସୁ ଜାଣିବା ନିମନ୍ତେ ପ୍ରଯତ୍ନ କରିଥାନ୍ତି ।

**ଅକ୍ଷୟ ନାମ ଅକ୍ଷର କହେଁ,**
**ସୁକ୍ଷମ ତାକୀ ଧାର ।**
**ପିଣ୍ଡ ବ୍ରହ୍ମାଣ୍ଡ ମେଁ ସଂଚରେ, କାରଣ**
**ଓ୍ୱିନ୍ଦୁ ଓ୍ୱିଚାର ।।୦୨।।**

ଭାଷ୍ୟ - ଅକ୍ଷରଙ୍କୁ ଅକ୍ଷୟ ନାମରେ ଅଭିହିତ କରାଯାଏ । ତାଙ୍କର ସୂକ୍ଷ୍ମ ପ୍ରବାହ ପିଣ୍ଡ ବ୍ରହ୍ମାଣ୍ଡରେ ପ୍ରବାହିତ ହୋଇଥାଏ ଯେଉଁଥିରେ ଅନେକ ଶବ୍ଦ ତାଙ୍କ ଭିତରେ ପ୍ରକଟ ହୋଇଥାନ୍ତି । ଏ ସମସ୍ତ ବ୍ରହ୍ମାଣ୍ଡୀ ଶବ୍ଦର କାରଣ, ବୀଜ, ଅକ୍ଷୟ ନାମାକ୍ଷର ଅଟନ୍ତି ।

**କାରଣ ବିନ୍ଦୁ ଓ୍ୱିକାର ହୈ, ଶବ୍ଦ**
**ସଭୀ ହେଁ ନାଦ ।**
**ଓ୍ୱର୍ଣ୍ଣ ଉଚ୍ଚାରଣ ହୋତ ହୈ, ବୋଲ**
**ଇସୀ କୋ ଓ୍ୱାଦ ।।୦୩।।**

ଭାଷ୍ୟ - ଅକ୍ଷର କାରଣ ତତ୍ତ୍ୱର ପ୍ରବାହ ଯେତେବେଳେ ବ୍ରହ୍ମାଣ୍ଡକୁ ଓହ୍ଲେଇ ଆସେ ସେତେବେଳେ ବ୍ରହ୍ମାଣ୍ଡୀୟ ନାଦ ପ୍ରକଟ ହୋଇଥାଏ । ଅକ୍ଷର ହିଁ ଏହି ପଞ୍ଚ ଶବ୍ଦର ମୂଳ କାରଣ ଅଟେ । ଏହାର ପ୍ରଭାବରେ ପଞ୍ଚ ନାଦ ପରେ ପ୍ରାଣର ପ୍ରଯତ୍ନରୁ ଦାନ୍ତ, ଓଷ୍ଠ, କଣ୍ଠ, ମୂର୍ଦ୍ଧା ଏବଂ ତାଲୁ ଆଦି ସ୍ଥାନରୁ ସମସ୍ତ କ୍ଷର ବର୍ଣ୍ଣ ପ୍ରକଟ ହୋଇଥାନ୍ତି । ସେଥିପାଇଁ ପଞ୍ଚ ଶବ୍ଦ ଅଥବା କ୍ଷର ଆଦି ବାବନ ବର୍ଣ୍ଣର ଆଧାର, ଅକ୍ଷୟ ନାମ, ଅକ୍ଷର ଅଟେ । ଏହି ଅକ୍ଷର ପ୍ରବାହକୁ ଯିଏ ବ୍ରହ୍ମାଣ୍ଡରେ ପ୍ରକଟ କରି ପଞ୍ଚ ଶବ୍ଦ ଏବଂ ବର୍ଣ୍ଣଗୁଡ଼ିକୁ ବ୍ୟବହାର କରନ୍ତି ତାଙ୍କୁ 'ବୋଲ' ବୋଲି କହନ୍ତି ।

**ସୂକ୍ଷ୍ମ ଔର ସ୍ଥୁଲ କା, ନାଦ**
**ଭେଦ ହୈ ଦୋୟ ।**
**ଅନ୍ତର ସୂକ୍ଷ୍ମ ସୋ ଜାନିୟେ, ସ୍ଥୁଲ**
**ହେ ବାହର ସୋୟ ।।୦୪।।**

ଭାଷ୍ୟ - ସ୍ଥୁଳ ଏବଂ ସୂକ୍ଷ୍ମ ଏ ଦୁଇଟି ନାଦର ଭେଦ ଅଟନ୍ତି । ଅନ୍ତର ବ୍ରହ୍ମାଣ୍ଡରେ ନାଦ ସୂକ୍ଷ୍ମ ଅଟେ ଏବଂ ବାହାର ବ୍ୟକ୍ତ ବର୍ଣ୍ଣ ବ୍ୟଞ୍ଜନ ସ୍ଥୁଳ ଅଟେ । ଏହା ନାଦର ସୂକ୍ଷ୍ମ ଏବଂ ସ୍ଥୁଳ ଭିତରେ ପାର୍ଥକ୍ୟ ଅଟେ । ଏହି ପଦରେ ବ୍ରହ୍ମାଣ୍ଡୀୟ ପଞ୍ଚ ଶବ୍ଦକୁ ନାଦ ବୋଲି କୁହାଯାଇଛି ।

## ଗ୍ରୀନ୍ ମଟରର ଉପକାରିତା

ଗ୍ରୀନ୍ ମଟରରେ ପ୍ରଚୁର ପରିମାଣର ଭିଟାମିନ୍ସ ଓ ମିନେରାଲ୍ସ ଭରି ରହିଛି । ଏହା ସ୍ୱାସ୍ଥ୍ୟ ପାଇଁ ବେଶ୍ ଉପକାରୀ ।

ଏଥିରେ ଫାଇବର୍ ଏବଂ ପ୍ରୋଟିନ୍ର ପରିମାଣ ବେଶ୍ ରହିଛି । ଖାସ୍ କଥା ହେଲା ମେଦବହୁଳତା ପରି ସମସ୍ୟାର ସମାଧାନ କରିବାରେ ଏହା ଅନେକାଂଶରେ ସହାୟକ ହୋଇଥାଏ ।

ଖାଲି ପ୍ରୋଟିନ୍ ନୁହେଁ, ବରଂ ଏଥିରେ ଆଇରନ୍, ଫସଫରସ୍, ଭିଟାମିନ୍-ଏ, ଭିଟାମିନ୍-କେ, ଭିଟାମିନ୍-ସି ମଧ ରହିଛି, ଯାହା ଶରୀରର ମାଂସପେଶୀକୁ ଶକ୍ତ ରଖିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ ।

ଡାଇବେଟିସ୍ ରୋଗୀଙ୍କ ପାଇଁ ଏହା ବେଶ୍ ଉପକାରୀ ସାବ୍ୟସ୍ତ ହୋଇଥାଏ । ରକ୍ତରେ ସୁଗାର ଲେଭଲକୁ ଗ୍ରୀନ୍ ମଟର ସନ୍ତୁଳିତ ରଖେ । ତା' ସହ ଉଚ୍ଚ ରକ୍ତଚାପ ମଧ ନିୟନ୍ତ୍ରଣରେ ରହିଥାଏ ।

ଗ୍ରୀନ୍ ମଟରରେ ଆଇରନ୍ ଓ ଫାଇବର ଅଧିକ ପରିମାଣରେ ରହିଛି । ତେଣୁ ଏହାକୁ ଖାଇଲେ ତାହା ପାଚନ କ୍ରିୟାକୁ ଆହୁରି ସକ୍ରିୟ କରାଏ ।



ଆଣ୍ଠୁଗଣ୍ଠି ଜନିତ ସମସ୍ୟା, ଇନଫ୍ଲାମେଟୋରୀ ଡିଜିଜ୍, କନଷ୍ଟିପେସନ୍ ଆଦି ରୋଗଠାରୁ ଏହା ଅନେକାଂଶରେ ଦୂରେଇ ରଖିଥାଏ । ଆବଶ୍ୟକ ପରିମାଣର ମ୍ୟାଗ୍ନେସିୟମ ଓ ପଟାସିୟମ ଶରୀର ପାଇଁ ବେଶ୍ ଉପକାରୀ, ଯାହା ଗ୍ରୀନ୍ ମଟରରୁ ଆମେ ପାଇଥାଉ । ଏହାର ଆଣ୍ଟି ଅକ୍ସିଡାଣ୍ଟ ଗୁଣ ରୋଗ ପ୍ରତିରୋଧକ ଶକ୍ତିକୁ ଆହୁରି ଦୃଢ଼ କରାଏ ।

ଏଥିରେ ଲୁଟେଇନ୍ ନାମକ ଏକ କାରୋଟିନଏଡ୍ ପିଗମେଣ୍ଟ ରହିଛି, ଯାହା ଚକ୍ଷୁକୁ ସୁରକ୍ଷିତ ରଖିଥାଏ । କୋଲାଜେନ୍ ପିଗମେଣ୍ଟ ପାଇଁ ତ୍ୱଚା ସତେଜ ରହିବା ସହ ଫ୍ରିରାଡିକାଲ୍ସରୁ ମଧ ଏହା ରକ୍ଷା କରିଥାଏ ।

## ଲାଭଦାୟକ ଗୋଲମରିଚ

ଭୋଜନରେ ଗୋଲମରିଚ ବ୍ୟବହାର ଯେ କେବଳ ସ୍ୱାଦ ବଢ଼ାଇବା ପାଇଁ ହୁଏ ଭାବିବା ସମ୍ପୂର୍ଣ୍ଣ ଭୁଲ୍ । ଅନେକ କ୍ଷେତ୍ରରେ ଏହାର ବ୍ୟବହାର ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ହୋଇଥାଏ । ଗୋଲମରିଚକୁ କୌଣସି ଔଷଧ ସହ ସେବନ କଲେ ତାହା ଔଷଧର ପ୍ରଭାବକୁ ବୃଦ୍ଧି କରିଥାଏ । ଏଥିରେ କ୍ୟାଲସିୟମ୍ ଫସଫରସ୍ ଏବଂ ଆଇରନ ଭଳି ମହତ୍ତ୍ୱପୂର୍ଣ୍ଣ ତତ୍ତ୍ୱ ମହଜୁଦ୍ ଥାଏ । ଲେମ୍ବୁ ପାଣି ସହ ଗୋଲମରିଚ ଏବଂ କଳାଲୁଣ ମିଶାଇ ଦୈନନ୍ଦିନ ସେବନ କଲେ ପାଚନତନ୍ତ୍ର ମଜଭୁତ୍ ରହିଥାଏ । କାଶ ଏବଂ କଫ ଭଲ କରିବାରେ ମଧ ଏହା ସହାୟକ ହୋଇଥାଏ । ଗୋଲମରିଚ ଗୁଣ୍ଡରେ ସାମାନ୍ୟ ଘିଅ ମିଶାଇ ଖାଦ୍ୟ ସହ ସେବନ କରିପାରିବେ । ଏହାଦ୍ୱାରା କାଶ ଯୋଗୁଁ ହେଉଥିବା ଗଳା ଏବଂ ଛାତି ଯନ୍ତ୍ରଣାରୁ ଲାଘବ ମିଳିଥାଏ । ଉଷୁମ ପାଣିରେ ଗୋଲମରିଚ ଗୁଣ୍ଡ ମିଶାଇ କୁଳି କଲେ ଦାନ୍ତ ମାଢ଼ି ମଜଭୁତ୍ ହୋଇଥାଏ । ରାତିରେ ଶୋଇବା ପୂର୍ବରୁ ଗୋଲମରିଚ ଗୁଣ୍ଡରେ ଗୋଲାପ ଜଳ ମିଶାଇ ଚେହେରାରେ ଥିବା କଳାଦାଗରେ ଲଗାଇଲେ କିଛି ଦିନ ପରେ ଚେହେରାର ଉଜ୍ଜ୍ୱଳତା ବଢ଼ିବା ସହ ଦାଗ ଦୂର ହୋଇଥାଏ ।



## ଅଙ୍ଗୁର ଜୁସ୍ ସହ ଔଷଧ ସେବନ ହାନିକାରକ

ଅଧିକାଂଶ ଲୋକ ଔଷଧ ସେବନ ପାଇଁ ପାଣି ବଦଳରେ ଜୁସର ବ୍ୟବହାର କରିଥାନ୍ତି । ଏଭଳି କରୁଥିବା ଲୋକେ ସାବଧାନ ରହିବା ଜରୁରୀ । କାରଣ ଏହାଦ୍ୱାରା ସ୍ୱାସ୍ଥ୍ୟ ପାଇଁ ବନ ବିପଦକୁ ଆମନ୍ତ୍ରଣ କରାଯାଇଥାଏ । ବିଶେଷଜ୍ଞଙ୍କ ଅନୁସାରେ, ଜୁସ୍ ସହ ଔଷଧ ସେବନ କିଛି ଭୁଲ୍ ନୁହେଁ, କିନ୍ତୁ ସବୁ ଜୁସର ବ୍ୟବହାର ଔଷଧ ସେବନ ବେଳେ କରାଯିବା ଉଚିତ୍ ନୁହେଁ । ଯେମିତିକି ଅଙ୍ଗୁର ଜୁସ୍ । ଏହାର ଖରାପ ପ୍ରଭାବ ଶରୀର ଉପରେ ପଡିଥାଏ । ବିଶେଷଜ୍ଞଙ୍କ ଅନୁସାରେ, ଅଙ୍ଗୁର ଜୁସ୍ ସହ ଔଷଧ ସେବନ ଦ୍ୱାରା ଆଲର୍ଜି ସୃଷ୍ଟି ହେବାର ସମ୍ଭାବନା ଥାଏ । ଅଙ୍ଗୁର ରସ ରକ୍ତଧାରାରେ ଯାଉଥିବା ଔଷଧର ମାତ୍ରାକୁ କମ୍ କରି ଦେଇଥାଏ । ଏହାଦ୍ୱାରା ରକ୍ତଚାପ କିମ୍ବା ହୃଦରୋଗ ଜନିତ ସମସ୍ୟା ବଢ଼ିଥାଏ । ତେଣୁ ରୋଗୀଙ୍କୁ ଅଙ୍ଗୁର ଜୁସ୍ ସହ ଔଷଧ ସେବନରୁ ଦୁରେଇ ରହିବା ଉଚିତ ।



ଏକ ଗବେଷଣାରୁ ଜଣାପଡିଛି ସେଓ ଏବଂ ଅଙ୍ଗୁର ରସ କ୍ୟାନସର ଔଷଧ ସାଙ୍ଗକୁ ଆଣ୍ଟିବାୟୋଟିକ୍ସର ପ୍ରଭାବକୁ କମ୍ କରି ଦେଇଥାଏ । ଗବେଷଣାରେ ଅଙ୍ଗୁର ରସ ସହ ଔଷଧ ସେବନ କରାଯାଇ ଦେଖାଯାଇଥିଲା ଯେ, କେବଳ ଔଷଧ ଅଧା ପ୍ରଭାବ ଶରୀରକୁ ପହଞ୍ଚୁପାରୁଛି । ଯଦ୍ଦ୍ୱାରା ରୋଗ ଭଲ ହେବା ସ୍ଥାନରେ ଦୀର୍ଘଦିନ ଧରି ଶରୀରର ଘର କରିନିଏ । ଏହାଦ୍ୱାରା ଜୀବନ ବିପଦକୁ ଚାଲିଯାଏ । ତେଣୁ ଯଥା ସମ୍ଭବ ଔଷଧକୁ ପାଣି ସହ ସେବନ କରିବା ଠିକ୍ ରହିବ । ଏହା ସବୁଠୁ ସୁରକ୍ଷିତ ଉପାୟ । ତେବେ ମନେରଖିବାକୁ ପଡିବ ଥଣ୍ଡା ପାଣି ସହ ଔଷଧ ସେବନ ଅନୁଚିତ । ଏଥିପାଇଁ ନଖ ଉଷୁମ ପାଣି ଉଚିତ୍ ରହିବ ।

## ଆପଣ ଜାଣନ୍ତି କି ?

- ୩୧ ତମ ଅଲିମ୍ପିକ୍ସ କ୍ରୀଡ଼ା ପ୍ରତିଯୋଗିତାରେ ସବୁ କଳ୍ପନା ଜଳ୍ପନାର ଅନ୍ତ ଘଟାଇ ଆମେରିକା ପୁଣିଥରେ ଚାମ୍ପିଅନ ଦେଶ ସାବ୍ୟସ୍ତ ହୋଇଛି । ସର୍ବାଧିକ ପଦକରେ ଆମେରିକା ଅପ୍ରତିଦ୍ୱନ୍ଦ୍ୱୀ ହୋଇଥିବାବେଳେ ଚୀନ, ଜାପାନ ଭଳି ଏସୀୟ ଦେଶକୁ ପଛରେ ପକାଇ ଗ୍ରେଟ୍ ବ୍ରିଟେନ୍ ପଦକ ତାଲିକାର ଦ୍ୱିତୀୟ ସ୍ଥାନ ହାସଲ କରିଛି ।
- ରିଓ ଡି ଜେନିରୋରେ ୨୦୫ ଜାତୀୟ ଅଲିମ୍ପିକ୍ସ କମିଟି ଭାଗ ନେଇଥିଲେ । ଏମାନଙ୍କ ବ୍ୟତୀତ ଏକ ୧୦ ଜଣିଆ ଶରଣାର୍ଥୀ ଦଳ ପ୍ରଥମ ଥର ପାଇଁ ଅଲିମ୍ପିକ୍ସରେ ଭାଗ ନେଇଥିଲେ ।
- କସୋଭୋ ଓ ଦକ୍ଷିଣ ସୁଦାନ ପ୍ରଥମଥର ପାଇଁ ଅଲିମ୍ପିକ୍ସରେ ଅଂଶ ଗ୍ରହଣ କରିଥିଲେ ।
- ରିଓ ଅଲିମ୍ପିକ୍ସରେ ମୋଟ ୧୧,୩୦୩ ଜଣ ଆଥଲେଟ୍ ଭାଗ ନେଇଥିଲେ । ଏମାନଙ୍କ ମଧ୍ୟରେ ୪୫% ମହିଳା ଆଥଲେଟ୍ ରହିଥିଲେ ।
- ଆମେରିକାର ପ୍ରସିଦ୍ଧ ସ୍ୱିମର ମାଇକେଲ୍ ଫେଲ୍ପସ୍ ୫ ଟି ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ସହ ମୋଟ ୬ ଟି ପଦକ ହାସଲ କରିଥିଲେ । ଅଲିମ୍ପିକ୍ସ ଇତିହାସରେ ସେ ସର୍ବାଧିକ ୨୩ ଟି ସ୍ୱର୍ଣ୍ଣ ପଦକ ଜିତିବାରେ ଇତିହାସ ରଚିଥିଲେ ।
- ସର୍ବକାଳୀନ ଶ୍ରେଷ୍ଠ ଆଥଲେଟମାନଙ୍କ ମଧ୍ୟରେ ନିଜର ସ୍ଥାନ ସୁରକ୍ଷିତ ରଖିଥିବା ଜାମାଇକାର ଧାବକ ୟୁସେନ୍ ବୋଲ୍ଟ ୩ ଟି ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ହାସଲ କରି ହ୍ୟାଟ୍ରିକ୍ ଅର୍ଜନ କରିଥିଲେ । ବିଶ୍ୱର ପ୍ରଥମ ଆଥଲେଟ ଭାବେ ସେ କ୍ରମାଗତ ୩ ଟି ଅଲିମ୍ପିକ୍ସରେ ୩ ଟି ଲେଖାଏଁ ସ୍ୱର୍ଣ୍ଣ ପଦକ ହାସଲ କରିବାରେ ରେକର୍ଡ଼ ସ୍ଥାପନ କରିଥିଲେ ।

## କହିପାରିବେ କି ?

୧) ବୃହଦେଶ୍ୱର ମନ୍ଦିର ଭାରତର କେଉଁ ରାଜ୍ୟରେ ଅଛି ?
(୨) ପଲାସୀ ଯୁଦ୍ଧ କେବେ ହୋଇଥିଲା ?
(୩) ଭାରତର ପ୍ରଥମ ମହିଳା କ୍ୟାବିନେଟ୍ ସଚିବଙ୍କ ନାମ କ'ଣ ?
(୪) ଭାରତର ପ୍ରଥମ ମେଟ୍ରୋ ରେଳସେବାର ଆରମ୍ଭ କେଉଁ ସହରରୁ ହୋଇଥିଲା ?
(୫) କେଉଁ ରୋଗରେ ଇଲିଶା ଟେଷ୍ଟ କରାଯାଇଥାଏ ?
(୬) ଭାରତର ପ୍ରଥମ ଜଳବିଦ୍ୟୁତ୍ ପରିଯୋଜନାର ନାମ କ'ଣ ?
(୭) ଭାରତର କେଉଁ ରାଜ୍ୟରେ ସବୁଠୁ ଅଧିକ ସଂଖ୍ୟାରେ ଗୋଲମରିଚ ଉତ୍ପାଦନ କରାଯାଏ ?
(୮) ନିକଟରେ ଆର୍‌ବିଏଲ ବ୍ୟାଙ୍କର ସିଇଓ ଓ ମ୍ୟାନେଜିଂ ଡିରେକ୍ଟର ଭାବେ କାହାକୁ ନିଯୁକ୍ତି ଦିଆଯାଇଛି ?
(୯) ସୁଶାସନ ଦିବସ କେବେ ପାଳନ କରାଯାଏ ?
(୧୦) ରାମ ରାବଣ ଯୁଦ୍ଧ କେତେ ଦିନ ଧରି ହୋଇଥିଲା ?

### JUMBLE WORDS

| | | | |
|---|---|---|---|
| 1) FLICF | = | 6) SFIHT | = |
| 2) LENTK | = | 7) RUNCIH | = |
| 3) BEELMM | = | 8) TNGETO | = |
| 4) DSUNED | = | 9) MEORH | = |
| 5) TCPYR | = | 10) BUDTO | = |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ? ର ଉତ୍ତର :-**

୧.ଶୁକ୍ରାଚାର୍ଯ୍ୟ, ୨.ସଲମାନ୍ ରୁଷିଦ୍, ୩. ୧୯୫୦, ୪.ଆସାମ,୫.କାବେରୀ, ୬.ତାମିଲନାଡୁ, ୭. ଲର୍ଡ ମାଉଣ୍ଟବେଟେନ୍, ୮. ନଜିନ ସିଂଘଲ, ୯.ଉତ୍ତରାଖଣ୍ଡ, ୧୦. ବିପିନ୍ ରାଓ୍ୱତ୍ ।

***Jumble Words* ର ଉତ୍ତର :-**

(1) EYEFUL (2) ABOUND (3) GRAVE (4) SHOVE (5) COUSIN
(6) VALLEY (7) FRISK (8) COACH (9) COTTON (10) WICKET

# ଦାନରୁ ଦେବତ୍ୱ...

ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ

ସୂର୍ଯ୍ୟ ନିଜର କିରଣ, ପୁଷ୍ପ ନିଜର ସୁଗନ୍ଧ, ବୃକ୍ଷ ନିଜର ଫଳ, ନଦୀ ନିଜର ଜଳ, ପୃଥିବୀ ନିଜର ଛାତି ଚିରି ଦୁଇ ହାତରେ ଆମକୁ ଅନ୍ନ, ଜଳ, ଔଷଧ, ଫଳ ଆଦି ସବୁ କିଛି ଦେଇଥାଏ ।

ଏହା ସତ୍ତ୍ୱେ ସୂର୍ଯ୍ୟର କିରଣ, ପୁଷ୍ପର ସୁଗନ୍ଧ, ବୃକ୍ଷର ଫଳ ଓ ନଦୀର ମଧୁର ଜଳ କେବେ କମ୍ ହୁଏ ନାହିଁ । ସୂର୍ଯ୍ୟ ସମୁଦ୍ରର ଜଳ ଶୋଷିନିଏ, ତ ସେହି ଜଳ ଦ୍ୱାରା ପୁନଃ ପୃଥିବୀକୁ ଶୀତଳ କରିଦିଏ, ତୃପ୍ତ କରିଦିଏ । ପ୍ରଥମ ଜଣଙ୍କ ଠାରୁ ନେଇ ଦ୍ୱିତୀୟ ଜଣଙ୍କୁ ଓ ଦ୍ୱିତୀୟ ଜଣଙ୍କ ଠାରୁ ନେଇ ପ୍ରଥମ ଜଣଙ୍କୁ ଦେବା ହିଁ ସୃଷ୍ଟିର କାମ । ପ୍ରକୃତିର ଶାଶ୍ୱତ ନିୟମ ହେଉଛି, ଆମେ ପ୍ରକୃତିକୁ ଯାହା କିଛି ଦେଇଥାଉ, ତାହାକୁ ସେ ଅନେକ ଗୁଣ ଅଧିକ କରି ଫେରାଇ ଦିଏ । ଖେତରେ ଆମେ ଗୋଟିଏ ମଞ୍ଜି ବୁଣୁ ଓ ତାହାକୁ ହଜାର ହଜାର ମଞ୍ଜିରେ ପରିଣତ କରିଦେଇ ପ୍ରକୃତି ଆମକୁ ଫେରାଇ ଦିଏ ।

ବିଜ୍ଞାନର ମଧ ଏହି ନିୟମ ଅଛି ଯେ ପ୍ରତ୍ୟେକ କ୍ରିୟାର ସମାନ ଓ ବିପରୀତ ଦିଶାରେ ପ୍ରତିକ୍ରିୟା ହୋଇଥାଏ । ଏଣୁ ଦାନ ରୂପେ ଆମେ ଯାହା ବି ଖୁସି ଓ ଆନନ୍ଦ ଅନ୍ୟମାନଙ୍କୁ ଦେଉ, ସେହି ଆନନ୍ଦ ଓ ଖୁସି ଅନେକ ଗୁଣ ଅଧିକ ହୋଇ ଆମକୁ ମିଳିଯାଏ । ଦାନ, ପରୋପକାର, ତ୍ୟାଗ ଆଦିରୁ ମିଳୁଥିବା ଆର୍ଥିକ ଆନନ୍ଦ ପଛରେ ମଧ ଏହି କାରଣ ଅଛି । ସୁସ୍ଥ, ସଭ୍ୟ ଓ ସମୃଦ୍ଧ ସମାଜ ସକାଶେ ମଧ ଲୋକଙ୍କ ମଧରେ ଦାନର ବୃତ୍ତି ରହିବା ଆବଶ୍ୟକ । ଦେବାର ପ୍ରବୃତ୍ତି ରହିବା କାରଣରୁ ହିଁ ଆମେ ସେବା ଓ ସହଯୋଗ ପାଇଁ ଆଗକୁ ଆସିପାରୁ ।

ଦାନର ବୃଦ୍ଧି କମ୍ ହେବାର ଅର୍ଥ ସମାଜରେ ସ୍ୱାର୍ଥବୃତ୍ତିକୁ ବଢ଼ାଇବା । ସ୍ୱାର୍ଥବୃତ୍ତି ଦ୍ୱାରା କୌଣସି ବ୍ୟକ୍ତି, ସମାଜ ଓ ରାଷ୍ଟ୍ରର କଲ୍ୟାଣ ହୋଇ ନ ପାରେ ଜାତୀୟ ବିପତ୍ତି, ମହାମାରୀ ଓ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଦାନଶୀଳ ଲୋକଙ୍କ କାରଣରୁ ହିଁ କୌଣସି ରାଷ୍ଟ୍ର ପୁନଃ ଉଠି ଠିଆ ହୋଇପାରେ । ବ୍ୟକ୍ତିର ଦେବାର ବୃତ୍ତି ସଂକୁଚିତ ହୋଇଯିବା ଯୋଗୁଁ ଆଜି ପରିବାର ଓ ସମାଜରେ ପ୍ରେମ, ସୌହାର୍ଦ୍ଦ୍ୟ ଏବଂ ସମରସତାର ଅଭାବ ଦେଖାଯାଉଛି ।

ଦାନ କେବଳ ବ୍ୟକ୍ତିଗତ ଜୀବନ ନୁହେଁ, ବରଂ ପାରିବାରିକ, ସାମାଜିକ, ରାଷ୍ଟ୍ରୀୟ ଓ ବୈଶ୍ୱିକ ଜୀବନ ପାଇଁ ମଧ ଆବଶ୍ୟକ । ନିଜର ଦାନଶୀଳତା କାରଣରୁ ହିଁ ଭାରତ ଜଗଦଗୁରୁ ହୋଇଛି । ତାହା ଭୌତିକ ସମ୍ବଳର ଦାନ ହେଉ ବା ଧର୍ମ, ଆଧାତ୍ମ ଓ ଯୋଗର ଦାନ ହେଉ- ପ୍ରତ୍ୟେକ ଦୃଷ୍ଟିରୁ ଭାରତ ସମୟ ସମୟରେ ବିଶ୍ୱମାନବତାର ସେବା କରିଛି ଦୁନିଆର ଯେକୌଣସି ଦେଶରେ ଯେବେ ବି କୌଣସି ପ୍ରାକୃତିକ ବିପର୍ଯ୍ୟୟ ଆସିଛି, ଭାରତ ସର୍ବଦା ତାହାର ସାହାଯ୍ୟ ପାଇଁ ଆଗେଇ ଆସିଛି । ବର୍ତ୍ତମାନ ମଧ ଭାରତ କୋଭିଡ୍-୧୯ ମହାମାରୀର ନିରାକରଣ ହେତୁ ଦୁନିଆର ବିଭିନ୍ନ ଦେଶରେ ଟିକାର ଆପୂର୍ତ୍ତି କରି ନିଜର ମହାନତା ଓ 'ବସୁଧୈବ କୁଟୁମ୍ବକମ୍'ର ଭାବନାକୁ ଚରିତାର୍ଥ କରିଛି ।

ସଂସାରରେ ଏମିତି କୌଣସି ବ୍ୟକ୍ତି ନାହିଁ, ଯାହା ପାଖରେ ଦେବା ପାଇଁ କିଛି ନ ଥିବ । ଯଦି ଆମ ପାଖରେ ଧନ ନାହିଁ ତେବେ ସମୟ ଓ ଶ୍ରମ ତ ଅଛି । ଏହାକୁ ବି ଆମେ ପରହିତରେ ଅର୍ପଣ କରି ପାରିବା । ଆମେ କେବଳ ଯେ ଧନ, ସାମଗ୍ରୀ ବା ପ୍ରତିଭା ଆଦି ଦ୍ୱାରା କାହାର ସହାୟତା କରି ପାରିବା – ଏପରି ବିଲକୁଲ ନୁହେଁ । ଆମେ ନିଜର କରୁଣା ଓ ସମ୍ବେଦନା ଦ୍ୱାରା ମଧ ଅନ୍ୟମାନଙ୍କୁ କୃତାର୍ଥ କରି ପାରିବା । ଆମେ କରୁଣା ଓ ପ୍ରେମପୂର୍ଣ୍ଣ କଥା ଦ୍ୱାରା ଅନ୍ୟମାନଙ୍କ ମଧରେ ଆଶାର ସଞ୍ଚାର କରି ପାରିବା । ସେମାନଙ୍କୁ ହତାଶା ଓ ନିରାଶାରୁ ବାହାର କରି ଆମେ ସେମାନଙ୍କୁ ନବଜୀବନ, ନୂଆ ଦୃଷ୍ଟି ଦେଇ ପାରିବା, ସେମାନଙ୍କୁ ପବିତ୍ର ଜୀବନ, ଆଧାତ୍ମିକ ଜୀବନଯାପନର ପ୍ରେରଣା ଦେଇ ପାରିବା ।

ସମସ୍ତ ପ୍ରକାର ଦାନ ମଧରେ ଜ୍ଞାନଦାନକୁ ସର୍ବଶ୍ରେଷ୍ଠ ଦାନ କୁହାଯାଇଛି । କାହିଁକି ? କାରଣ ଅନ୍ୟ ପ୍ରକାର ଦାନ ତ ବ୍ୟକ୍ତିକୁ ତତ୍କାଳ ଉପଶମ ଦେଇପାରେ, କିନ୍ତୁ ଜ୍ଞାନର ଦାନ ବ୍ୟକ୍ତିକୁ ନୂତନ ଦୃଷ୍ଟି ଦେଇ ତାକୁ ସଦାସର୍ବଦା ପାଇଁ ତୃପ୍ତ କରିଦିଏ, କୃତାର୍ଥ କରିଦିଏ । ସେଥିପାଇଁ ବିବାହ, ଜନ୍ମଦିବସ ଓ ଅନ୍ୟ ପର୍ବ - ଉତ୍ସବଗୁଡ଼ିକ ଅବସରରେ କୌଣସି ସତ୍ ସାହିତ୍ୟ, ଯେପରି – ବେଦ, ପୁରାଣ, ଉପନିଷଦ୍, ଗୀତା, ରାମାୟଣ ଉପହାର ଦେବାର ପରମ୍ପରା ବିକଶିତ କରିବା ଉଚିତ । ସମାଜରେ ଜ୍ଞାନର ଯେତେ ଅଧିକ ପ୍ରସାର ହେବ, ସମାଜ ସେତେ ସଭ୍ୟ, ସ୍ୱଚ୍ଛ, ସୁସ୍ଥ, ଶାଳୀନ ଓ ସମୃଦ୍ଧ ହୋଇ ଚାଲିବ ।

ବସ୍ତୁତଃ ଦାନ କୌଣସି ଧାର୍ମିକ, ଆଧାତ୍ମିକ କ୍ରିୟା ମାତ୍ର ନୁହେଁ, ବରଂ ଏହା ଆମର ପାରିବାରିକ, ସାମାଜିକ, ରାଷ୍ଟ୍ରୀୟ ଓ ବୈଶ୍ୱିକ କର୍ତ୍ତବ୍ୟ ମଧ । ଏହା ଇଚ୍ଛାକୃତ ଅଥବା ବୈକଳ୍ପିକ ନୁହେଁ, ବରଂ ଆମ ଜୀବନର ଏକ ଅନିବାର୍ଯ୍ୟ ଆବଶ୍ୟକତା, ଯାହାର ପାଳନ ଅବଶ୍ୟ କରାଯିବା ଉଚିତ । ଦାନ ପ୍ରକୃତରେ ବ୍ୟକ୍ତି ମଧରେ ସେବା, ଶ୍ରଦ୍ଧା, ସମ୍ବେଦନା ଆଦି ମାନବୀୟ ଗୁଣଗୁଡ଼ିକର ସମ୍ବର୍ଦ୍ଧନର ସଶକ୍ତ ସାଧନ । ସାଧାରଣତଃ ଆମେ ଏଭଳି ଏକ ଦୁନିଆରେ ରହୁଛେ, ଯେଉଁଠାରେ ଆମେ କେବଳ ନିଜର ଓ ପରିବାରର ହିତ ସାଧନ କରିବାରେ ଲାଗିଥାଉ, କିନ୍ତୁ ଦାନ କରିବାର ପ୍ରବୃତ୍ତି ଦ୍ୱାରା ଧୀରେ ଧୀରେ ଆମର ପରିସର ବଢ଼ିଯାଏ । ଆମର ଦୁନିଆ ବଡ଼ ହୋଇଯାଏ, ଯଦ୍ୱାରା ଆମେ କେବଳ ନିଜର ବା ପରିବାରର ହିତ ସାଧନ ପର୍ଯ୍ୟନ୍ତ ସୀମିତ ରହି ନ ଥାଉ, ବରଂ ସମ୍ପୂର୍ଣ୍ଣ ସଂସାରକୁ ହିଁ ନିଜର ପରିବାର ମାନି ତାହାର କଲ୍ୟାଣରେ ଲାଗିପଡୁ । ଫଳସ୍ୱରୂପ ଆମେ ସଂକୀର୍ଣ୍ଣତାରୁ ଉଦାରତା ଆଡ଼କୁ ବଢ଼ିଚାଲୁ । ଆମର ଆର୍ଥିକ ବିସ୍ତାର ହେବାରେ ଲାଗେ ଦାନର ଆରମ୍ଭ କାହାକୁ କିଛି ଦେବାରୁ ହୋଇଥାଏ ଏବଂ ଏହା ଏକ ଅତ୍ୟନ୍ତ ସାଧାରଣ କ୍ରିୟା ଜଣାପଡ଼େ, କିନ୍ତୁ ଏହା ସାଧାରଣ ଦେଖାଗଲେ ବି ଅସାଧାରଣ ଅଟେ । କାରଣ ଦାନ ବ୍ୟକ୍ତି ମଧରେ ଦେବାର ପ୍ରବୃତ୍ତି ଉତ୍ପନ୍ନ କରିଥାଏ, ଦାନ ଦେଉ ଦେଉ ବ୍ୟକ୍ତି ମଧରେ ଦେବତ୍ୱର ପ୍ରବୃତ୍ତି ଜନ୍ମ ନେବାରେ ଲାଗେ । ଯାହାର ଆରମ୍ଭ ଆମେ ପୁଣ୍ୟ ପାଇବା ବଦଳରେ କିଛି ପାଇବାର ଆଶାରୁ ଆରମ୍ଭ କରିଥାଉ, ତାହା କାଳାନ୍ତରରେ ଆମର ସ୍ୱଭାବ ହୋଇଯାଏ । ଆମ ଭିତରେ ଯେଉଁ ସଂକୀର୍ଣ୍ଣତା ଥାଏ, ସ୍ୱାର୍ଥପରତା ଥାଏ, ତାହା ଦେବାର ଅଭ୍ୟାସ ଦ୍ୱାରା ଧୀରେ ଧୀରେ ଦୂର ହେବାରେ ଲାଗେ, ସମାପ୍ତ ହେବାରେ ଲାଗେ ଏବଂ ଆମ ଭିତରେ ଦେବତ୍ୱର ଅବିରଳ ଧାରା ପ୍ରବାହିତ ହୋଇଥାଏ ।

ଯେପରି ନଦୀ ମଝିରେ ଥିବା ବଡ଼ ବଡ଼ ଚଟାଣ ହଟିଯିବା ମାତ୍ରେ ଜଳର ପ୍ରବାହ ଉଛୁଳି ପଡ଼େ, ସେହିପରି ଦାନ ଦେଉ ଦେଉ ଆମ ଭିତରେ ପ୍ରେମର ପ୍ରବାହ ଉଛୁଳି ଉଠେ, ସେତେବେଳେ ଆମ ପାଇଁ କାହାରିକୁ କିଛି ଦେବା କୌଣସି ସାଧାରଣ କ୍ରିୟା ମାତ୍ର ହୋଇ ରହିଯାଏ ନାହିଁ, ବରଂ ଦେବା ହିଁ ଆମର ସ୍ୱଭାବ ହୋଇଯାଏ, ଆମର ସଂସ୍କାର ହୋଇଯାଏ । କାହାର ଅଶ୍ରୁ ପୋଛି, ତା'ର ଆଖିରେ ଆସିଥିବା ଚମକକୁ ଦେଖି, ତା'ର ମୃଦୁହାସକୁ ଦେଖି ମନେହୁଏ ଯେମିତି ଯାଚିକ ରୂପେ ସାକ୍ଷାତ୍ ନାରାୟଣ ହିଁ ମୃଦୁହାସ କରୁଛନ୍ତି ଏବଂ ସେ ଆମ ଦ୍ୱାରା ଅର୍ପିତ ଦାନକୁ ସାକ୍ଷାତ୍ ପ୍ରକଟ ହୋଇ ସ୍ୱୀକାର କରୁଛନ୍ତି । ସେତେବେଳେ ଆମର ଦାନ ଦେବା ମଧ ପୂର୍ବତଃ ନିଷ୍କାମ ହୋଇଯାଏ । ବାସ୍ତବରେ ଦାନରେ ଏପରି ନିଷ୍କାମତା ହିଁ ସର୍ବବ୍ୟାପୀ ପରମାତ୍ମାଙ୍କର ପ୍ରକୃତ ପୂଜା ଅଟେ । ପ୍ରାରମ୍ଭରେ ଦାନ ଦେବା ବେଳେ ମନେହୁଏ ଆମେ କାହା ପ୍ରତି ଉପକାର କରୁଛେ, କିନ୍ତୁ ନିଷ୍କାମତା ଆସିଯିବା ପରେ ମନେହୁଏ 'ମୁଁ' ବିଲକୁଲ ରହି ନାହିଁ, ବରଂ ଯେଉଁମାନେ ମୋର ଦାନ ସ୍ୱୀକାର କରୁଛନ୍ତି, ସେମାନେ ମୋର ବସ୍ତୁକୁ, ମୋର ପୂଜାକୁ, ମୋର ପ୍ରତିଭାକୁ ସ୍ୱୀକାର କରି ମୋ ଉପରେ ବହୁତ ବଡ଼ ଉପକାର କରୁଛନ୍ତି, କାରଣ ତାଙ୍କ ଯୋଗୁଁ ହିଁ ମୋ ମନର ମଳିନତା ସମାପ୍ତ ହେଉଛି । ଚିତ୍ତ ଶୁଦ୍ଧ ହେଉଛି ।

ଏପରି ସ୍ଥିତିରେ ମନରେ ଭାବ ଉଛୁଳି ଥାଏ ଯେ ନରରୁ ନାରାୟଣ ହେବା ଦିଗରେ ଅଗ୍ରସର ହେବି । ମୁଁ ନିଜ ଭିତରେ କରୁଣା, ପ୍ରେମ ଓ ସମ୍ବେଦନାର ଉଦବେଳିତ ସାଗରରେ ଆନନ୍ଦିତ ହୋଇ ଚାଲିବି । ସେତେବେଳେ ମନେହୁଏ ମୋର ସେବା-ସହାୟତାକୁ ମନୁଷ୍ୟ ରୂପେ ସାକ୍ଷାତ୍ ନାରାୟଣ ହିଁ ସ୍ୱୀକାର କରୁଛନ୍ତି, କାରଣ ଏହି ସମ୍ପୂର୍ଣ୍ଣ ବିଶ୍ୱବ୍ରହ୍ମାଣ୍ଡ ହିଁ ସର୍ବବ୍ୟାପୀ ପରମାତ୍ମାଙ୍କର ରୂପ ।

ଏଣୁ ବ୍ରହ୍ମାଣ୍ଡରେ କରାଯାଇଥିବା କାହାର ସେବା – ସହାୟତା ମଧ ସାକ୍ଷାତ୍ ଈଶ୍ୱରଙ୍କର ହିଁ ପୂଜା ଅଟେ । ସେଥି ପାଇଁ ଆମେ ସେମାନଙ୍କର ଋଣୀ ହେବା ଉଚିତ, ଯେଉଁମାନେ ଆମର ସେବା ସ୍ୱୀକାର କରନ୍ତି ଏବଂ ଆମ ପାଇଁ ମୁକ୍ତି ଓ ଆନନ୍ଦର ମାର୍ଗ ପ୍ରଶସ୍ତ କରନ୍ତି । ପୁଣି ସଂସାରରେ ଯାହା ବି ଅଛି, ସେସବୁ ତ ଭଗବାନଙ୍କର । ତେଣୁ ଆମେ ସଂସାରରୁ ପାଇଥିବା କୌଣସି ବସ୍ତୁ ସଂସାରକୁ ହିଁ ଅର୍ପଣ କରି ନିଜ ପାଇଁ କୌଣସି ମାନ-ବଡ଼େଇ କାହିଁକି ଚାହିଁବା ?

ଜଣେ ରାଜା ମଧ ଏହିପରି ଦିବ୍ୟ ଭାବନାର ସହିତ ପ୍ରତିଦିନ ଲୋକମାନଙ୍କୁ ଦାନ ଦେଉଥିଲେ, କିନ୍ତୁ ଦାନ ଦେବା ସମୟରେ ରାଜା ନିଜର ଦୃଷ୍ଟି ତଳକୁ କରି ଦେଉଥିଲେ । ଥରେ ଜଣେ ବ୍ୟକ୍ତି ପଚାରିଲା- 'ରାଜନ ! ଆପଣ ଦାନ ଦେବା ସମୟରେ ନିଜର ଦୃଷ୍ଟି କାହିଁକି ତଳକୁ କରୁଛନ୍ତି ? ରାଜା କହିଲେ 'ଯେତେବେଳେ ମୁଁ କାହାକୁ ଦାନ ଦିଏ ତ ଲୋକେ ମୋର ଜୟ ଜୟକାର କରନ୍ତି । ବୋଧହୁଏ ସେମାନେ ଭାବୁଛନ୍ତି ଯେ ସେମାନଙ୍କୁ ଦାନ ମୁଁ ଦେଉଛି, କିନ୍ତୁ ସତ କଥା ହେଲା ମୋ ପାଖରେ ଯାହା ବି ଅଛି, ସବୁ ଭଗବାନଙ୍କର ଦାନ, ସେଥିପାଇଁ ଭଗବାନ ହିଁ ପ୍ରକୃତ ଦାତା, ମୁଁ ନୁହେଁ, ମୁଁ ତ ନିମିତ୍ତ ମାତ୍ର । ତେଣୁ ଲୋକଙ୍କ ମୁଖରୁ ନିଜର ଜୟ ଜୟକାର ଶୁଣି ମୋତେ ଲାଜ ଲାଗୁଛି ଓ ମୋର ଦୃଷ୍ଟି ତଳକୁ ହୋଇଯାଉଛି । ବାସ୍ତବରେ ଏହା ବଡ଼ ଉଦାର ଭାବନା ଏଭଳି ଭାବନାର ସହିତ କରାଯାଇଥିବା ଦାନ ହିଁ ସର୍ବଶ୍ରେଷ୍ଠ ଦାନ ଏବଂ ଦାତା ପାଇଁ ମୋକ୍ଷଦାୟକ, ମୁକ୍ତି ଦାୟକ, ଆନନ୍ଦଦାୟକ । ସେଥିପାଇଁ ତ ସ୍ୱାମୀ ବିବେକାନନ୍ଦ କହୁଥିଲେ 'ମୁଁ ସେହି ପ୍ରଭୁଙ୍କର ସେବକ, ଯାହାଙ୍କୁ ଅଜ୍ଞାନ ଲୋକେ ମନୁଷ୍ୟ କହନ୍ତି । ବାସ୍ତବରେ ଆମେ ମଧ ସମାଜ ରୂପୀ, ବିଶ୍ୱ ରୂପୀ ଈଶ୍ୱରଙ୍କ ସେବାରେ ନିଜର ସମୟ, ଶ୍ରମ, ପ୍ରତିଭା, ଧନ ଆଦିର ଅର୍ପଣ, ସମର୍ପଣ, ବିସର୍ଜନ କରିବା ଉଚିତ । ଏହା ଆମ ପାଇଁ ଅଭୀଷ୍ଟ, ଆନନ୍ଦଦାୟକ ଓ କଲ୍ୟାଣକାରୀ ଆସନ୍ତୁ ଆମେ ମଧ ଅଗ୍ରସର ହେବା ଦାନରୁ ଦେବତ୍ୱ ଦିଗରେ ।

## ମାନବୀୟ ସଂଘର୍ଷ

**ସୁକାନ୍ତି ଗଡ଼ତିଆ**

ମାନବ ଜୀବନର ପ୍ରତିବିମ୍ବ
ଉଭାସିତ ହୁଏ
ମନ ଓ ଦେହର ଶାରୀରିକ ସ୍ତରରେ
ପ୍ରତିଫଳିତ ହୁଏ ଜୀବନର ପ୍ରତିଟି କ୍ଷଣ ।
ଜୀବନକୁ ହସ ଖୁସିରେ ବିତାଇବା ପାଇଁ
ହସ ଖୁସିର ଜୁଆର
ପ୍ରତିଟି କ୍ଷଣରେ ପ୍ରତିଘାତ ହୁଏ ।
ମାନବ ଜୀବନର ପ୍ରତିଟି ମୁହୂର୍ତ୍ତରେ
ଜାଣିହୁଏ ମଣିଷ ମନର ଜୁଆର
ଘାତ ପ୍ରତିଘାତ ମଧରେ
ବାଡେଇ ହୋଇଯାଏ ଅନବରତ ଭାବରେ ।
ଆଉ ଟାଣି ନିଏ ମଣିଷକୁ
ନିରନ୍ତର ଭାବନାରେ
ଯାହାର ଥଳ କୂଳ ପାଏ ନାହିଁ ।
ମଣିଷ ନିଜର ସତ୍ତା ମାଧମରେ
ବଞ୍ଚିବାକୁ ହେବ
ଅହରହ ଜୀବନ ସଂଗ୍ରାମ ପାଚେରୀରେ
ଏଇତ ମଣିଷ ଜୀବନର ପ୍ରତିଟି ସ୍ମୃତି ।
ପ୍ରତିଟି ମୁହୂର୍ତ୍ତ ମାନବୀୟ ସଂଘର୍ଷ ପରିଧିରେ
ମଣିଷ ବଞ୍ଚିବାକୁ ଚାହେଁ
ଜୀବନ ସଂଗ୍ରାମର ଅହରହ ସଂଘର୍ଷରେ
କାରଣ ଏଇତ ଜୀବନ ସଂଘର୍ଷର ମାନବୀୟ ପ୍ରତୀକ ।

ଫାଟକ, ସମ୍ବଲପୁର

## ପୂର୍ବତନ ବିଧାୟକ ରାଜୀବ... (ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ)

ଶ୍ରୀ ହୋତା ୧୯୩୫ ମସିହା ମାର୍ଚ୍ଚ ୨୩ ତାରିଖରେ ମାତୃଳାଳୟ ତତ୍କାଳୀନ ମଧ୍ୟପ୍ରଦେଶ ଅନ୍ତର୍ଗତ ସାରଙ୍ଗଗଡର ବଡେ ମଠରେ ପିତା ନାରାୟଣ ହୋତା ଓ ମାତା ରୁକ୍ମିଣୀ ଦେବୀଙ୍କ ଦ୍ୱିତୀୟ ପୁତ୍ର ହିସାବରେ କୋଳ ମଣ୍ଡନ କରିଥିଲେ । ତାଙ୍କ ପୈତୃକ ଗ୍ରାମ ଅଜିତପୁର ଶାସନରୁ ବାପା ସ୍ଥାନାନ୍ତର ହୋଇ ଅବିଭକ୍ତ ସମ୍ବଲପୁର ଜିଲ୍ଲାର ବରଗଡ ସବଡିଭିଜନ ଭେଡେନ ବ୍ଲକର କମଗାଁରେ ବସବାସ କରୁଥିଲେ । କମଗାଁରେ ପ୍ରାଥମିକ ଶିକ୍ଷା, ଧମାରେ ମଧ ଇଂରାଜୀ ଶିକ୍ଷା, ପ୍ରସିଦ୍ଧ ଲରମ୍ବା ଉଚ୍ଚ ବିଦ୍ୟାଳୟରେ ହାଇସ୍କୁଲ ଶିକ୍ଷା ଓ ଗଙ୍ଗାଧର ମେହେର ମହାବିଦ୍ୟାଳୟରେ ଆଇ.ଏ ପ୍ରଥମ ବର୍ଷ ଶିକ୍ଷା ସମାପନ କରି ବଙ୍ଗଳା, ସଂସ୍କୃତ, ଇଂରାଜୀ ଓ ଓଡ଼ିଆ ଭାଷାରେ ପାଣ୍ଡିତ୍ୟ ଅର୍ଜନ କରିଥିଲେ । ହୀରାକୁଦ ବନ୍ଧ ନିର୍ମାଣ ସମୟରେ ନନ ଗେଜେଟେଡ ତହସିଲଦାର ପଦକୁ ପ୍ରତ୍ୟାଖ୍ୟାନ କରି କବିତୀର୍ଥ ବରପାଲିକୁ ୧୯୫୮ରେ ଆସିଥିଲେ । ୧୯୬୦ ମସିହାରେ ସ୍ୱର୍ଗତ ଧନଞ୍ଜୟ ମେହେରଙ୍କ ସଭାପତିତ୍ୱରେ ଏକ ବଡ଼ ସଭାରେ ବରପାଲିର ନାମ କବି ଗଙ୍ଗାଧର ମେହେରଙ୍କ ନାମରେ ଗଙ୍ଗାଧର ନଗର ହେଉ ବୋଲି ପ୍ରସ୍ତାବ ଦେଇଥିଲେ । ତତ୍କାଳୀନ ସରକାରୀ ଉଚ୍ଚ ବିଦ୍ୟାଳୟର ନାମ ଗଙ୍ଗାଧର ମେହେର ହାଇସ୍କୁଲ ହେଉ ବୋଲି ଉଦ୍ୟମ କରି ବିଫଳ ହେବାରୁ ୧୯୬୨ରେ ବ୍ଲକ ଚେୟାରମେନ ହେଲା ପରେ ସେହି ବର୍ଷ ଗଙ୍ଗାଧର ଉପ୍ରାସ୍କୁଲ, ୧୯୬୮ରେ ଗଙ୍ଗାଧର ମିଇ ସ୍କୁଲ ୧୯୭୧ରେ ଗଙ୍ଗାଧର ଏନ୍.ଏସି ହାଇସ୍କୁଲ ନିର୍ମାଣ କରିଥିଲେ । ୧୯୬୨ରେ ଗଙ୍ଗାଧର ଜନ୍ମ ଶତବାର୍ଷିକୀ ୭ ଦିନ ଧରି ପାଳିତ ହୋଇଥିଲା । ଏହି ସମୟରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ଅତିଥି ଭାବେ ଆସି ଗଙ୍ଗାଧରଙ୍କ ଜନ୍ମଗୃହକୁ ଜାତୀୟକରଣ ଘୋଷଣା କରିଥିଲେ । ୧୯୬୨ରେ ବରପାଲି ବ୍ଲକର ଶ୍ରେଷ୍ଠ ଚେୟାରମେନ ରୂପେ ବରପାଲିକୁ ବିଦ୍ୟୁତ ଯୋଗାଣ କରାଇଥିଲେ । ୧୯୭୦ରୁ ୧୯୭୪ ଜିଲ୍ଲା କଂଗ୍ରେସ ସାଧାରଣ ସଂପାଦକ ଥିଲେ । ୧୯୭୭ରୁ ୧୯୮୦ ଜିଲ୍ଲା କଂଗ୍ରେସ ଉପ ସଭାପତି ଦାୟିତ୍ୱ ତୁଲାଇଥିଲେ । ୧୯୮୧ରୁ ୧୯୮୪ ପର୍ଯ୍ୟନ୍ତ ଜିଲ୍ଲା କଂଗ୍ରେସ ସଭାପତି ଥାଇ ବହୁ ନେତାଙ୍କୁ ବିଧାୟକ ଟିକଟ ଦେଇଥିଲେ । ୧୯୮୦ରୁ ୧୯୮୫ ପର୍ଯ୍ୟନ୍ତ କଂଗ୍ରେସ ଦଳର ବିଜେପୁର ବିଧାୟକ ହୋଇଥିଲେ । ବାରଙ୍ଗପାଲି ରାଞ୍ଜନଈରେ ପୋଲ, ବାଦିପାଲି ଘେଁସାଲି ନଈ ପୋଲ, ଭଟିଗାଁ ଉତାଲୀ ନଦୀ ପୋଲ , ଲାଉମୁଣ୍ଡା ପୋଲ, ଆଗଲପୁର ଡାକ୍ତରଖାନା ପ୍ରତିଷ୍ଠା ତାଙ୍କ ଉଦ୍ୟମରୁ ହୋଇଛି । ବରପାଲିର କବ୍ଜା ଓ ବାଲଟି କାରଖାନା, ଶୀତଳଭଣ୍ଡାର, ଆଖୁକାରଖାନା, କାଠ ଓ ଆଇରନ ଇଣ୍ଡଷ୍ଟ୍ରି, କଟାପାଲିର ଆଲୁମିନିୟମ ବାସନ କାରଖାନା ଆଦି ବହୁ କୁଟୀର ଶିଳ୍ପ ତାଙ୍କ ପୃଷ୍ଠପୋଷକତାରୁ ପ୍ରତିଷ୍ଠିତ ହୋଇପାରିଛି । ବରପାଲିରେ ଗରିବ ପିଲାଙ୍କ ଇଂରାଜୀ ଶିକ୍ଷା ନିମନ୍ତେ ଜୟହିନ୍ଦ ଇଂଲିଶ ମିଡ଼ିଅମ ସ୍କୁଲ, ଭେଷଜ ଶିକ୍ଷାର ପ୍ରସାର ପାଇଁ ବରପାଲି ଫାର୍ମାସ୍ୟୁଟିକାଲ କଲେଜ ସ୍ଥାପନ କରିଥିଲେ । ମାର୍କଫେଡ ଚେୟାରମେନ ଥିବା ବେଳେ ସ୍ଥାନୀୟ ନିଯୁକ୍ତିକୁ ଗୁରୁତ୍ୱ ଦେଇଥିଲେ । ଶ୍ରୀ ହୋତାଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ପୂର୍ବତନ ମୁଖ୍ୟମନ୍ତ୍ରୀ ହେମାନନ୍ଦ ବିଶ୍ୱାଳ, ମନ୍ତ୍ରୀ ସୁଶାନ୍ତ ସିଂ, ପୂର୍ବତନ ମନ୍ତ୍ରୀ ପ୍ରକାଶ ଚନ୍ଦ୍ର ଦେବତା ଓ ରିପୁନାଥ ସେଠ, ପୂର୍ବତନ ସାଂସଦ ପ୍ରଭାସ ସିଂଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକ ପ୍ରକାଶ କରିଛନ୍ତି ।

## ଏନଏସ୍‌ସିବି ମହାବିଦ୍ୟାଳୟରେ ନେତାଜୀ ଏବଂ ବୀର ସୁରେନ୍ଦ୍ର ସାଏ ଜୟନ୍ତୀ

ସମ୍ବଲପୁର : ନେତାଜୀ ସୁବାଷ ଚନ୍ଦ୍ର ବୋଷ ଏବଂ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ଏନଏସସିବି ମହାବିଦ୍ୟାଳୟରେ ଗୁଗୁଲମିଟ୍ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ଅଧକ୍ଷ ଡକ୍ଟର ଶ୍ୟାମ ଭୋଇଙ୍କ ଅଧକ୍ଷତାରେ ଆୟୋଜିତ ଉତ୍ସବରେ ଡକ୍ଟର କାମଦେବ ସାହୁ ମୁଖ୍ୟ ଅତିଥି ଓ ଶିବ ଶଙ୍କର ନନ୍ଦ ମୁଖ୍ୟବକ୍ତା ରୂପେ ଯୋଗ ଦେଇଥିଲେ । ବରିଷ୍ଠ ପ୍ରାଧ୍ୟାପକ ଦୁର୍ଲଭ କୁମାର ସା ଅତିଥିମାନଙ୍କ ପରିଚୟ ପ୍ରଦାନ, ରସାୟନ ବିଭାଗର ଅଧାପକ ସନ୍ତୋଷ ରଞ୍ଜନ ବେହେରା ପ୍ରାରମ୍ଭିକ ସଂଗୀତ ପରିବେଷଣ, ଇଂରାଜୀ ବିଭାଗର ଦ୍ୱିତୀୟ ବର୍ଷ ଛାତ୍ର ସୌରଭ ଷଡ଼ଙ୍ଗୀ ସମାପ୍ତି ସଂଗୀତ ପରିବେଷଣ କରିଥିଲେ । ଇଂରାଜୀ ବିଭାଗର ଅଧାପକ ହରିହର ମଲ୍ଲିକ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ଇତିହାସ ବିଭାଗର ଅଧାପକ ଡକ୍ଟର ରଘୁମଣୀ ନାଏକ ଧନ୍ୟବାଦ ପ୍ରଦାନ କରିଥିଲେ ।

## ଦାଶରଥୀ ବେହେରାଙ୍କ ପିତୃ ବିୟୋଗ

ସମ୍ବଲପୁର : ହିନ୍ଦୀ ଦୈନିକ 'ନବ ଭାରତ'ର ବ୍ୟୁରୋ ଡକ୍ଟର ଦାଶରଥୀ ବେହେରାଙ୍କ ପିତା ଜଗନ୍ନାଥ ବେହେରାଙ୍କ ଗତ ୨୨ ତାରିଖ ଦିନ ପରଲୋକ ହୋଇଯାଇଛି । ସେ ଜଣେ ଧର୍ମପରାୟଣ ବ୍ୟକ୍ତି ଥିଲେ ।

## ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ଗଣତନ୍ତ୍ର ଦିବସ ପାଳିତ

ସମ୍ବଲପୁର: ବିବେକାନନ୍ଦ ଶିକ୍ଷା କେନ୍ଦ୍ର, ସମ୍ବଲପୁର ପକ୍ଷରୁ ସ୍ଥାନୀୟ କାନିଜୁରୀ, ଦୁର୍ଗାପାଲି ଠାରେ ୭୩ତମ ସାଧାରଣତନ୍ତ୍ର ଦିବସ କୋଭିଡ୍ କଟକଣା ମଧ୍ୟରେ ସରଳ ଓ ନିରାଡ଼ମ୍ବର ଭାବରେ ପାଳିତ ହୋଇ ଯାଇଛି । ବିବେକାନନ୍ଦ ଶିକ୍ଷା କେନ୍ଦ୍ରର ଅଧକ୍ଷା ଶ୍ରୀମତୀ ବବିତା ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ରାଷ୍ଟ୍ରୀୟ ଉତ୍ସବରେ ସମାଜସେବୀ କାର୍ତ୍ତିକ ପ୍ରସାଦ ବହିଦାର୍ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି ଜାତୀୟ ପତାକା ଉତ୍ତୋଳନ କରି ଉଦ୍‌ବୋଧନ ଦେଇଥିଲେ । ଏଥିରେ ସମାଜ ସେବିକା ଏଡ଼ଭୋକେଟ ସ୍ନେହଲତା କୁମାରୀ ଦେବୀ ଏବଂ ବରିଷ୍ଠ ଶିକ୍ଷୟିତ୍ରୀ ଶ୍ରୀମତୀ ବବିତା ରାୟ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ମାନଙ୍କ ସମେତ ସ୍ଥାନୀୟ ଅଂଚଳର ସାମାଜିକ କର୍ମୀ ଆର୍ତ୍ତବନ୍ଧୁ ଚାନ୍ଦ, ଜନାର୍ଦ୍ଦନ ମେହେର, କୁବେର ମେହେର, ଶିକ୍ଷୟିତ୍ରୀ ପ୍ରତିଭା ରାଣୀ ବେହେରା, ପୂର୍ଣ୍ଣିମା ହୋତା, ତୃପ୍ତି ମାଝି, ହିମାଳୟା ମହଲା ପ୍ରମୁଖ ଯୋଗ ଦେଇଥିଲେ । ଏହି ଜାତୀୟ ଉତ୍ସବରେ ଯୋଗଦାନ କରି ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ । ଶେଷରେ ଶିକ୍ଷୟିତ୍ରୀ ତୃପ୍ତି ମାଝୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିବା ପରେ ଉପସ୍ଥିତ ସମସ୍ତଙ୍କ ମଧ୍ୟରେ ମିଷ୍ଟାନ୍ନ ବଣ୍ଟନ କରା ଯାଇଥିଲା ।

## ମହାପୁରୁଷ ଙ୍କ ପ୍ରତିମୂର୍ତ୍ତିରେ ଜିଲ୍ଲା ପ୍ରଶାସନ ତରଫରୁ ପୁଷ୍ପମାଲ୍ୟ ଅର୍ପଣ

ସମ୍ବଲପୁର: ପବିତ୍ର ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ସମ୍ବଲପୁର ସହରରେ ଅବସ୍ଥାପିତ ବିଭିନ୍ନ ପ୍ରତିମୂର୍ତ୍ତି ଗୁଡିକରେ ପ୍ରଶାସନ ତରଫରୁ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ପ୍ରଥମେ ସହିଦ ସ୍ତମ୍ଭ, ଭତରାର ଗାନ୍ଧୀ ମନ୍ଦିର, କମିଶ ନର କଲୋନୀର ଗାନ୍ଧୀ ମୂର୍ତ୍ତି ଏବଂ ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ଜିଲ୍ଲାପାଳ ଶ୍ରୀ ଦିବ୍ୟଜ୍ୟୋତି ପରିଡା, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଏବଂ ସାଧାରଣ, ଉମାକାନ୍ତ ରାଜ ଓ ଅଜୟର ମହାନ୍ତି, ପିଡି ଡିଆରଡିଏ ଦିଲ୍ଲିପ କୁମାର ବଳ, ମହାନଗର ନିଗମ କମିଶନର ପ୍ରଦୀପ କୁମାର ସାହୁ, ଉପଜିଲ୍ଲାପାଳ ସଦର ମୟୁର ସୂର୍ଯ୍ୟବଂଶୀ ବିକାଶ ପୁଷ୍ପମାଲ୍ୟ ଅର୍ପଣ କରିଛନ୍ତି । ପରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଶ୍ରୀ ଉମାକାନ୍ତ ରାଜ ଡ. ପର୍ଶୁରାମ ମିଶ୍ର ଭୁତାପଡ଼ା, ପଣ୍ଡିତ ଗୋପବନ୍ଧୁ ଦାସ ସେନପାର୍କ ଓ ଡ. ଏ. ପି ଜେ ଅବଦୁଲ କାଲାମ ଜିଲ୍ଲା ସ୍କୁଲ ପ୍ରତିମୂର୍ତ୍ତି ଗୁଡିକରେ ପୁଷ୍ପମାଲ୍ୟ ଅର୍ପଣ କରିଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ ସାଧାରଣ ଗଙ୍ଗାଧର ମେହେର, ଜି. ଏମ କଲେଜ, ସନ୍ଥ କବି ଭୀମ ଭୋଇ ମଣ୍ଡପ ଓ ଉଲଗୁଲାଣ ସ୍ମାରକୀ ସହିଦ ସ୍ତମ୍ଭ, ପିଡି ଡିଆରଡିଏ ପ୍ରଦୀପ କୁମାର ବଳ ଗୋଲ ବଜାର ଛକରେ ଅବସ୍ଥାପିତ ସହିଦ ଭଗତ ସିଂ, ଚନ୍ଦ୍ରଶେଖର ଆଜାଦ, ଜୟଦେବ, ମୋଦିପଡା ଛକରେ ଥିବା ଡ. ଭୀମ ରାଓ ଆମ୍ବେଦକର ଓ ଲକ୍ଷ୍ମୀନାରାୟଣ ଛକରେ ଥିବା ପଣ୍ଡିତ ଲକ୍ଷ୍ମୀ ନାରାୟଣ ମିଶ୍ର, ମହାନଗର ନିଗମ କମିଶନର ଶ୍ରୀ ପ୍ରଦୀପ କୁମାର ସାହୁ ଅଇଁଠାପାଲି ଛକ ରେ ଥିବା ବୀର ସୁରେନ୍ଦ୍ର ସାଏ, ବିର୍ସା ମୁଣ୍ଡା ଓ ରେମେଡ଼ ଛକରେ ଥିବା ବିଜୁ ପଟ୍ଟନାୟକ ପ୍ରତିମୂର୍ତ୍ତି ଏବଂ ସଦର ଉପଜିଲ୍ଲାପାଳ ମୟୁର ସୂର୍ଯ୍ୟବଂଶୀ ବିକାଶ ବାଲିବନ୍ଧା ନିକଟରେ ସୈରେନ୍ଦ୍ରୀ ନାୟକ, ସ୍ୱାଧୀନତା ସଂଗ୍ରାମୀ ଭାଗିରଥୀ ପଟ୍ଟନାୟକ, ଡ଼. ଜନାର୍ଦ୍ଦନ ପୁଝାରୀ ଓ ନୃସିଂହ ଗୁରୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ ।

## ଝାରସୁଗୁଡ଼ା ଡିଏଭି ସ୍କୁଲରେ ଉଡ଼ିଲା ତ୍ରିରଙ୍ଗା

ଝାରସୁଗୁଡ଼ା: ସ୍ଥାନୀୟ ଡିଏଭି ପବ୍ଲିକ୍ ସ୍କୁଲରେ ୭୩ ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇ ଯାଇଛି । କୁଚିଣ୍ଡା ମହାବିଦ୍ୟାଳୟରୁ ଅବସରପ୍ରାପ୍ତ ଅଧକ୍ଷ ଡ. ସୁଦର୍ଶନ ପାଣିଗ୍ରାହୀ ଏଥିରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ପରିଚାଳନା ସମିତି ସଭ୍ୟ ତଥା ଶିକ୍ଷାବିତ ଗୌରୀଶଙ୍କର ତିୱାରୀ, ପରିଚାଳନା ସମିତି ସଭ୍ୟ ତଥା ଆଇନଜୀବୀ ତାପସ ରାୟ ଚୌଧୁରୀ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ । ବିଦ୍ୟାଳୟର ଅଧକ୍ଷ ପ୍ରଶାନ୍ତ କୁମାର ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ । ସୁପରଭାଇଜର ଏମ.ଭି.ଏଲ.ଏନ. ରାଓ ଶପଥ ପାଠ କରାଇବାବେଳେ ପିଇଟି ତଥା ସ୍କାଉଟ ମାଷ୍ଟର ବିଜୟ କୁମାର ଦାଶ ନାରାବାଜି କରାଇଥିଲେ । ଶିକ୍ଷୟିତ୍ରୀ ଅର୍ପଣା ଦେ ମଞ୍ଚସଞ୍ଚାଳନ କରିଥିବାବେଳେ ଶିକ୍ଷକ ଅଲେଖ ବିହାରୀ ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଶିକ୍ଷୟିତ୍ରୀ ଡ. ମଞ୍ଜୁଶ୍ରୀ ବେଦୁଲା ଓ ଏକାଦଶ ଶ୍ରେଣୀର ଛାତ୍ରୀ ପ୍ରେକ୍ଷା ଶର୍ମା ଗଣତନ୍ତ୍ର ଦିବସ ପାଳନ ସନ୍ଦର୍ଭରେ ନିଜ ନିଜ ବିଚାର ବ୍ୟକ୍ତ କରିଥିଲେ । କୋଭିଡ୍ ସତର୍କତାମୂଳକ ନିୟମ ପାଳନ ସହିତ ଛାତ୍ରଛାତ୍ରୀ ଓ ଅଭିଭାବକବୃନ୍ଦ ଫେସବୁକ ଓ ୟୁଟ୍ୟୁବ ଲିଙ୍କ ମାଧ୍ୟମରେ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ ।

## ଦୟାମଣି ବୃଦ୍ଧାଶ୍ରମରେ ଗଣତନ୍ତ୍ର ଦିବସ ପାଳିତ

ସମ୍ବଲପୁର : ସ୍ଥାନୀୟ ଦୁର୍ଗାପାଲି ସ୍ଥିତ ଦୟାମଣି ବୃଦ୍ଧାଶ୍ରମରେ ଗଣତନ୍ତ୍ର ଦିବସ ପାଳିତ ହୋଇଯାଇଛି । ଡାକ୍ତର ଲକ୍ଷ୍ମୀନାରାୟଣ ରଥ ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ କରି ଉଦବୋଧନ ଦେଇଥିଲେ । ବୃଦ୍ଧାଶ୍ରମର ଅଧକ୍ଷା ସୁଶ୍ରୀ ପ୍ରମିଳା ବହିଦାର ମଧ ଏଥିରେ ଉଦବୋଧନ ଦେଇଥିଲେ । ଅନ୍ୟାନ୍ୟମାନଙ୍କ ମଧ୍ୟରେ ଆଡଭୋକେଟ ଅଶୋକ ସେନାପତି, ପ୍ରମୋଦ ଦୋରା, ଶ୍ରୀକାନ୍ତ ପାଣିଗ୍ରାହୀ, ବାବାଜି ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

**ଗ୍ରାହକମାନଙ୍କ ପାଇଁ ବିଶେଷ ସୂଚନା**

ସାପ୍ତାହିକ 'ସ୍ୱୀକାର' ନେବା ପାଇଁ ଆଗ୍ରହୀ ଗ୍ରାହକମାନେ ତାଙ୍କର ଦେୟ କାନାରା ବ୍ୟାଙ୍କ ସମ୍ବଲପୁର ଶାଖାର ଏକାଉଣ୍ଟ ନମ୍ବର ୦୧୮୫୨୦୧୦୨୧୫୩୮, ଆଇଏଫସି କୋଡ- ସିଏନଆର୍‌ବି ୦୦୦୦୧୮୫ ରେ ଏନଇଏଫଟି, ଆରଟିଜିଏସ୍ ମାଧ୍ୟମରେ ଜମା କରି ପାରିବେ ।

**Subscription Rate of The Sweekar**

| | | |
|---|---|---|
| Life Member | - | Rs.5000.00 |
| Annual | - | Rs. 500.00 |
| Half-yearly | - | Rs. 250.00 |
| Quarterly | - | Rs. 120.00 |

**Advertisement Tariff of The Sweekar**

| | | |
|---|---|---|
| Full Page | - | Rs. 2,00,000.00 |
| Half Page | - | Rs. 1,00,000.00 |
| Quarter Page | - | Rs. 50,000.00 |

Colour Advertisement - 100% Extra

# ସମ୍ବଲପୁରୀ ଆଞ୍ଚଳିକ ସମ୍ବାଦ ବିଭାଗର ସପ୍ତମ ପ୍ରତିଷ୍ଠା ଦିବସ ପାଳିତ













































ସମ୍ବଲପୁର: ସମ୍ବଲପୁର ଆକାଶବାଣୀ କେନ୍ଦ୍ରର ସମ୍ବଲପୁରୀ ଆଞ୍ଚଳିକ ସମ୍ବାଦ ବିଭାଗର ସପ୍ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । କୋଭିଡ୍ କଟକଣା ମଧ୍ୟରେ ଆଞ୍ଚଳିକ ସମ୍ବାଦ ବିଭାଗର ମୁଖ୍ୟ ଡକ୍ଟର ସତ୍ୟନାରାୟଣ ପଟ୍ଟନାୟକଙ୍କ ଅଧ୍ୟକ୍ଷତା ତଥା ଅଧାପିକା ତେଜଶ୍ରୀ ମିଶ୍ରଙ୍କ ସଂଯୋଜନାରେ ଆୟୋଜିତ ଏହି ଉତ୍ସବରେ ସମ୍ବଲପୁର ଆକାଶବାଣୀର ଭାରପ୍ରାପ୍ତ ମୁଖ୍ୟ ରାଜ କିଶୋର ପଣ୍ଡା, କାର୍ଯ୍ୟକ୍ରମ ମୁଖ୍ୟ ମନୋଜ ପୂଜାରୀ, ଭାରତୀୟ ସୂଚନା ସେବାର ଅବସରପ୍ରାପ୍ତ ଉପ-ନିର୍ଦ୍ଦେଶକ ବସନ୍ତ କୁମାର ମାଝୀ, ବରିଷ୍ଠ ସାମ୍ବାଦିକ ହେମନ୍ତ କୁମାର ମହାପାତ୍ର, ଆକାଶବାଣୀ ରିକ୍ରିଏସନ କ୍ଲବର ସମ୍ପାଦକ କ୍ଷେତ୍ରମଣି ବିଭାର ସାମ୍ବାଦିକ ଶିବଶଙ୍କର ନନ୍ଦ ଓ ପ୍ରିୟରଞ୍ଜନ ବାବୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଅନ୍ୟାନ୍ୟମାନଙ୍କ ମଧ୍ୟରେ ଏମ୍.ଆର୍. କେ ରାଓ, ଦାମୋଦର ମେହେର, ଜ୍ୟୋତିପ୍ରକାଶ ସାହୁ ଓ ମୋହନ ସାହୁ ପ୍ରମୁଖ ମଧ୍ୟ ଭାଷଣ ଦେଇଥିଲେ । ନାଟ୍ୟକାର ଅତିଶ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ ।

ଏହି ଅବସରରେ ଆଞ୍ଚଳିକ ସମ୍ବାଦ ବିଭାଗ ପକ୍ଷରୁ ଚାଲିଥିବା ଆଜାଦୀ କା ଅମୃତ ମହୋତ୍ସବ ଆଧାରିତ ସାପ୍ତାହିକ କ୍ୱିଜ୍ ପ୍ରତିଯୋଗିତାର ୨୩ ଜଣ ବିଜେତାଙ୍କୁ ପୁରସ୍କାର ଓ ଟ୍ରଫି ଦିଆଯାଇଥିଲା । ପଶ୍ଚିମ ଓଡ଼ିଶାର ୧୦ ଟା ଜିଲ୍ଲାର ଶ୍ରୋତାଙ୍କ ସହ ପଡ଼ୋଶୀ ରାଜ୍ୟ ଛତିଶ୍‌ଗଡ଼ରୁ ମଧ ଶ୍ରୋତା ଓ ବିଜେତାମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ପୁରସ୍କାର ଗ୍ରହଣ କରିଥିଲେ । ଦେଶର ସ୍ୱାଧୀନତା ଆନ୍ଦୋଳନରେ ପଶ୍ଚିମ ଓଡ଼ିଶାର ସ୍ୱାଧୀନତା ସଂଗ୍ରାମୀମାନଙ୍କ ଅବଦାନ ସମ୍ବଳିତ ଏକ ସ୍ମରଣିକା ମଧ ଉନ୍ମୋଚିତ ହୋଇଥିଲା । ବିଶିଷ୍ଟ ସାହିତ୍ୟିକ, ଗବେଷକ ଏବଂ ଶିକ୍ଷାବିତମାନଙ୍କ ଦ୍ୱାରା ଲିଖିତ ଏହି ଅଞ୍ଚଳର ସ୍ୱାଧୀନତା ଆନ୍ଦୋଳନର ପୁରୋଧା ଓ ସଂଗ୍ରାମୀମାନଙ୍କ ଇତିହାସ ସମ୍ପର୍କିତ ଗବେଷଣାତ୍ମକ ଲେଖା ଗୁଡ଼ିକ ସ୍ମରଣିକାରେ ପ୍ରକାଶ ପାଇଛି । ଆଜାଦୀ କା ଅମୃତ ମହୋତ୍ସବ କ୍ୱିଜ ଚଳିତ ବର୍ଷ ଅଗଷ୍ଟ ମାସ ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ । ରାମ ନାରାୟଣ ବେହେରା, ସନ୍ତୋଷ କୁମାର ବିଶ୍ୱାଳ, ତର୍ପଣ ପ୍ରଧାନ, ଭାରତ ଗୌରବ ଦାଶ, ସୁପ୍ରୀତି ମିଶ୍ର, ତାପସ ରଂଜନ ସାହୁ, ମାନସୀ ନନ୍ଦ, ସୁନୀତା ପଣ୍ଡା ଓ ଆକାଶ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ବିପିସିଏଲର ପୂଜା ଧମାକାରେ ବୁର୍ଲାର ଦୁଇ ଜଣ ପାଇଲେ ପୁରସ୍କାର





ସମ୍ବଲପୁର : ଭାରତ ପେଟ୍ରୋଲିୟମ କର୍ପୋରେସନ ଲିମିଟେଡ (ବିପିସିଏଲ) ପକ୍ଷରୁ ପଶ୍ଚିମ ଓଡ଼ିଶାର ୧୨୫ ଟି ପେଟ୍ରୋଲ ପମ୍ପରେ ପୁଜା ଧମାକା ଆୟୋଜନ କରାଯାଇଥିଲା । ଗତ ଅକ୍ଟୋବର ୧ ତାରିଖରୁ ଡିସେମ୍ବର ଶେଷ ପର୍ଯ୍ୟନ୍ତ ଏହା କାର୍ଯ୍ୟକାରୀ କରାଯାଇ ପେଟ୍ରୋଲ, ଡିଜେଲ ଓ ଲୁବ୍ରିକେଣ୍ଟ କିଣୁଥିବା ଗ୍ରାହକଙ୍କୁ କୁପନ ଦିଆଯାଇଥିଲା । ଏଥିରେ ବିଜେତା ହୋଇଥିବା ହଜାରେ ଜଣଙ୍କୁ ପୁରସ୍କାର ଦିଆଯାଇଥିଲା । ସେମାନଙ୍କ ମଧ୍ୟରୁ ବୁର୍ଲାରେ ଥିବା ମୋହନଲାଲ ପଟେଲ ଏଣ୍ଡ କୋ ପେଟ୍ରୋଲ ପମ୍ପରେ ଟଙ୍କ ମାଝୀ ନାମକ ଜଣେ ବ୍ୟକ୍ତିଙ୍କୁ ମୋଟର ସାଇକଲ ଏବଂ କେଦାର ବେହେରା ନାମକ ଅନ୍ୟ ଜଣେ ଗ୍ରାହକଙ୍କୁ ରେଫ୍ରିଜିରେଟର ପୁରସ୍କାର ଦିଆ ଯାଇଥିଲା । ବିପିସିଏଲର ସେଲ୍ସ ମ୍ୟାନେଜର ଅଭିଷେକ ସିହ୍ନା ଏବଂ ସମ୍ବଲପୁର ଟେରିଟୋରୀର ଆସିଷ୍ଟାଣ୍ଟ ମ୍ୟାନେଜର ମୃଣାଲ ଭୂଷଣ ପେଟ୍ରୋଲ ପମ୍ପ ମାଲିକ ପ୍ରଦୀପ କୁମାର ପଟେଲ ଓ କୁନାଲ ପଟେଲ ଏହି ପୁରସ୍କାର ଦେଇଥିଲେ ।

# ସମ୍ବଲପୁର ବିଶ୍ୱବିଦ୍ୟାଳୟର ୫୫ତମ ପ୍ରତିଷ୍ଠା ଉତ୍ସବ ପାଳିତ

ବୁର୍ଲା : ସମ୍ବଲପୁର ବିଶ୍ୱବିଦ୍ୟାଳୟର ୫୫ ତମ ପ୍ରତିଷ୍ଠା ଦିବସ ଭର୍ଚୁଆଲ ମୋଡ଼ରେ ପାଳିତ ହୋଇଯାଇଛି । କୁଳପତି ପ୍ରଫେସର ସଞ୍ଜିବ ମିତ୍ତଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ପଶ୍ଚିମ ଓଡିଶା ବିକାଶ ପରିଷଦର ଅଧ୍ୟକ୍ଷ ତଥା ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ପରାମର୍ଶଦାତା ଅସିତ ତ୍ରିପାଠୀ ମୁଖ୍ୟ ଅତିଥି, ଉତ୍ତରାଞ୍ଚଳ ରାଜସ୍ୱ କମିଶନର ସୁରେଶ ଚନ୍ଦ୍ର ଦଳାଇ, ଆଇଆଇଏମ୍ ସମ୍ବଲପୁରର ନିର୍ଦ୍ଦେଶକ ପ୍ରଫେସର ମହାଦେଓ ପ୍ରସାଦ ଜୟସ୍ୱାଲ ଏବଂ ସମ୍ବଲପୁର ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ ।

ଏହି ଅବସରରେ ୨୦୨୦ ବର୍ଷ ପାଇଁ ଗଙ୍ଗାଧର ଜାତୀୟ ସମ୍ମାନରେ ଗୁଜୁରାଟି ଭାଷାର କବି ତଥା ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ କମଲ ଭୋରାଙ୍କୁ ସମ୍ମାନିତ କରାଯାଇଥିଲା । ସମ୍ମାନ ବାବଦକୁ ଅଙ୍ଗବସ୍ତ୍ର, ଟ୍ରଫି ସହିତ ୧ ଲକ୍ଷ ଟଙ୍କାର ନଗଦ ରାଶି ପ୍ରଦାନ କରାଯାଇଥିଲା ।



କୁଳସଚିବ ଡକ୍ଟର ନୃପରାଜ ସାହୁ ଶ୍ରୀ ଭୋରାଙ୍କ ପକ୍ଷରୁ ଏହି ସମ୍ମାନ ଗ୍ରହଣ କରିଥିଲେ । ସେହିପରି ବିଶିଷ୍ଟ ସାରସ୍ୱତ ସାଧକ ତଥା ନାଟ୍ୟକାର, ନିର୍ଦ୍ଦେଶକ ରାମକୃଷ୍ଣ ରଥଙ୍କୁ ସମ୍ମାନିତ କରାଯାଇଥିଲା । ଏହା ସହିତ ଶେଷରେ ବିଶ୍ୱବିଦ୍ୟାଳୟରୁ ଅବସର ନେଇଥିବା କର୍ମଚାରୀ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ପିଜି କାଉନସିଲ ଅଧ୍ୟକ୍ଷ ପ୍ରଫେସର ସଞ୍ଜୀତ ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ କୁଳସଚିବ ଡକ୍ଟର ନୃପରାଜ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଅଧାପକ ଧୀରେନ୍ଦ୍ର କୁମାର ନାୟକ ପାଇବେ ପି.ଏଚ୍.ଡି

ସୁବର୍ଣ୍ଣପୁର : ବିନିକା ସ୍ଥିତ ସିଦ୍ଧାର୍ଥ ଡିଗ୍ରୀ କଲେଜର ଅଧକ୍ଷ ଶ୍ରୀ ଧୀରେନ୍ଦ୍ର କୁମାର ନାୟକ ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ଅର୍ଥଶାସ୍ତ୍ରରେ ପି.ଏଚ୍.ଡି ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି । ସୁବର୍ଣ୍ଣପୁର ଜିଲ୍ଲାରେ 'ଧାନ ଚାଷ ଉପରେ ଶ୍ରୀ ନାୟକ ଭୁବନେଶ୍ୱର ସ୍ଥିତ ମଧୁସୁଦନ ଇନଷ୍ଟିଚ୍ୟୁଟ ଅଫ୍ କୋ-ଅପରେଟିଭ୍ ମ୍ୟାନେଜମେଣ୍ଟର ଅଧାପକ ଡକ୍ଟର ସଂଜୀବ କୁମାର ହୋତା ଏବଂ ବ୍ରଜରାଜନଗର କଲେଜର ଅବସରପ୍ରାପ୍ତ ପ୍ରାଧାପକ



ଡକ୍ଟର ସଚ୍ଚିଦାନନ୍ଦ ବକ୍ସିଙ୍କ ତତ୍ତ୍ୱାବଧାନରେ ଗବେଷଣା କରୁଥିଲେ । ରାଜସ୍ଥାନ ବିଶ୍ୱବିଦ୍ୟାଳୟର ପ୍ରଫେସର ବି.ଏଲ୍ ମାଥୁର ଏବଂ ଆସାମ ବିଶ୍ୱବିଦ୍ୟାଳୟର ପ୍ରଫେସର ଆଲୋକ ସେନ୍ ଶ୍ରୀ ନାୟକଙ୍କର ସନ୍ଦର୍ଭର ଉଚ୍ଚ ପ୍ରଶଂସା କରିଛନ୍ତି । ଶ୍ରୀ ନାୟକ ତାଙ୍କର ଏହି ସଫଳତା ପାଇଁ ତାଙ୍କ ସହ ଧର୍ମିଣୀ ମମତା, ଦୁଇ ପୁଅ ପ୍ରୀତମ ଓ ଶ୍ରୀତମଙ୍କୁ ଶ୍ରେୟ ଦେଇଛନ୍ତି । ସେ ସୁବର୍ଣ୍ଣପୁର ଜିଲ୍ଲା ଅନ୍ତର୍ଗତ ଅନ୍ତର୍ଡା ଗ୍ରାମର ରାଜେନ୍ଦ୍ର ପ୍ରସାଦ ନାୟକ ଏବଂ ଶ୍ରୀମତୀ ବାନଲତା ନାୟକଙ୍କ ପୁତ୍ର ତଥା ଘୋଡ଼ାଧାର ଗ୍ରାମର ସ୍ୱର୍ଗତ ଧର୍ମଦତ୍ତ ପୂଜାହାରୀ ଏବଂ ଶ୍ରୀମତୀ ସନ୍ତୋଷିନୀ ପୂଜାହାରୀଙ୍କ ଜାମାତା ଅଟନ୍ତି ।

## ଓମ୍ ପ୍ରକାଶ ଶାହାଙ୍କ ପରଲୋକ

ସମ୍ବଲପୁର : ସ୍ଥାନୀୟ ବୀର ସୁରେନ୍ଦ୍ର ସାଏ ମାର୍ଗର ସାହା ଟ୍ରେଡିଙ୍ଗ ଲିମିଟେଡର ମାଲିକ ତଥା ଜଣାଶୁଣା ବ୍ୟବସାୟୀ ଓମ୍ ପ୍ରକାଶ ଶାହାଙ୍କ ପରଲୋକ ହୋଇ ଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ପ୍ରାୟ ୭୨ ବର୍ଷ ବୟସ ହେଉଥିଲା । ଝାରସୁଗୁଡ଼ା ସହରର ମୂଳବାସିନ୍ଦା ସ୍ୱର୍ଗତ ଶାହା ଏଠାକୁ ଆସି ତାଙ୍କ ବନ୍ଧୁ ଜୟନ୍ତୀ ଲାଲ ପଟେଲଙ୍କ ସହ ମିଶି ଫର୍ଣ୍ଣିଚର ବ୍ୟବସାୟ ଆରମ୍ଭ କରିଥିଲେ । ପରେ ସେ ଝାରସୁଗୁଡ଼ାରେ ଶାହା ରିଫ୍ରେକ୍ଟିଜ୍ ମଧ ପ୍ରତିଷ୍ଠା କରିଥିଲେ । ଜଣେ ସଫଳ



ଶିଳ୍ପୋଦ୍ୟୋଗୀ ଥିବା ଶ୍ରୀ ଶାହା ଲାୟନ୍ସ କ୍ଲବ ସମେତ ବିଭିନ୍ନ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ସହ ଜଡିତ ଥିଲେ । ତାଙ୍କ ଅମାୟିକ ବ୍ୟବହାର ଯୋଗୁଁ ସେ ବେଶ୍ ଜନପ୍ରିୟ ଥିଲେ । ସ୍ଥାନୀୟ ରାଜଘାଟ ଠାରେ ବହୁ ବିଶିଷ୍ଟ ବ୍ୟକ୍ତି ତଥା ବ୍ୟବସାୟୀଙ୍କ ଉପସ୍ଥିତିରେ ତାଙ୍କର ଅନ୍ତ୍ୟେଷ୍ଟିକ୍ରିୟା ସମ୍ପନ୍ନ ହୋଇଥିଲା ।

Printed, Published and Owned by Hemanta Kumar Mahapatra, Printed at Impressions Press, Sambalpur, Office Phone: 0663-2400945
e-mail: hemantamahapatra@yahoo.com Editor : Hemanta Kumar Mahapatra